

ଚୌକାଛକା ବର୍ଷା କଲେ ଇଶାନ କିଶାନ ପୃଷ୍ଠା ୭


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 247 | ଭାଗ ୩୨ | ସଂଖ୍ୟା୨୪୭ | Bhubaneswar | Sunday 1 December 2024 | Page 8 Rs. 4.00 | ଭୁବନେଶ୍ୱର | ରବିବାର ୧ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଆନ୍ତଃରାଜ୍ୟ ସମନ୍ୱୟକୁ ମୋଦିଙ୍କ ଗୁରୁତ୍ୱ



**ଆଭ୍ୟନ୍ତରୀଣ ସୁରକ୍ଷା ନେଇ ଡିଜିପିଙ୍କ ସହ ମାନସମନ୍ଥନ**

**ବିକାଶ ପାଇଁ ମାଓମୁକ୍ତ ଭାରତ ଗଠନ ଜରୁରୀ**

**ଜେଲ ମାନୁଆଲରେ ନବୀକରଣ ପାଇଁ ପରାମର୍ଶ**

ଭୁବନେଶ୍ୱର,୩୦।୧୧ (ସଂଚାର ବ୍ୟୁରୋ): ପ୍ରଥମ ଥର ପାଇଁ ଓଡ଼ିଶାରେ ହେଉଛି ଡିଜିପି ସମ୍ମିଳନୀ। ଦେଶର ସବୁ ରାଜ୍ୟର ଡିଜିପିମାନେ ଯୋଗ ଦେଇଛନ୍ତି। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ରାଜ୍ୟ-ରାଜ୍ୟ ମଧ୍ୟରେ ସମନ୍ୱୟ ବୃଦ୍ଧି ସହ ଜେଲ ମାନୁଆଲର ଆଧିନୀକିକରଣକୁ ନେଇ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିଜିପିମାନଙ୍କ ସହ ଆଲୋଚନା କରିଛନ୍ତି। ୨୦୨୬ ସୁଦ୍ଧା ଦେଶରୁ ନିପାତ ହେବେ ମାଓବାଦୀ। ଏହି ଟାର୍ଗେଟ ନେଇ କାମ କରୁଛି ଗୃହ ମନ୍ତ୍ରଣାଳୟ। ଆଉ ଏହି ଲକ୍ଷ୍ୟ ହାସଲରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ରାଜ୍ୟ-ରାଜ୍ୟ ମଧ୍ୟରେ ସମନ୍ୱୟ ଓ ଗୁଇନ୍ଦା ତଥ୍ୟର ଆଦାନପ୍ରଦାନ। ନେପାଳରୁ ଆରମ୍ଭ କରି ତାମିଲନାଡୁ ପର୍ଯ୍ୟନ୍ତ ମାଓବାଦୀମାନେ ସେମାନଙ୍କ କାୟା ବିସ୍ତାର କରିଛନ୍ତି। ରାଜ୍ୟର ସୀମା ଡେଇଁ ସେମାନେ ଗୋଟିଏ ପରେ ଗୋଟିଏ ରାଜ୍ୟରେ ହିଂସାର ତାଣ୍ଡବ ଘଟାଉଛନ୍ତି ଆଉ ନିରୀହ ଆଦିବାସୀ ଓ ଗରିବ ଲୋକଙ୍କୁ ସରକାର ବିରୋଧୀ କରାଉଛନ୍ତି। ତେଣୁ ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

୨୦୩୬ ସୁଦ୍ଧା ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବାକୁ ହେଲେ ଦେଶ ମାଓ ମୁକ୍ତ ହେବା ଆବଶ୍ୟକ। ମାଓବାଦୀ କାର୍ଯ୍ୟକଳାପ ଯୋଗୁଁ ଉପାନ୍ତ ଅଞ୍ଚଳରେ ଭିତ୍ତିଭୂମୀ ବିକାଶ ବାଧାପ୍ରାପ୍ତ ହେବା ସହ ଲୋକକଙ୍କ ପାଖରେ ସରକାରୀ ଯୋଜନାର ସୁଫଳ ପହଁଚିପାରୁନି। ➪ପୃଷ୍ଠା-୬

ଅଭିମାନ ଢ଼ାଳିଲେ ଜୟନାରାୟଣ

## 'ମୁଁ ଜଣେ ତଡ଼ାଖିଆ ନେତା'



- ସ୍ମୃତିସଭାରେ ଅସନ୍ତୋଷ ଝାଡ଼ିଲେ
- ସମୀର ଦେଙ୍କ ପରି ମୋ ବିରୋଧରେ ଲୋକ ଲଗାଯାଇଛି
- ବିଜେପିରେ ସମସ୍ତଙ୍କୁ ସମାନ ନ୍ୟାୟ ମିଳେ:ମନମୋହନ

ଭୁବନେଶ୍ୱର,୩୦।୧୧ (ସଂଚାର ବ୍ୟୁରୋ): ସମୀର ଦେଙ୍କ ସ୍ମୃତି ସଭାରେ ଭାବପ୍ରବଣ ହୋଇ କହୁ କହୁ ମନରେ ଥିବା ପୁଞ୍ଜିଭୁତ ଅସନ୍ତୋଷ ଝାଡିଛନ୍ତି ବିଜେପିର ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର। ସେ ଜଣେ ତଡାଖିଆ ନେତା ଓ ଏବେ ବିଜେପିରେ ଥାଇ ମଧ୍ୟ ଅଣଦେଖା ହୋଇ ରହିଛନ୍ତି। ଦିବଂଗତ ବିଜେପି ନେତା ସମୀର ଦେଙ୍କ ପରି ତାଙ୍କ ବିରୋଧରେ ମଧ୍ୟ ସବୁବେଳେ ଜଣଙ୍କୁ ଦଳ ସେଟ କରିଥାଏ। ଏମିତି କାହିଁକି ହୁଏ ସେ ଜାଣିନାହାଁନ୍ତି, କିନ୍ତୁ ଏହା ତାଙ୍କ ଜୀବନର ଏକ ଅଙ୍ଗ ବୋଲି କହିଛନ୍ତି ଜୟନାରାୟଣ ମିଶ୍ର।

ଓଡ଼ିଶାରେ ବିଜେଡି ବିରୋଧରେ ବିଧାନସଭା ଓ ବିଧାନସଭା ବାହାରେ ଯଦି ବିଜେପିର ଜଣେ କେହି ନେତା ସବୁଠୁ ଅଧିକ ବିଷ ଓଗାଳୁଥିଲେ, ତେବେ ସେ ହେଉଛନ୍ତି ଜୟନାରାୟଣ ମିଶ୍ର। ଗତ ସରକାରରେ ଓଡ଼ିଶା ବିଧାନସଭାରେ ଏକା ଜୟନାରାୟଣ ବିଜେଡିର ୧୧୭ ବିଧାୟକଙ୍କ ଉପରେ ଭାରି ପଡୁଥିଲେ। ଜୟନାରାୟଣ ଫାଇଭ-ଟି ଓ ନବୀନ ପଟ୍ଟନାୟକଙ୍କୁ ନେଇ ବିଧାନସଭାରେ ଏମିତି ପ୍ରଶ୍ନ କରୁଥିଲେ ଯେ, ବିଜେଡି ବିଧାୟକମାନେ ନା ତାର ଜବାବ ଦେଇପାରୁଥିଲେ ନା ଚୁପ ରହିପାରୁଥିଲେ। ତେଣୁ ବିଜେଡି ବିରୋଧରେ ଜୟନାରାୟଣ ବିଜେପିର ଏକ ଫେସ ହୋଇଥିଲେ।

ହେଲେ ସରକାର ଗଠନର ଛଅ ମାସ ନହେଉଣୁ ଏମିତି କଣ ହେଲା ଯେ, ଜୟନାରାୟଣ ଦଳରେ ଥାଇବି ଅଲୋଡା ହୋଇଛନ୍ତି ଆଉ ତାଙ୍କ ମଧ୍ୟରେ ➪ପୃଷ୍ଠା-୬

## ବଢ଼ିଲା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ

ଭୁବନେଶ୍ୱର,୩୦।୧୧ (ସଂଚାର ବ୍ୟୁରୋ): ସରକାରଙ୍କ ବହୁ ପ୍ରଶଂସିତ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବଢ଼ାଇଛନ୍ତି ସରକାର। ପ୍ରଧାନମନ୍ତ୍ରୀ ପୋଷଣ ସ୍କିମରେ ରାଜ୍ୟ ସରକାର ଖର୍ଚ୍ଚ ବଢାଇଛନ୍ତି। ପ୍ରଥମରୁ ପଞ୍ଚମ ପିଲାଙ୍କ ପାଇଁ ମଧ୍ୟାହ୍ନ ଖର୍ଚ୍ଚ ୭ଟଙ୍କା ୬୪ ପଇସା କରାଯାଇଛି। ପୂର୍ବରୁ ପ୍ରଥମରୁ ପଞ୍ଚମ ପିଲାଙ୍କ ପାଇଁ ଖର୍ଚ୍ଚ ୫ ଟଙ୍କା ୯୦ ପଇସା ଥିଲା। ସେହିପରି ଷଷ୍ଠରୁ ଅଷ୍ଟମ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୧୦ ଟଙ୍କା ୯୪ ପଇସାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୮ ଟଙ୍କା ୮୨ ପଇସା ଥିଲା। ଡିସେମ୍ବର ୧ରୁ ବର୍ଦ୍ଧିତ ଖର୍ଚ୍ଚ ପ୍ରଦାନ କରାଯିବ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି। ଦରଦାମ ବୃଦ୍ଧି କାରଣରୁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବୃଦ୍ଧି କରିଛନ୍ତି ସରକାର। ଏନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ➪ପୃଷ୍ଠା-୬

## ଧାନ କିଣା ସମସ୍ୟାର ଆଶୁ ସମାଧାନ

**ପ୍ରତି ଜିଲ୍ଲାରେ ନୋଡାଲ ଅଧିକାରୀ ନିଯୁକ୍ତ**



ଭୁବନେଶ୍ୱର,୩୦।୧୧ (ସଂଚାର ବ୍ୟୁରୋ): ଚଳିତ ଖରିଫ ଋତୁରେ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ଚାଷୀମାନଙ୍କ ନିମନ୍ତେ ସରକାର ସମସ୍ତ ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି। କୃଷକମାନଙ୍କ ଧାନ ବିକ୍ରୟ ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ସମସ୍ତ ଜିଲ୍ଲାରେ ନୋଡାଲ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। କୃଷକମାନେ ଘରେ ବସି ସେମାନଙ୍କ ଟୋକନ ନମ୍ବର, ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରାପ୍ୟ ଆଦି ସଂପର୍କରେ ଜାଣିପାରିବେ। ଏଥି ସହ ଇଣ୍ଟରଆକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ ମଧ୍ୟ କାର୍ଯ୍ୟକ୍ଷମ ହୋଇଛି, ଯାହାଦ୍ୱାରା ଅଭିଯୋଗ ପଞ୍ଜିକରଣ ସହଜ ହୋଇଛି। ଏପରିକି ରାଜ୍ୟ ଖାଦ୍ୟଯୋଗାଣ ନିଗମ ପରିସରରେ ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ର ଖୋଲା ଯାଇଛି। କୌଣସି ଅଭିଯୋଗ ଥିଲେ ଚାଷୀମାନେ ୧୯୬୭କୁ ପ୍ରତ୍ୟକ୍ଷ ଭାବେ ଯୋଗାଯୋଗ କରିପାରୁଛନ୍ତି। ଗତ ମାସକ ମଧ୍ୟରେ ୧୬ ହଜାର ୫୮୪ଟି କଲ ଆସିଥିବା ବେଳେ ସେଥିମଧ୍ୟରୁ ଧାନ ସଂଗ୍ରହ ସଂକ୍ରାନ୍ତୀୟ ୧୪ ହଜାର ୭୨୮ଟି କଲ ରହିଛି। ସେହିଭଳି ୧୩ ହଜାର ୩୭୫ଟି ଆଉଟ ଗୋଇଙ୍ଗ ରହିଛି। ଏଥିମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ରାଶି ପ୍ରଦାନ ଓ ଧାନ ସଂଗ୍ରହ ଯାଞ୍ଚ ସମ୍ପର୍କିତ କଲ ରହିଥିବା ଜଣାପଡ଼ିଛି। ଏହି ଅଭିଯୋଗକୁ ଭିତ୍ତିକରି ଅଧିକାରୀମାନେ ଏହାକୁ ଯାଞ୍ଚ କରିବା ସହ ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏତଦବ୍ୟତୀତ ଅଭିଯୋଗ ପୋର୍ଟାଲରୁ ପ୍ରାପ୍ତ ସୂଚନାକୁ ମଧ୍ୟ ଅଧିକାରୀମାନେ ଯାଞ୍ଚ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି।

## ପୁଣି ପନ୍ନୁ ଦେଲା ଧମକ

- ବରିଷ୍ଠ ସାମ୍ବାଦିକଙ୍କୁ ଇ-ମେଲ୍‌ରେ ଅଡ଼ିଓ ବାର୍ତ୍ତା
- ସବୁ ଚ୍ୟାଲେଞ୍ଜର ସାମ୍ନା ପାଇଁ ପ୍ରସ୍ତୁତ: ଡିସିପି



ଭୁବନେଶ୍ୱର,୩୦।୧୧ (ସଂଚାର ବ୍ୟୁରୋ): ଡିଜିପି ସମ୍ମିଳନୀକୁ ଭଣ୍ଡୁର କରିବା ପାଇଁ ଭିଡିଓ ଜାରି କରିଥିବା ଖଲିସ୍ତାନ ଆତଙ୍କୀ ଗୁରୁପନ୍ତୱନ୍ତ ସିଂହ ପନ୍ନୁ ପୁଣି ଇ-ମେଲରେ ଧମକ ଦେଇଛି। ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କୁ ଖଲିସ୍ତାନୀ ଆତଙ୍କୀ ପନ୍ନୁ ଏହି ଇ-ମେଲ୍ ପଠାଇଛି। ସେ ପଠାଇଥିବା ଅଡିଓ ମେସେଜରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ରବିବାର ବିମାନ ଉଡ଼ାଣ ନ ଭରିବାକୁ ଧମକ ଦେଇଛି। ଏଥିସହ ଡିଜିପି ସମ୍ମିଳନୀକୁ ଭଣ୍ଡୁର କରିବାକୁ ଧମକ ଦିଆଯାଇଛି। ଅଡିଓରେ ମେସେଜରେ ଦର୍ଶାଯାଇଛି, ଖଲିସ୍ତାନୀ ପତାକା ଉଡ଼ାଇଲେ ୨୫ ଲକ୍ଷର ପୁରସ୍କାର ଦିଆଯିବ। ଶନିବାର ➪ପୃଷ୍ଠା-୬



## ବିମାନ ବନ୍ଦରରୁ ସନ୍ଦିଗ୍ଧ ବ୍ୟାଗ୍ ଠାବ

ଶିଖ ଫର ଜଷ୍ଟିସ୍ ପ୍ରତିଷ୍ଠାତା ତଥା ଖଲିସ୍ତାନୀ ଆତଙ୍କୀ ପନ୍ନୁର ଧମକ ପରେ ଭୁବନେଶ୍ୱର ବଜୁ ପଟ୍ଟନାୟକ ବିମାନ ବନ୍ଦର ଭିତରୁ ଅଜଣା ବ୍ୟାଗ୍ ଠାବ ହେବା ପରେ ଆତଙ୍କ ସୃଷ୍ଟି ହୋଇଛି। ବିମାନବନ୍ଦରରେ ମୃତୟନ ସିଆଇଏସ୍ଏଫ୍ ପକ୍ଷରୁ ସନ୍ଧାନୀ କୁକୁର ସହାୟତାରେ ଉକ୍ତ ବ୍ୟାଗକୁ ଯାଞ୍ଚ କରାଯାଇଛି। କିନ୍ତୁ ➪ପୃଷ୍ଠା-୬

ଏତେ ବଡ଼ ଆୟୋଜନ

## ସଞ୍ଜୀବ, ଶରତ ଅଲୋଡ଼ା





ଉତ୍ସବମୁଖର ସାରା ସହର। ୫୯ ତମ ଡିଜିପି ଓ ଆଇଜି ସମ୍ମିଳନୀ ପାଇଁ ରାଜଧାନୀରେ ଭିଭିଆଇପିଙ୍କ ଭିଡ଼। ସମସ୍ତ ରାଜ୍ୟର ଡିଜିପି, କେନ୍ଦ୍ରଶାସିତ ଅଞ୍ଚଳର ଆଇଜି ଉପସ୍ଥିତ ଅଛନ୍ତି। ଉଦଘାଟନୀ ଉତ୍ସବ ଦିନରୁ ହିଁ ଭୁବନେଶ୍ୱରରେ ଉପସ୍ଥିତ ଅଛନ୍ତି ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା। ଏସବୁ ଆୟୋଜନରେ କେନ୍ଦ୍ରୀୟ ଫୋର୍ସଙ୍କ ଯୋଗଦାନ ଥିଲେ ମଧ୍ୟ ସମସ୍ତ ଭାର ରହିଛି ଓଡ଼ିଶା ପୋଲିସ ଓ କମିଶନରେଟ ପୋଲିସ ଉପରେ। ପୋଲିସର ବିଭିନ୍ନ ବ୍ରାଞ୍ଚରେ ଥିବା ଅଧିକାରୀମାନଙ୍କ ଭିନ୍ନ ଭିନ୍ନ ଦାୟିତ୍ୱ ମିଳିଛି। ହେଲେ ଯେଉଁମାନେ ପୂର୍ବ କମିଶନରଙ୍କ ସମୟରେ ଲିଡ୍ ରୋଲ ନେଉଥିଲେ, ସେମାନଙ୍କର ଏହି ମହାପର୍ବରେ କିଛି ଦାୟିତ୍ୱ ନ ମିଳିବା ସଭିଙ୍କୁ ତାଜୁବ କରିଛି।

ଆମେ କହୁଛୁ ଆଡ଼ିସିନାଲ ଡିସିପି ସଞ୍ଜୀବ ଶତପଥୀ ଓ ଡିଏସ୍‌ପି ଶରତ ସାହୁଙ୍କ କଥା। ଡିଜିପି ସମ୍ମିଳନୀର ଆଖପାଖ ଏପରିକି ଆୟୋଜନ ଦାୟିତ୍ୱରେ ଏହି ଦୁଇ ଅଫିସରଙ୍କୁ ଦେଖିବାକୁ ମିଳୁନାହିଁ। ତତ୍କାଳୀନ କମିଶନର ସଞ୍ଜୀବ ପଣ୍ଡାଙ୍କ ସମୟରେ ଏମାନେ କୁଆଡେ ଥିଲେ ବେଶ ପାରିବାର। ସଞ୍ଜୀବ ସମ୍ଭାଳୁଥିଲେ ଗୁରୁ ଦାୟିତ୍ୱ। ଆଉ ଶରତଙ୍କ କଥା କହିଲେ ନସରେ। ସଞ୍ଜୀବଙ୍କ କହିବା ଠାରୁ ଆରମ୍ଭ କରି ଖାଇବା ଯାଏଁ ସବୁକିଛି ବୁଝୁଥିଲେ ଶରତ। ଏପରିକି କମିଶନର ସଞ୍ଜୀବ ପଣ୍ଡା ଉପସ୍ଥିତ ନ ଥିବା ବେଳେ ବିଭିନ୍ନ କ୍ରାଇମ ଡିଟେକ୍ସନ କେସରେ ଗଣମାଧ୍ୟମକୁ ବାଇଟ ମଧ୍ୟ ଦେଇଦେଉଥିଲେ। ହେଲେ ଏବେ କୁଆଡେ ସେକାଳ ପଖାଳ ଆଉ ନାହିଁ ବୋଲି କିଛି ଏସିପି କଟାକ୍ଷ କରି କହିଛନ୍ତି। ତାଙ୍କ ଚର୍ଚ୍ଚା ମୁତାବକ ଏମାନେ କୁଆଡେ ପୂର୍ବ ସରକାରରେ ସନ୍ନ୍ୟାସୀଙ୍କ ସହଯୋଗୀ ଭାବେ ଧରାପଡ଼ିବା ପରେ ଏବେ ତାଙ୍କ ଗୋଛି କଟାଯାଇଛି। ଗୋଠ ଖଣ୍ଡିଆ ଭାବେ ଧରାପଡ଼ିବା ପରେ ତାଙ୍କୁ ଏକଘରିଆ କରାଯାଇଛି। ଏପରିକି ଆଉ କିଛି ଅଫିସର ପୂର୍ବ ସରକାରରେ ଗୋହ୍ଲାପୁଅ ଥିବାବେଳେ ଏବେ ନୂଆ ଟିମରେ ଧୂଆ ମୂଳା ଭଳି ମିଶି ଯାଇଥିଲେ ସୁଦ୍ଧା ସଞ୍ଜୀବ ଓ ଶରତଙ୍କୁ ଏସବୁରୁ ଦୁରେଇ ରଖାଯିବା ଘଟଣାକୁ ନେଇ ବଢ଼ିଛି ଚର୍ଚ୍ଚା।

## ଓଡ଼ିଆ ସାହିତ୍ୟରେ ଅଛି ବିଶ୍ୱ ସମସ୍ୟାର ସମାଧାନ



- ବୈଷ୍ଣବ ପାଣିଙ୍କ ଆତ୍ମକାହାଣୀର ଓଡ଼ିଆ ଓ ଇଂରାଜୀ ଅନୁବାଦ ପୁସ୍ତକ ଲୋକାର୍ପିତ
- ମହାଲକ୍ଷ୍ମୀ ପୂଜା ଗୀତିନାଟ୍ୟ ଦେଖିଲେ ମନ୍ତ୍ରୀ
- ଓଡ଼ିଆ ମହାପୁରୁଷଙ୍କ ସ୍ମୃତିଚାରଣ ଲୋକଙ୍କ ମନରେ ଉତ୍ସାହ ବଢେ
- ଓଡ଼ିଶାର ଲୋକଙ୍କ ଚିନ୍ତାଧାରା ବ୍ୟାପକ ଓ ବିଶାଳ
- ଜନଜୀବନରେ ବୈଷ୍ଣବ ପାଣିଙ୍କ ଦୁର୍ମୂଲ୍ୟ ବିଚାର ସମସ୍ତଙ୍କୁ ପ୍ରେରଣା ଦେବ

ଭୁବନେଶ୍ୱର,୩୦।୧୧ (ସଂଚାର ବ୍ୟୁରୋ): ୨୦୩୬ ସୁଦ୍ଧା ଓଡ଼ିଶାକୁ ପୃଥିବୀର ଅଗ୍ରଣୀ ଅଞ୍ଚଳ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ କରିଛନ୍ତି। ତାଙ୍କ ଆହ୍ୱାନ କ୍ରମେ ଆମେ ସମସ୍ତେ ନିର୍ଦ୍ଧାରିତ ସମୟ ସୁଦ୍ଧା ଗଣକବି ବୈଷ୍ଣବ ପାଣି ଏବଂ ଓଡ଼ିଶାର ମହାପୁରୁଷଙ୍କ ବିଚାର ଆଧାରରେ ଓଡ଼ିଆ, ଭାଷା, ସଂସ୍କୃତି ତଥା ଓଡ଼ିଆ ଜାତିର ପୁନଃପରିଚୟ ତିଆରି କରିବା ପାଇଁ ଏକାଠି ହେବା। ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ଶହେ ବର୍ଷ ପୂରଣ କରୁଥିବା ବେଳେ କିପରି ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ପ୍ରତିଷ୍ଠିତ ହେବ ସେଥିପାଇଁ ସାମୂହିକ ଉଦ୍ୟମ କରିବା ଆବଶ୍ୟକ। ବିଶ୍ୱ ସମସ୍ୟା ସମାଧାନର ପ୍ରୟୋଗଶାଳା ଓଡ଼ିଆ ଭାଷା ସାହିତ୍ୟରେ ଅଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶନିବାର ଭୁବନେଶ୍ୱରରେ ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀ ମହୋତ୍ସବର ଉଦଯାପନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଉ ପ୍ରାୟ ୧୨ ବର୍ଷ ପରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଓଡ଼ିଶା ଶହେ ବର୍ଷ ପୂରଣ କରିବ। ଏହି ଅବଧି ମଧ୍ୟରେ ଓଡ଼ିଶାକୁ ବିଶ୍ୱର ଅଗ୍ରଣୀ ଅଞ୍ଚଳ କରିବା ପାଇଁ ଆବାଳବୃଦ୍ଧବନିତାଙ୍କୁ ଖୋଦ୍ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି । ଆଗାମୀ ୧୨ ବର୍ଷ ସବୁ ଓଡ଼ିଆଙ୍କ ପାଇଁ ଏକ ସୁବର୍ଣ୍ଣ ➪ପୃଷ୍ଠା-୬

## ଓଡ଼ିଶାରେ କମିଛି ମାଓ ଉପଦ୍ରବ



ଭୁବନେଶ୍ୱର,୩୦।୧୧ (ସଂଚାର ବ୍ୟୁରୋ): ଓଡ଼ିଶାରେ ନକ୍ସଲଙ୍କ ପ୍ରାଦୁର୍ଭାବ କମିଛି। ରାଜ୍ୟର ୭ଟି ଜିଲ୍ଲାରେ କିଛି ମାଓବାଦୀ ସକ୍ରିୟ ଅଛନ୍ତି। ଓଡ଼ିଶାରେ ୬୦ ରୁ ୭୦ ଜଣ ନକ୍ସଲ ସକ୍ରିୟ ରହିଛନ୍ତି। ମାଲକାନଗିରିର, କନ୍ଧମାଳ, କଳାହାଣ୍ଡି, ନୟାଗଡ଼, ବଲାଙ୍ଗୀର, ନୂଆପଡ଼ା ଜିଲ୍ଲାରେ ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ଦମନ ପାଇଁ ବିଏସ୍ଏଫ୍ ପ୍ରତିଶ୍ରୁତି ବଦ୍ଧ ରହିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଓଡ଼ିଶାରୁ ମାଓବାଦୀଙ୍କୁ ମୂଳୋତ୍ପାଟନ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଶାବ୍ୟକ୍ତ କରିଛନ୍ତି। ବିଏସ୍ଏଫ୍ ପାଖରେ ସମସ୍ତ ଟେକ୍ନୋଲଜି ମଧ୍ୟ ରହିଛି ବୋଲି ଡିଜିପି ଆଇଜିପି ସମ୍ମିଳନୀ ଅବସରରେ ➪ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

ଭାରତୀୟ ତଟସୁରକ୍ଷା ଏବଂ ସାମୁଦ୍ରିକ ସୀମା ଅଭିଯାନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପାକିସ୍ତାନକୁ ପଠାଉଥିବା ଅଭିଯୋଗରେ ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ଓଖା ଜେଟିରେ ମେକାନିକ ଦିପେଶ ଗୋହିଲକୁ ଗିରଫ କରିଛି। ଦିପେଶକୁ ଏଥିପାଇଁ ଦିନକୁ ୨00 ଟଙ୍କା ମିଳୁଥିଲା। ସେ ଜଣେ ପାକିସ୍ତାନୀ ଏଜେଣ୍ଟ ଠାରୁ ମଧ୍ୟ ୪୨ ହଜାର ଟଙ୍କା ପାଇଥିଲା।

ବାରାଣାସୀର କ୍ୟାଣ୍ଟନମେଣ୍ଟ ଷ୍ଟେସନର ପାର୍କିଂ ଏରିଆରେ ଭୟାବହ ଅଗ୍ନିକାଣ୍ଡ ଘଟି୨୦୦ ଗାଡି ଜଳି ପୋଡି ପାଉଁଶ ହୋଇଯାଇଛି।

ଡାହାଣୀ ସନ୍ଦେହରେ ରାଜସ୍ଥାନର ବୁନ୍ଦି ଜିଲ୍ଲାରେ ଜଣେ ମହିଳାଙ୍କ ଚୁଟି କାଟି, ମୁହଁରେ କଳା ବୋଳି ଓ ଗଛରେ ବାନ୍ଧି ଦୁଇ ଦିନ ଗରମ ଚେଙ୍କ ଦିଆଯାଇଛି। ପୁଲିସ୍ ପୀଡ଼ିତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି।

ବାଂଲାଦେଶର ଆଧ୍ୟାତ୍ମିକ ଗୁରୁ ଚିନ୍ମୟ କୃଷ୍ଣ ଦାସ ପ୍ରଭୁଙ୍କ ଗିରଫଦାରୀକୁ ନେଇ ଚାଲିଥିବା ହିଂସା ମଧ୍ୟରେ ଆଉ ଜଣେ ଇସ୍କନ ବାବା ଶ୍ୟାମ ଦାସ ପ୍ରଭୁଙ୍କୁ ଚଟୋଗ୍ରାମରୁ ଗିରଫ କରାଯାଇଛି।

ଉପନିର୍ବାଚନରେ ବିପୁଳ ଭୋଟରେ ବିଜୟ ହାସଲ କରିଥିବା ପ୍ରିୟଙ୍କା ଗାନ୍ଧି ଭଦ୍ରା ୱାୟନାଡ଼ର ଗସ୍ତ କରି ଏକ ଜନସମାବେଶରେ ଉଦ୍‌ବୋଧନ ଦେଇଛନ୍ତି। ଲୋକଙ୍କ ପାଇଁ ଦ୍ୱାର ସବୁବେଳେ ଖୋଲା ବୋଲି କହିଛନ୍ତି।

ଦକ୍ଷିଣ ଦିଲ୍ଲୀର ମାଲବ୍ୟନଗର ନିକଟରେ ପଦଯାତ୍ରା କରୁଥିବା ବେଳେ ଆପ୍ ମୁଖ୍ୟ ଅରବିନ୍ଦ କେଜରିୱାଲଙ୍କ ଉପରେ ତରଳ ପଦାର୍ଥ ମାଡ଼। ଜଣେ ଅଟକ।

ନୌସେନାର ବିମାନବାହୀ ଯୁଦ୍ଧପୋତ ଆଇଏନ୍ଏସ୍ ବିକ୍ରମାଦିତ୍ୟର ମରାମତି ଓ ଶୁଷ୍କ କରିବା ପାଇଁ କୋଚିନ ସିପ୍‌ୟାର୍ଡ ଲିଃ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟରେ ୧୨.୭.୫ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ।



### କାନ ଡେରିଥା

ମୋହନ ସରକାର ପାଇଲା
ମଲମ
ମୋଦି ଶାହାଙ୍କର ଗସ୍ତରେ
ବିଜେଡ଼ି ବାଲାଏ ହସୁଥିଲେ
ଯାହା
ଏବେ ହୋଇଗଲେ ବ୍ୟସ୍ତରେ।

## ନବୀନଙ୍କୁ ବ୍ରେକ୍ ଦେଲେ ସନ୍ୟାସୀ



**ଜିଲ୍ଲା ବୁଲାରେ ପୂର୍ଣ୍ଣଛେଦ**

**ଗୁମର ଖୋଲିବାର ଭୟ**



ଭୁବନେଶ୍ୱର,୩୦।୧୧ (ସଂଚାର ବ୍ୟୁରୋ): ବିଜେଡି ସଭାପତି ନବୀନ ପଟ୍ଟନାୟକ ନଭେମ୍ବର ମାସରୁ ଜିଲ୍ଲା ଗସ୍ତରେ ଯିବେ ବୋଲି ବିଜେଡି ଯେଉଁ ସୂଚନା ଦେଇଥିଲା ସେଥିରେ ଏକପ୍ରକାର ପୂର୍ଣ୍ଣଛେଦ ପଡ଼ିଛି। ନବୀନଙ୍କ ଏହି ଗସ୍ତରେ ଏବେ ସନ୍ୟାସୀ ବ୍ରେକ୍ ଲଗାଇଥିବା ନେଇ କର୍ମୀମାନେ ଚର୍ଚ୍ଚା କରୁଛନ୍ତି। କାରଣ ନବୀନ ଜିଲ୍ଲା ଗସ୍ତରେ ଯାଇଥିଲେ ଦଳର ନେତା ଓ କର୍ମୀମାନେ ତାଙ୍କ ଆଗରେ ସନ୍ୟାସୀଙ୍କ ଅସଲ ଚେହେରା ଖୋଲିବାର ଭୟ ଗୋଡାଉଥିଲା।

ନିର୍ବାଚନରେ ହାରିବା ପରେ ନବୀନଙ୍କ ମାନଭଞ୍ଜନ ସହିତ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଁ ପୁରୁଣା ଫର୍ମୁଲାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଦଳ ଦଳ ହୋଇ କର୍ମୀମାନେ ନବନୀ ନିବାସ ଓ ଶଙ୍ଖଭବନକୁ ବୁହାହୋଇ ଆସିଥିଲେ। ନିର୍ବାଚନ ପୂର୍ବରୁ ନବୀନ ନିବାସରେ ଯେଉଁଭଳି ଗହଳି ଲାଗୁଥିଲା ହାରିଲା ପରେ କିଛିଦିନ ସେହିଭଳି ମାହୋଲ ସୃଷ୍ଟି କରାଗଲା। ବାରଣ୍ଡାରେ କର୍ମୀ ଗହଳି କରିବାପରେ ନବୀନ ଆସି ଫଟୋ ଉଠାଇଥିଲେ। ନିବାସରେ ଏଭଳି ଗହଳି ପରେ ଶଙ୍ଖଭବନରେ ମଧ୍ୟ ବରାଦିଆ ଭିଡ ହୋଇଥିଲା। ତେଲଙ୍ଗିବାଜା ସହିତ ଯୋଡି ଶଙ୍ଖରେ ନବୀନଙ୍କୁ ସ୍ୱାଗତ କରାଯାଇଥିଲା। ମାଳ ମାଳ ଫଟୋଗ୍ରାଫର ଫଟୋ ଉଠାଇ ଚାଲିଥିଲେ। ଠିକ୍ ଯେଭଳି ମୁଖ୍ୟମନ୍ତ୍ରୀ ଥିବା ସମୟରେ ହେଉଥିଲା।

ଏହାପରେ କର୍ମୀଙ୍କ ଅନୁରୋଧରେ ନବୀନ ନଭେମ୍ବରରୁ ଜିଲ୍ଲା ଗସ୍ତ କରିବେ ବୋଲି ଘୋଷଣା କରାଯାଇଥିଲା। ଇତି ମଧ୍ୟରେ ନଭେମ୍ବର ସରିଗଲା। ହେଲେ ନବୀନ ନିବାସରୁ ବାହାରିଲେ ନାହିଁ। କେବଳ ଭୋଜି ଖାଇବାକୁ କଟକ ଯାଇଥିବାର ଦେଖିବାକୁ ମିଳୁଛି। ତେବେ ସବୁଠାରୁ ବଡ କଥା ହେଲା ନିର୍ବାଚନ ହାରିବା ପରଠାରୁ ପରଦା ପଛରେ ରହି ଦଳକୁ ନିୟନ୍ତ୍ରଣ କରୁଥିବା ସନ୍ୟାସୀ ନବୀନଙ୍କ ଏହି ଗସ୍ତର ବ୍ରେକ୍ ଦେଇଥିବା ନେଇ ଏବେ ଚର୍ଚ୍ଚା ହେବାରେ ଲାଗିଛି। ଏଭଳି ନିଷ୍ପତ୍ତିରେ ହତାଶ ହୋଇପଡ଼ିଥିବା ଦଳୀୟ କର୍ମୀମାନେ କହୁଛନ୍ତି ଯେ ନବୀନ ଜିଲ୍ଲା ଗସ୍ତରେ ଯାଇଥିଲେ ସେ ଏକୁଟିଆ ଯାଇଥାନ୍ତେ ଲୋକେ ତାଙ୍କ ଆଗରେ ସନ୍ୟାସୀଙ୍କ ଗୁମର ଖୋଲିଥାନ୍ତେ। ସନ୍ୟାସୀଙ୍କ ଷଡଯନ୍ତ୍ର ପାଇଁ ଦଳ କିଭଳି ନିର୍ବାଚନ ହାରିଲା ତାହା ଜଣାଇବାକୁ ଅନେକ ପ୍ରସ୍ତୁତ ବି ହୋଇଥିଲେ। ଏଭଳି ସୂଚନା ପାଇବାପରେ ସନ୍ୟାସୀ ନବୀନଙ୍କ ଗସ୍ତରେ ବ୍ରେକ୍ ଲଗାଇଛନ୍ତି। ଏହା ଏବେ ବିଜେଡି ମହଲରେ ଲାଗି ରହିଥିବା ଅସନ୍ତୋଷକୁ ତେଜିବାରେ ଲାଗିଛି। ଏପରିକି ନବୀନଙ୍କ ଜିଲ୍ଲା ଗସ୍ତ କାହିଁକି ନଭେମ୍ବରରେ ହେଲା ନାହିଁ ଓ କେବେ ହେବ ତାହା ସିଧାସଳଖ ନବୀନଙ୍କୁ ପଚାରିବାକୁ କିଛି ବିଜେଡି ନେତା ଓ କର୍ମୀ ଯୋଜନା କରୁଥିବା ସୂଚନା ମିଳୁଛି।

ଏଭଳି ସୁରାକ ପାଇଲା ପରେ ଏବେ ରାଜ୍ୟର ୪ଟି ଜୋନ୍‌ରେ ମେଗା କର୍ମୀ ସମ୍ମିଳନୀ ପାଇଁ ବିଜେଡି ସ୍ଥିର କରିଥିବା ➪ପୃଷ୍ଠା-୬

# ନିକିରାଇ ମୌଜାର ନକ୍ସା ପାଇଁ ଆବେଦନ କଲେ ହେବ ସଂଶୋଧନ



**କେନ୍ଦ୍ରାପଡା, ୩୦।୧୧ (ସଂଚାର ବ୍ୟୁରୋ):** ନିକିରାଇ ମୌଜାର ପ୍ରକାଶ ପାଇଥିବା ନକ୍ସା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ। ସରକାରୀ ସ୍ତରରେ କୌଣସି ସଂଶୋଧନ ହେଉନଥିବା କାରଣରୁ ଏହାକୁ ନେଇ ବିଭିନ୍ନ ସମୟରେ ଜମିଜମା ସୀମା ବିବାଦ, ମାଲି ମକଦ୍ଦମା ଓ ମାଡଗୋଳ ପ୍ରଭୃତି ହିଂସାତ୍ମକ ଘଟଣା ଘଟିବାରେ ଲାଗିଛି। କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅଧିନ ଏହି ଅଞ୍ଚଳ ହୋଇଥିବାରୁ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ନକ୍ସାରେ ବହୁ ତ୍ରୁଟି ଥିବାରୁ ଅଯଥାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । ଏହାର ସଂଶୋଧନ ପାଇଁ ବିଧାୟକ ଗଣେଶ୍ୱର ବେହେରା ବିଧାନସଭାରେ ପ୍ରଶ୍ନ ଉଥାପନ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଠାରୁ ସ୍ପଷ୍ଟୀକରଣ ଚାହିଁଥିଲେ। ଏହାର ଉତ୍ତର ରେ ମନ୍ତ୍ରୀ ଶ୍ରୀ ପୂଜାରୀ ବିଧାନସଭା ରେ ଉତର ରକି କହିଛନ୍ତି ଯେ, ନିକିରାଇ ମୌଜାର ଅଧିବାସୀ ମାନେ ଆବେଦନ କଲେ ସରକାର ଆଇନ ଅନୁଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ବିଧାୟକଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇ ଥିବାବେଳେ ନକ୍ସା ସଂଶୋଧନ ହେବାର ଆଶା ବହୁ ଗୁଣରେ ବଢିଯାଇଛି ।

## ଯାତ୍ରା କମିଟି ମହାସଂଘ ପକ୍ଷରୁ ଜିଲ୍ଲା କର୍ମକର୍ତ୍ତା ଚୟନ



**କେନ୍ଦ୍ରାପଡ଼ା, ୩୦।୧୧ (ସଂଚାର ବ୍ୟୁରୋ):** ଯାତ୍ରା କମିଟି ମହାସଂଘ ପକ୍ଷରୁ ଜିଲ୍ଲା କର୍ମକର୍ତ୍ତା ଚୟନ ସଭା ମା ଗୋଜବାୟାଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ଉମାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ସଭାପତି ଭାବେ ନାରାୟଣ ସାହୁ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରକାନ୍ତ ପଟନାୟକ,ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ମହାପାତ୍ର,ସହ ସମ୍ପାଦକ ନିରଞ୍ଜନ ନାୟକ,ସଂଯୋଜକ ବରଦାପ୍ରଶ୍ନନ ପତି, ସହ ସଂଯୋଜକ ଭାଗବତ ମୁଦୁଲି, କୋଷାଧକ୍ଷ ଜିତେନ୍ଦ୍ର କୁମାର ଜେନା ଉପଦେଷ୍ଟା କମିଟି ଅଧକ୍ଷ ପ୍ରଦୀପ୍ତ କୁମାର ଲେଙ୍କା, ହେମନ୍ତ ବିଶ୍ୱାଳ, ପ୍ରଶାନ୍ତ ମଲ୍ଲିକ ଏବଂ ମିଡ଼ିଆ ସେଲ ଅଧକ୍ଷ ଭାବେ ଦୈତାରୀ ଜେନାଙ୍କୁ ଚୟନ କରାଯାଇଥିଲା । ତେବେ ଯାତ୍ରାରେ ଅଶିଳତା କୁ ବିରୋଧ କରାଯିବା ସହ ଯାତ୍ରା ପାର୍ଟି ମାଲିକ ମାନଙ୍କ ମନମାନି କୁ ବିରୋଧ କରାଯିବ ବୋଲି ଏହି ବୈଠକରେ ଆଲୋଚନା କରାଯଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲା ଏକ ଚାଷ ଭିର୍ତ୍ତିକ ଜିଲ୍ଲା ହୋଇଥିବାରୁ ଏଠାକାର ଲୋକେ ଅଧିକ ଚାଷ ଉପରେ ନିର୍ଭର କରିଥାନ୍ତି । ତେଣୁ ବର୍ତ୍ତମାନ ସମୟରେ ଯାତ୍ରା ପାର୍ଟିର ଦର ଯାହା ହେଲାଣି ଜଣେ ମଧ୍ୟବିତ୍ତ ପରିବାରର ଲୋକ ଯାତ୍ରା ଦେଖିବାକୁ ଇଚ୍ଛା ଥିଲେ ମଧ୍ୟ ସେ ଲୋକଟି ଯାତ୍ରା ଦେଖିବାରୁ ବଞ୍ଚିତ ହେଉଛି । ତେଣୁ ଆଗାମୀ ଦିନରେ ଏସବୁକୁ ବରଖାସ୍ତ କରାଯିବନି ବୋଲି କମିଟିର କର୍ମକର୍ତା ମନେ ନିଜର ଅଭିଭାଷଣରେ ମତ ପ୍ରକାଶ କରିଥିଲେ ।

## ଶତାୟୁ ଭଜକୃଷ୍ଣ ମହାପାତ୍ରଙ୍କ ପରଲୋକ

**ମହାକାଳପଡ଼ା, ୩୦।୧୧ (ସଂଚାର ବ୍ୟୁରୋ):** ୧୧୦ ବର୍ଷ ବୟସରେ ଜଣେ ବୟସ୍କ ବୃଦ୍ଧଙ୍କ ଦେହାନ୍ତ ହେଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମର ଭଜକୃଷ୍ଣ ମହାପାତ୍ର। ୬ ଫେବୃଆରୀ ୧୯୧୪ ମସିହାରେ ଜନ୍ମଗ୍ରହଣ କରିଥିବା ଭଜକୃଷ୍ଣ ଜଣେ ନୈଷ୍ଟିକ ବ୍ରାହ୍ମଣ। ଅଞ୍ଚଳରେ ସେ ଭଜିଆ ନନା ଭାବରେ ବେଶ୍ ପରିଚିତ ଥିଲେ। ହୋମଯଜ୍ଞ ସହିତ ପୂଜାପାଠ କରି ଆସୁଥିଲେ। ଗତକାଲି ଅପରାହ୍ନ ୧.୧୫ ଘଟିକା ସମୟରେ ତାଙ୍କର ଦେହାନ୍ତ ହେଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୧୦ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିପିଏଲ୍ ପରିବାର ପାଇଁ ବିଜୁଳି ସାତ ସପନ

## ଡିବିରି ଆଲୁଅରେ କଟୁଛି ରାତି, ବିଲ୍ ପୈଠ ସତ୍ତ୍ୱେ ବିଦ୍ୟୁତ୍ ସଂଯୋଗ ହେଉନି





**କେନ୍ଦ୍ରାପଡ଼ା, ୩୦।୧୧ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିନି ବିଜୁଳି। ସରକାରଙ୍କ ଉନ୍ନତ ବ୍ୟବସ୍ଥା ଜଣେ ବିପିଏଲ ହିତାଧିକାରୀଙ୍କ ପାଇଁ ଅପହଞ୍ଚ ହୋଇପଡ଼ିଛି। ରାଜ୍ୟର କେହିବି ହିତାଧିକାରୀ ବିଦ୍ୟୁତ ସେବାରୁ ଯେପରି ବଞ୍ଚିତ ନହୁଅନ୍ତି ସେଥିପାଇଁ ସରକାର ବିଭିନ୍ନ ପ୍ରୟାସ ଆରମ୍ଭ କରିଛନ୍ତି। ହିତାଧିକାରୀ ମାନଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ହେଲେ ଜଣେ ଗରିବ ବିପିଏଲ ହିତାଧିକାରୀଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବାରେ ବିଫଳ ହୋଇଛି ବିଦ୍ୟୁତ ବିଭାଗ ।

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ବେରୁହାଁ ପଞ୍ଚାୟତ ଅନ୍ତର୍ଗତ ଖମଗାଁ ବିନ୍ଧା ଗ୍ରାମର ବଟ ମଲ୍ଲିକଙ୍କ ପୁଅ ନୃସିଂହ ମଲ୍ଲିକଙ୍କ କଥା । ନୃସିଂହ ଜଣେ ଗରିବ ବିପିଏଲ ଶ୍ରେଣୀଭୁକ୍ତ। ତାଙ୍କ ବିପିଏଲ କାର୍ଡ ନମ୍ବର ୧୫/୯୭ ରହିଛି। ବିପିଏଲ ଶ୍ରେଣୀଭୁକ୍ତ ହୋଇ ମଧ୍ୟ ସେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ଥିବା ସେ ସଂଚାରକୁ କହିଛନ୍ତି। କେବଳ ତାହା ନୁହେଁ ବିଦ୍ୟୁତ ସେବା ପାଇବା ପାଇଁ ସେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଦଉଡିବା ସହିତ ଗତ ୩ ଅକ୍ଟୋବର ୨୦୨୪ ରିଖ ଗୁରୁବାର ଦିନ ବିଦ୍ୟୁତ ଅଫିସରେ ୩୯୪୧ ଟଙ୍କା ପଇଠ ମଧ୍ୟ କରିଛନ୍ତି। ହେଲେ ଟଙ୍କା ପଇଠ କରିବାର ୨ ମାସ ପରେ ମଧ୍ୟ ନୃସିଂହ ମଲ୍ଲିକଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇନାହିଁ।

ଏଠି ପ୍ରଶ୍ନ ଉଠୁଛି ଯେ ଘଟଣାକୁ ୨ ମାସ ପରେ ମଧ୍ୟ କାହିଁକି ନୃସିଂହ ମଲ୍ଲିକଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେଇନାହିଁ ବିଦ୍ୟୁତ ବିଭାଗ? ଗରିବ ହିତାଧିକାରୀ ବୋଲି କର୍ମଚାରୀମାନେ ତାଙ୍କୁ ଅଣଦେଖା କରୁଛନ୍ତି ନା କର୍ମଚାରୀ ମାନଙ୍କ ସମୟ ଜ୍ଞାନର ଅଭାବ ହେଉଛି? ବିପିଏଲ ହିତାଧିକାରୀଙ୍କୁ ସରକାର ବିନା ମୂଲ୍ୟରେ ବିଦ୍ୟୁତ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ନୃସିଂହ ମଲ୍ଲିକଙ୍କୁ ଟଙ୍କା ପଇଠ କରିବାକୁ କାହିଁକି ପଡିଲା ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଆଶା କରୁଛୁ ଏହି ଖବର ଦେଖି ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ନିଦ ଭାଙ୍ଗିବ ଓ ନୃସିଂହ ମଲ୍ଲିକଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବାରେ ସହଯୋଗ କରି ତାଙ୍କ ଦୁଃଖ ଦୂର କରିବେ। ନୃସିଂହ ଙ୍କ ପାଖରେ କେବେ ବିଦ୍ୟୁତ ସେବା ପହଞ୍ଚାଉଛି ବିଦ୍ୟୁତ ବିଭାଗ ତାହା ଦେଖିବାକୁ ବାକି।

# କୃଷକ ସାଥୀ ସଂଘର କର୍ମକର୍ତ୍ତା ନିର୍ବାଚନ

**କେନ୍ଦ୍ରାପଡ଼ା, ୩୦।୧୧ (ସଂଚାର ବ୍ୟୁରୋ):** କୃଷକ ସାଥୀ ସଂଘର ବୈଠକ କେନ୍ଦ୍ରାପଡ଼ା ସହର ସ୍ଥିତ ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ମହେନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଉପ ସଭାପତି ଶୁଶାନ୍ତ ପାତ୍ର, ସମୀର ବିଶ୍ୱାଳ, ସଂପାଦକ ଅଜୟ କୁମାର ସାମଲ, କୋଷାଧ୍ୟକ୍ଷ ଦୁଷ୍ମନ୍ତ ପରିଡା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ରାଜ୍ୟ ଉପଦେଷ୍ଟା ଓ କଟକ ଜିଲ୍ଲାର ସଭାପତି ଲକ୍ଷ୍ମୀଧର ରାଉତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସଂଘକୁ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ ।

କାର୍ଯ୍ୟକ୍ରମରେ ଗଗନ ବିହାରୀ ଧଳ, ରବି ନାରାୟଣ ସାହୁ, ମଦନ ମୋହନ ମହାପାତ୍ର, ଲାଲ ମୋହନ ମିଶ୍ର, ଆଶୁତୋଷ ସିନ୍ହା, ହେମନ୍ତ କୁମାର ଦାସ, ସୁରେନ୍ଦ୍ର କୁମାର ସେଠୀଙ୍କୁ ଉପଦେଷ୍ଟା ମଣ୍ଡଳୀରେ ରଖାଯାଇଛି। ଏହି ଆଲୋଚନାରେ ଦୀର୍ଘ ୧୮ ବର୍ଷ ଧରି ପ୍ରତ୍ୟେକ ପଂଚାୟତରେ ୨ଜଣ କୃଷକ ସାଥୀ କାମ କରୁଛନ୍ତି। ସରକାର ଯେଉଁ ପ୍ରୋତ୍ସାହନ ରାଶି ଦେଉଛନ୍ତି, ତାହା ସନ୍ତୋଷ ଜନକ ନୁହେଁ। ମାସିକ ସର୍ବନିମ୍ନ ମଜୁରି ପ୍ରଦାନ କରିବା, ସାମାଜିକ ସୁରକ୍ଷା ଓ ବୀମାରାଶି ଆଦି ପ୍ରଦାନ କରିବା ଉପରେ ଅଲୋକପାତ କରାଯାଇ ଥିଲା।

# ରାଜ୍ୟସ୍ତରୀୟ ଇଜ୍‌ତମା ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡା, ୩୦।୧୧ (ସଂଚାର ବ୍ୟୁରୋ):** ଚଉଦକୁଲାଟ ଠାରେ ରାଜ୍ୟ ସ୍ତରୀୟ ଇଜ୍‌ତମା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଡେପୁଟି କଲେକ୍ଟର ଡ଼ ପଲ୍ଲବୀ ପ୍ରିୟଦର୍ଶିନୀ, ତହସିଲଦାର ତାପସ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ବିକେ ନାୟକ, ପୁର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରତୀକାନ୍ତ ବେହେରା, ଏସଡିଓ ଆଜାମୁଦ୍ଦିନ ଖାନ, ଅଗ୍ନିଶମ ଅଧିକାରୀ ଅମରୁନ ଗୌରବ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ଇଜ୍‌ତମା କମିଟିର ସଭାପତି ମହମ୍ମଦ ଅବତାଭ ଆଲାମ, ନାରାୟଣ ଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

ଆସନ୍ତା ଫ୍ରେବୃଆରୀ ମାସ ୭, ୮, ୯ ତିନି ଦିନ ଧରି ଇଜ୍‌ତମା ଅନୁଷ୍ଠିତ ହେବ। ଏଥିପାଇଁ ଚନ୍ଦନପୁର ଅଂଚଳରେ ଥିବା ପ୍ରାୟ ୧୦୦ ଏକର ଚାଷ ଜମିର ମାଲିକ ମାନଙ୍କ ଠାରୁ ଅନୁମତି ନିଆଯାଇଛି । ଏନେଇ ଶନିବାର ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରମୁଖ ଉପସ୍ଥିତ ରହି ଇଜ୍‌ତମା ପଡିଆରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା ଓ ଯାତାୟତ ରାସ୍ତା ଏବଂ ଗାଡି ପାର୍କିଂ ପାଇଁ ସ୍ଥାନ, ଟ୍ରାଫିକ ସମସ୍ୟା, ମୋବାଇଲ ଆମ୍ବୁଲାନ୍ସ, ଇଜ୍‌ତମା ଅଂଚଳକୁ ଅସ୍ଥାୟୀ ପାଣି ସଂଯୋଗ, ଅଗ୍ନି ସୁରକ୍ଷା, ୫ ଦିନ ମଦ ଦୋକାନ ବନ୍ଦ କରିବା ପ୍ରଭୃତି ସଂପର୍କରେ ଆଲୋଚନା କରାଯାଇଛି । ଜିଲ୍ଲାପାଳ ଓ ବିଧାୟକ ଏଗୁଡିକୁ ଯୋଗାଇ ଦେବାପାଇଁ ପ୍ରତିଶୃତି ଦେଇଛନ୍ତି । ଏଥି ସହିତ ରାଜ୍ୟର ୩୦ଟି ଜିଲ୍ଲାରୁ ଏହି ଧର୍ମ ସଭାରେ ଯୋଗ ଦେବାକୁ ଅସିବାକୁ ଥିବା ଭକ୍ତ ମାନଙ୍କର କୌଣସି ପ୍ରକାର ଅସୁବିଧା ନହୁଏ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲେଚନା କରାଯାଇ ଥିଲା ।

ଉକ୍ତ ଏହି ପ୍ରସ୍ତୁତି ବୈଠଖରେ ଇଜ୍‌ତମା କମିଟିର ସଭାପତି ଆଫତାବ ଆଲାମଙ୍କ ସମେତ କମିଟିର ଅନ୍ୟ ସଦସ୍ୟ ମାନେ ଜିଲ୍ଲାପାଳ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନଙ୍କୁ କୃତଜ୍ଞତା ଜଣାଇଥିଲେ। ବିଧାୟକ ଶ୍ରୀ ବେହେରା ଓ ଜିଲ୍ଲପାଳ ଶ୍ରୀ ପ୍ରଧାନ ଇଜ୍‌ତମା ରେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାପାଇଁ ପ୍ରତିଶୃତି ଦେଇଛନ୍ତି ।

## ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

# ମହାକାଳପଡ଼ା ଥାନାରେ ଏତଲା

**ମହାକାଳପଡ଼ା, ୩୦।୧୧ (ସଂଚାର ବ୍ୟୁରୋ):** ଜଣେ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ମାର୍ଶାଘାଇ ବ୍ଲକ୍ ବଡକୂଳ ଗ୍ରାମର ସୁବାଷ ସ୍ୱାଇଁ ଏକ ନିର୍ଦ୍ଦିଷ୍ଟ ସଂସ୍ଥାରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିନିଧି ଭାବରେ କାର୍ଯ୍ୟରତ ଅଛନ୍ତି। ଗତକାଲି ସେ ଜମ୍ବୁ -ମାର୍ଶାଘାଇ ରାସ୍ତା କାର୍ଯ୍ୟ ସମ୍ପର୍କରେ ଏକ ଖବର ପ୍ରସାରଣ ପାଇଁ ଯାଇଥିଲେ। କାର୍ଯ୍ୟ ହେଉଥିବା ସମୟରେ କେହି ନଥିବା ଯୋଗୁଁ ସେ ମୋବାଇଲ ରେ ଫଟୋ ଭିଡିଓ ଉତ୍ତୋଳନ କରି ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିଲେ। କିଛି ସମୟପରେ ଜଣେ କର୍ମଚାରୀ ସେଠାରେ ପହଞ୍ଚି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ସୁବାଷ ସେଠାରୁ ଆସିବା ପରେ ମହାକାଳପଡ଼ା ପେଟ୍ରୋଲ ପମ୍ପ ପାଖରେ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ସୁବାଷଙ୍କୁ ଅଟକାଇ ମାଡ଼ ମାରି ତାଙ୍କ ମୋବାଇଲ ଛଡ଼ାଇ ନେଇ ଉତ୍ତୋଳନ ହୋଇଥିବା ଫଟୋ ଭିଡିଓ ଡିଲିଟ କରିଦେଇଥିଲେ। ସେ ପିନ୍ଧିଥିବା ଏକ ସୁନା ଚେନ୍ ନେଇଯିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସୁବାଷ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ମହାକାଳପଡ଼ା ପୋଲିସ ଏତଲା ଆଧାରରେ ତଦନ୍ତ କରୁଛି। ଅନ୍ୟ ପକ୍ଷରେ ସୁବାଷଙ୍କ ନାମରେ ପାଲଟା ଅଭିଯୋଗ କରାଯାଇଥିବା ସୂଚନା ମିଳିଛି।



# ନଦୀ ପାଖ ଅଧିବାସୀଙ୍କୁ ବିନାମୂଲ୍ୟରେ ବାଲି ନେବାକୁ ଅନୁମତି ଦିଅ

## ଜିଲ୍ଲାପାଳଙ୍କୁ ଦାବି କଲା ମାଟି-ବାଲି-ପାଣି ସୁରକ୍ଷା ମଞ୍ଚ



**କେନ୍ଦ୍ରାପଡ଼ା, ୩୦।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଥିବା ନଦୀବନ୍ଧ ଗୁଡିକର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଅଧିବାସୀମାନଙ୍କୁ ସେହି ନଦୀରେ ଥିବା ବାଲିକୁ ବିନା ମୂଲ୍ୟରେ ନେବାକୁ ଜିଲ୍ଲାପାଳ ଅନୁମତି ଦିଅନ୍ତୁ ବୋଲି ମାଟି-ବାଲି-ପାଣି ସୁରକ୍ଷା ମଞ୍ଚ ପକ୍ଷରୁ ଆବାହକ ବିଧୁଭୂଷଣ ମହାପାତ୍ର ଦାବି କରିଛନ୍ତି। ଏ ନେଇ ମଞ୍ଚର ଆବାହକ ଶ୍ରୀ ମହାପାତ୍ର ଜିଲ୍ଲାପାଳ ସ୍ମୃତିରଞ୍ଜନ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ତାଙ୍କ ଦାବିପତ୍ରରେ ଦର୍ଶାଇଛନ୍ତି ଯେ ନଦୀବନ୍ଧର ଉଭୟ ପାର୍ଶ୍ୱର୍ରେ ବସବାସ କରୁଥିବା ଜନସାଧାରଣ ନଦୀରେ ବନ୍ୟାଜଳ ଆସିଲେ ପ୍ରତିବର୍ଷ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ବନ୍ୟାଜଳରେ ସେମାନଙ୍କ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଘରଦ୍ୱାର ଭାଙ୍ଗିଯାଏ, ଜମିରେ ବାଲିଚର ମାଡିଯାଏ, ଗୋରୁ, ଗାଈ, ଛେଳି, ମେଣ୍ଢା ପ୍ରଭୃତି ଖାଇବାକୁ ନ ପାଇ ମୃତ୍ୟୁବରଣ କରିଥାନ୍ତି, ରାସ୍ତାଘାଟ ଦୁର୍ବଳ ହୋଇପଡିବାରୁ ଗମନାଗମନ ପାଇଁ ବର୍ଷତମାମ୍ ଲୋକମାନେ ହଇରାଣ ହରକତ ହୋଇଥାନ୍ତି। ନଦୀରେ ବୋହି ଆସୁଥିବା ବନ୍ୟାଜଳ ପ୍ରଭାବରେ କ୍ଷତି ସହୁଥିବା ଜନସାଧାରଣଙ୍କୁ ସରକାର ମାଗଣାରେ ବାଲି ଉଠାଇବାକୁ ଅନୁମତି ଦିଅନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି ।

ଅତୀତରେ ବାଲି ନିଲାମ ନାଁରେ ସରକାର ଓ ସ୍ଥାନୀୟ ପ୍ରଶାସନ କେବଳ ବାଲି ମାଫିଆଙ୍କୁ ସୃଷ୍ଟି କରିଛନ୍ତି । ବାଲି ମାଫିଆମାନେ ପରବର୍ତ୍ତୀ ସମୟରେ ଗ୍ୟାଙ୍ଗଷ୍ଟର ହୋଇ କେନ୍ଦ୍ରାପଡାରେ ଆତଙ୍କ ସୃଷ୍ଟି କରିବା ସହ ଆଇନ ଶୃଙ୍ଖଳା ବ୍ୟାହତ କରିଛନ୍ତି । ଏବେ ଯେଉଁମାନେ ପୁଣି ବାଲିଘାଟ ନେଉଛନ୍ତି ସେମାନେ ମଧ୍ୟ ଗ୍ୟାଙ୍ଗଷ୍ଟରମାନଙ୍କ ପଥକୁ ଅନୁସରଣ କରି ଆଇନକୁ ହାତକୁ ନେଉଛନ୍ତି । ବାଲି ପରିବହନରେ କେନ୍ଦ୍ରାପଡା ଅଞ୍ଚଳ ପ୍ରଦୂଷିତ ହେଉଛି । ବାଲି ପରିବହନ ଯୋଗୁଁ ରାସ୍ତାଘାଟ ମରଣଯନ୍ତା ପାଲଟୁଛି । ହାଇୱା ଦୁର୍ଘଟଣାରେ ଏଯାବତ୍ ୫୦ଜଣ ମୃତ୍ୟୁବରଣ କରିଥିବା ବେଳେ ବାଲି ମାଫିଆଙ୍କ ପାଇଁ ସରକାରୀ କଳର ପ୍ରତ୍ୟହ ଦୁଇଘଣ୍ଟା ସମୟ ନଷ୍ଟ ହେଉଛି । ତେଣୁ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ନଦୀଘାଟରୁ ସାଧାରଣ ଲୋକମାନେ ବିନା ରୟାଲିଟି ଓ ବିନା ମୂଲ୍ୟରେ ବାଲି ନେବାକୁ ସେମାନଙ୍କୁ ସୁଯୋଗ ପ୍ରଦାନ ନିମନ୍ତେ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି।

ଏକମାସ ହେବ ଦୁଇ ବାଲି ମାଫିଆଙ୍କ ଯୁଦ୍ଧରେ ଏକଶହରୁ ଅଧିକ ଟ୍ରାକ୍ଟର ମାଲିକ, ଚାଳକ, ମୂଲିଆ ଓ ଦୁଇହଜାର ଶ୍ରମିକ ଉପବାସ ରହିଥିବା ମଞ୍ଚ ଅଭିଯୋଗ କରିଛି । ଏଣୁ ମାଟି-ବାଲି-ପାଣି ସୁରକ୍ଷା ମଞ୍ଚ ପ୍ରଥମ ଥର ପାଇଁ ଜିଲ୍ଲାର ସଦର ଥାନା ଗହଗା ଘାଟରୁ ଆସନ୍ତା ଡିସେମ୍ବର ୧ ତାରିଖରେ ବିନାମୂଲ୍ୟରେ ଟ୍ରାକ୍ଟର ଯୋଗେ ବାଲି ଉଠାଇବା ପାଇଁ ନିଷ୍ପତ୍ତି ନେଇଥିବାରୁ ଜିଲ୍ଲାପାଳ ଏଥିରେ ସହଯୋଗ କରିବାକୁ ମାଟି-ବାଲି-ପାଣି ସୁରକ୍ଷା ମଞ୍ଚ ପକ୍ଷରୁ ଆବାହକ ବିଧୁଭୂଷଣ ମହାପାତ୍ର, ଉତ୍ତମ ଚରଣ ସ୍ୱାଇଁ, ଚିତ୍ତରଞ୍ଜନ ରାଉତ, ଅଶୋକ ମୋହନ ଜେନା, ମାନସ ଜେନା, ସାନ୍ତନୁ କୁମାର ସାହୁ, ଦୁର୍ଯୋଧନ ଜେନା ପ୍ରମୁଖ ଦାବି କରିଛନ୍ତି ।

# ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାର ପ୍ରତିଷ୍ଠା ଉତ୍ସବ

**ପଟ୍ଟାମୁଣ୍ଡାଇ, ୩୦।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ବାଲୁଙ୍କେଶ୍ୱର ମହାରୁଦ୍ର ପୀଠର ପିଠାଧୀଶ ତପନ କୁମାର ଓଝାଙ୍କ ନିର୍ଦ୍ଦେଶରେ ସେବକ ଗଗନ ମହାଳିକଙ୍କ ତତ୍ତ୍ୱାବଧାନରେନେମାଳ ଅଚ୍ୟୁତଙ୍କ ପୀଠରୁ ଆଙ୍ଖାମାଳ ଗ୍ରାମରେ ପହଞ୍ଚିଥିଲା । ଏହା ପରେ ସହସ୍ର ଶ୍ରଦ୍ଧାଳୁ ଭକ୍ତଙ୍କ ଗହଣରେ ଗ୍ରାମର ବିଭିନ୍ନ ଦେବାଦେବୀ ମନ୍ଦିର ପରିକ୍ରମା କରାଯାଇ ଅଚ୍ୟୁତଙ୍କ ଗାଦି ନିକଟରେ ପହଞ୍ଚିଥିଲା।

ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ସାଧୁ ଅନାମ ଦାସ, ରଘୁନାଥ ଦାସ,୧୫ନଂ ଜୋନ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମ ଚନ୍ଦ୍ର ସେଠୀ, ତରଡ଼ିପାଳ ସମିତି ସଭ୍ୟ ନିରଞ୍ଜନ ବାରିକ, ଅଳପୁଆ ପୂର୍ବତନ ସମିତ ସଭ୍ୟ ଅକ୍ଷୟ ରାଉତ ଓ ଚନ୍ଦନ ସାହୁ, ପୂର୍ବତନ ସରପଞ୍ଚ ରମେଶ ଦାସ,କବି ନୃସିଂହ ରାଉତ, ସମାଜସେବୀ ସୁକାନ୍ତ ରାଉତ, ରଶ୍ମି କାନ୍ତ ବେହେରା, କୁର୍ତ୍ତିବାସ ସାହୁ ଓ ସମାଜ ସେବୀ ନରେନ୍ଦ୍ର ଧଳ ପ୍ରଧାନ ଯୋଗ ଦେଇଥିଲେ। ପଣ୍ଡିତ ଚନ୍ଦ୍ରଭାନୁ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ପଙ୍କଜ ପଣ୍ଡା, ଶ୍ରୀବନ୍ତ ପଣ୍ଡା, ପ୍ରଶାନ୍ତ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ରୀତିନୀତି ଓ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ଶେଷରେ ଆହୁତି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଂଚଳର ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ଆଜିଠୁ କୋଣାର୍କ ମହୋତ୍ସବ

# ଏବେ ବି ଅସ୍ତିତ୍ୱ ଖୋଜୁଛି ଧରମା !



**ନିମାପଡ଼ା, ୩୦।୧୧ (ସଂଚାର ବ୍ୟୁରୋ):** ଆଜିଠାରୁ ଆରମ୍ଭ ହେଉଛି ବିଶ୍ୱସ୍ତରୀୟ କୋଣାର୍କ ମହୋତ୍ସବ। ଚଳ ଚଞ୍ଚଳ ହୋଇଉଠିଛି ଅର୍କ କ୍ଷେତ୍ର। ପ୍ରାଚୀନ କୀର୍ତ୍ତିରାଜି ସମୂହ,ବିସ୍ତୀର୍ଣ୍ଣ ବେଳାଭୂମି ଓ ହଜାର ହଜାର ବର୍ଷର ମୂକସାକ୍ଷୀ,ଖଣ୍ଡ ବିଖଣ୍ଡିତ ନିର୍ଜୀବ ପ୍ରସ୍ତରରୁ, ନିହାଣ ମୂନର ସ୍ପର୍ଶ ପାଇଥିବା ପ୍ରତିରୂପ ଗୁଡ଼ିକ ସବୁ ଆଜି ଜୀବନ୍ୟାସ ପାଇ ଦେଶ ବିଦେଶରୁ ଆସିବାକୁ ଥିବା ପର୍ଯ୍ୟଟକ ମାନଙ୍କର ସ୍ୱାଗତ କରିବା ପାଇଁ ତତ୍ପର ହୋଇଉଠିଛନ୍ତି। କିନ୍ତୁ ସତରେ କଣ କୋଣାର୍କର ପରିଚୟ ପାଇଁ,କୋଣାର୍କର ସୌନ୍ଦର୍ଯ୍ୟ ପାଇଁ, କୋଣାର୍କକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଇତିହାସର ପୃଷ୍ଠାରେ ବଳିଦାନ ଦେଇଥିବା ଚରିତ୍ର ମାନଙ୍କ ଭିତରୁ ଗୋଟିଏ ଚରିତ୍ର ଧରମକୁ ସାକ୍ଷୀ କରିଥିବା ଧରମା ଆଜି ଖୁସିରେ ଅଛି! ନା ସେ ଆଜି ବି ଖୋଜୁଛି ତାର ଅସ୍ତିତ୍ୱ!

ଚଳିତ ବର୍ଷ ପର୍ଯ୍ୟଟନ ବିଭାଗ ପକ୍ଷରୁ ୩୫ତମ କୋଣାର୍କ ନୃତ୍ୟ ଉତ୍ସବ ଅନୁଷ୍ଠିତ ହେଉଥିବା ସ୍ଥଳେ ଅନ୍ୟ ପଟେ ୧୪ତମ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଚନ୍ଦ୍ରଭାଗା ଠାରେ ଆୟୋଜିତ ହୋଇଛି । ସେଥିପାଇଁ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । କୋଣାର୍କ ମୁକ୍ତକାଶ ରଙ୍ଗମଞ୍ଚ ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରଙ୍ଗୀନ ଆଲୋକ ଦ୍ୱାରା ସାଜସଜ୍ଜା ଖୁବ ଚମତ୍କାର ଓ ଆକର୍ଷଣୀୟ ଲାଗୁଚି। ଅପର ପକ୍ଷରେ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଯଦିଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉକ୍ତ ଉତ୍ସବକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦିଆଯାଇଛି କିନ୍ତୁ ସଡକ ପଥରେ ଆସୁଥିବା ପର୍ଯ୍ୟଟକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାତାୟତ କ୍ଷେତ୍ରରେ ହେଉ କିମ୍ବା ଯାନବାହାନ ପାଇଁ ଟ୍ରାଫିକ କ୍ଷେତ୍ରରେ ହେଉ ଅବା ପାର୍କିଂ ହେଉ,ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ।

ଅବ୍ୟବସ୍ଥାର ସମାଧାନର ସ୍ୱର ଉତ୍ତୋଳନ କଲେ ପ୍ରତ୍ୟେକ ଦିନ ଏଠି କେହି ନା କେହି ଧରମା ବଳି ପଡୁଛି ! ତେବେ କଣ ଧରମାର ଜନ୍ମ କେବଳ ବଳି ପଡ଼ିବା ପାଇଁ ! ନା ଧରମକୁ ଆଖି ଠାର ମାରି ଶାସନର ବ୍ୟବସ୍ଥାରେ ଥିବା କିଛି ଅନଭିଜ୍ଞ ଶିଳ୍ପୀକାର ମାନଙ୍କର ଚାଟୁ କାରିତା ପାଇଁ ଏମିତି ଅନେକ ଧରମା ବଳିପଡ଼ିଯିବେ ବିସ୍ତୀର୍ଣ୍ଣ ଜଳରାଶି ମଧ୍ୟରେ ଯୁଗ ଯୁଗ ପାଇଁ ! ତାହା ଏବେ ସ୍ଥାନୀୟ ବୁଦ୍ଧିଜୀବୀ ମାନଙ୍କର ମନରେ ପ୍ରଶ୍ନବାଚୀ ହୋଇ ରହିଛି !

# ପୃଷ୍ଠପୋଷକତା ଲାଭାର୍ଥୀମାନଙ୍କର ପରାମର୍ଶ ଶିବିର




**କେନ୍ଦ୍ରାପଡ଼ା, ୩୦।୧୧ (ସଂଚାର ବ୍ୟୁରୋ):** ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା "ମିଶନ ବାତ୍ସଲ୍ୟ ଯୋଜନା" ଅଧୀନରେ ପୃଷ୍ଠପୋଷକତା ଲାଭାର୍ଥୀମାନଙ୍କର ପରାମର୍ଶ ଶିବିର ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରୁ ନୂତନ ଭାବେ ପୃଷ୍ଠପୋଷକତାର ଲାଭାର୍ଥୀ ୪୧ ଜଣ ଓ ସେମାନଙ୍କ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଭାଗ ନେବା ସହିତ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଅର୍ଥରାଶିର ସୁବିନିଯୋଗ ନିମନ୍ତେ ପରାମର୍ଶ ଦିଆଯାଇଥିଲା ।

ତଥ୍ୟ ଅନୁସାରେ ଜିଲ୍ଲାରେ ୨୦୧୨ ମସିହା ଠାରୁ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଶିଶୁ ବିକାଶ ବିଭାଗ ତଥା ମିଶନ ବାତ୍ସଲ୍ୟ ଅଧୀନରେ ଏହି ପୃଷ୍ଠପୋଷକତା ଜିଲ୍ଲାରେ ଅବହେଳିତ ତଥା ପିତୃମାତୃହୀନ, ଆଇନ ସହ ଦ୍ୱନ୍ଦ୍ୱରେ ଥିବା ପିଲା, ଅନୁଷ୍ଠାନ ଫେରନ୍ତା, ଜେଲରେ ଥିବା ପିତାମାତାଙ୍କ ଶିଶୁମାନଙ୍କୁ ଯୋଗାଇ ଦିଆଯାଉଛି । ଉକ୍ତ ସୀମିତ ଅର୍ଥରାଶି ସରକାରଙ୍କ ତରଫରୁ ପ୍ରୋତ୍ସାହନ ସ୍ୱରୂପ ଯୋଗାଇ ସେମାନଙ୍କ ଖାଦ୍ୟ, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ନିଶ୍ଚିନ୍ତ କରାଇବା ପାଇଁ ପ୍ରଦାନ କରାଯାଉଅଛି । ଅଦ୍ୟାବଧି ୨୧୩ ଜଣ ପିଲାଙ୍କୁ ଉକ୍ତ ଯୋଜନାରେ ଜିଲ୍ଲାରେ ସାମିଲ କରାଯାଇଥିବା ସ୍ଥଳେ ବର୍ତ୍ତମାନ ୧୦୧ ଜଣଙ୍କୁ ପ୍ରୋତ୍ସାହନ ଚାଲୁ ରହିଛି ଏବଂ ବଳକା ଶିଶୁ ୧୮ ବର୍ଷର ପୂର୍ତ୍ତିରେ କିମ୍ବା ସୀମିତ ସମୟ ମଧ୍ୟରେ ଏହି ଯୋଜନାରୁ ବାଦ ପଡିଛନ୍ତି ।

ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶିଶୁମାନେ ଭଗବାନଙ୍କ ସ୍ୱରୂପ ଓ ସେମାନଙ୍କୁ ଉପଯୁକ୍ତ ଲାଳନ ପାଳନ, ସହଯୋଗ ଓ ପ୍ରୋତ୍ସାହନ ସରକାରଙ୍କ ତରଫରୁ ଯାହା କିଛିବି ରହିଛି ତାକୁ ଅଭିଭାବକ ଉପଯୁକ୍ତ ଭାବେ ଯତ୍ନ ଓ ସୁରକ୍ଷା ଦିଗ ପ୍ରତି ଯତ୍ନବାନ ହେଲେ ଶିଶୁର ପ୍ରକୃତ ଅଭିବୃଦ୍ଧି ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ ଏଥିରେ ସମସ୍ତଙ୍କର ଭାଗୀଦାରୀ ରହିଛି ଯାହାକି ସାମାଜିକ ଜୀବନରେ ଭବିଷ୍ୟତ ବଂଶଧର ମାନଙ୍କୁ ଗଢିତୋଳିବା ପାଇଁ ଏକ ସୁଯୋଗ ଅଟେ । ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ସ୍ୱାଗତ ଅଭିଭାଷଣ ସହିତ ଉପଯୁକ୍ତ ବିନିଯୋଗ ନିମନ୍ତେ ଯୋଜନା ସମ୍ପର୍କିତ ପ୍ରବଧାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥି ସହିତ ଜିଲ୍ଲା ମଙ୍ଗଳ ଅଧିକାରୀ, ଅଧ୍ୟକ୍ଷା, ଶିଶୁ ମଙ୍ଗଳ କମିଟି ଏବଂ ଅଣଆନୁଷ୍ଠାନିକ ଅଧିକାରୀ ଉକ୍ତ ଯୋଜନା ସମ୍ପର୍କିତ ସମସ୍ତ ନିର୍ଦ୍ଦେଶାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ ।

# ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**ଯାଜପୁର,୩୦/୧୧(ସଂଚାର ବ୍ୟୁରୋ):** ଯାଜପୁର ସହରସ୍ଥ କୁଆଁସରପୁର ଚାଲୁଣିଆ ସାହିରେ ଯାଜପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ସମୟରେ ବ୍ରାଉନସୁଗାର ସହିତ ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ବ୍ରାଉନସୁଗାର ବେପାରୀ ହେଲେ ରଞ୍ଜନ କୁମାର ପାତ୍ର (୨୫)। ତାଙ୍କ ଠାରୁ ୩୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କା ହୋଇଥିବା ଅବକାରୀ ପ୍ରଦୀପ କୁମାର ରଥ ସୂଚନା ଦେଇଛନ୍ତି।



ଜୀବନ ଅମୃତ ଅନୁଚିନ୍ତା

ଜୀବନର ସଙ୍କଳ୍ପ-ଜୀବନ କହିଲେ କେବଳ ଧନ ସଞ୍ଚୟକୁ ବୁଝାଏ ନାହିଁ। ଜୀବନ ହେଉଛି କର୍ମର ସମ୍ଭାର। ଜୀବନ ହେଉଛି ଏକ ସଙ୍କଳ୍ପ ଯାହାର ଉଦ୍ଦେଶ୍ୟ କେବଳ ଈଶ୍ୱରଙ୍କ ନିର୍ଦ୍ଦେଶକୁ ପରିପାଳନ କରିବା।

SANCHAR
ସଂଚାର

୪ | ରବିବାର ୧ ଡିସେମ୍ବର ୨୦୨୪, ଭୁବନେଶ୍ୱର

Sunday 1 December 2024 | Bhubaneswar

# ଇସ୍କନକୁ ଟାର୍ଗେଟ କାହିଁକି

ବିଶ୍ୱରେ କୃଷ୍ଣ ଚେତନାର ପ୍ରଚାର ପ୍ରସାର କରିବା ଏବଂ ଶାନ୍ତି ତଥା ମାନବିକତାର ବାର୍ତ୍ତା ପ୍ରଚାର କରିବା ପାଇଁ ଇସ୍କନ ଗଠନ କରାଯାଇଛି। ଏହାକୁ ଏକ ଧାର୍ମିକ ବା ମୌଳବାଦୀ ସଙ୍ଗଠନ ବୋଲି କୁହାଯାଇପାରିବ ନାହିଁ। ଏଥିରେ ସାମିଲ ହେବାକୁ କାହାକୁ ପ୍ରଲୋଭନ ବା ଧମକ ଚମକ ଦିଆଯାଏନି। ଖ୍ରୀଷ୍ଟିଆନ ମିସନାରି ସଂସ୍ଥା ବା ମୌଳବାଦୀ ଇସଲାମିକ ସଙ୍ଗଠନ ସହ ଏହାକୁ ତୁଳନା କରାଯିବା ଅନୁଚିତ। ହିନ୍ଦୁ ଧର୍ମର ପ୍ରଚାର ପ୍ରସାର ନୁହେଁ, ଗୀତାର ମହତ ବାଣୀକୁ ଲୋକଙ୍କୁ ଅବଗତ କରାଇବା ହେଉଛି ଏହାର ଉଦ୍ଦେଶ୍ୟ। ଅନେକ ସେବା କାର୍ଯ୍ୟରେ ମଧ୍ୟ ଏହା ଲିପ୍ତ। କାହାଠାରୁ ଯୋର ଜବରଦସ୍ତ ଚାନ୍ଦା ଆଦାୟ ମଧ୍ୟ କରାଯାଏନି। ଅସ୍ତ୍ର ଧାରଣ କରିବା ଦୂରର କଥା, ଏହାର ସଦସ୍ୟମାନେ କେବେ ବାଡ଼ି ଖଣ୍ଡିଏ ମଧ୍ୟ ଧରିବା କେହି କେବେ ଦେଖି ନାହିଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ବାଂଲାଦେଶରେ ଏହାକୁ ଦେଶବିରୋଧୀ କାର୍ଯ୍ୟରେ ଲିପ୍ତ ଅଭିଯୋଗରେ ବ୍ୟାନ କରିବା ଦାବି ହେଉଛି। ଦେଶଦ୍ରୋହ ଅଭିଯୋଗର ଏହାର ମୁଖ୍ୟ କୃଷ୍ଣଦାସ ବ୍ରହ୍ମଚାରୀଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଅଭିଯୋଗର କୌଣସି ପ୍ରାଥମିକ ପ୍ରମାଣ ମଧ୍ୟ ନାହିଁ। ଅଥଚ ତାଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରି ଦେଇଛନ୍ତି। ଭାରତ ସରକାର ଏଥିନେଇ ଉଦବେଗ ପ୍ରକାଶ କରିଛନ୍ତି। ଏହା ମାନବାଧିକାର ଉଲ୍ଲଙ୍ଘନର ଚରମ ଉଦାହରଣ। କିନ୍ତୁ ତଥାକଥିତ ଧର୍ମନିରପେକ୍ଷ ଏବଂ ମାନବାଧିକାର ସୁରକ୍ଷା ନେଇ ବଡ଼ ବଡ଼ କଥା କହୁଥିବା ବ୍ୟକ୍ତିମାନେ ଅସ୍ୱାଭାବିକ ଭାବେ ନିରବତା ଅବଲମ୍ବନ କରିଛନ୍ତି। କହିବା ବାହୁଲ୍ୟ ଯେ, ବାଂଲାଦେଶରେ ଶେଖ ହାସିନା କ୍ଷମତାଚ୍ୟୁତ ହୋଇ ଦେଶ ଛାଡ଼ି ପଳାୟନ କରିବା ପଛରେ ଏକ ବଡ଼ ଆନ୍ତର୍ଜାତିକ ଷଡ଼ଯନ୍ତ୍ର ରହିଛି। ଭାରତ ବିରୋଧୀ ଶକ୍ତିମାନେ ଯୋଜନାବଦ୍ଧ ଭାବେ ଦେଶରେ ହିଂସାକାଣ୍ଡ ସୃଷ୍ଟି କରି ହାସିନାଙ୍କୁ ବିଦା କଲେ। କାରଣ ହାସିନା ଜଣେ ଗଣତାନ୍ତ୍ରିକ ଚିନ୍ତାଧାରା ସମ୍ପନ୍ନ ନେତ୍ରୀ, ଧର୍ମନିରପେକ୍ଷ ଏବଂ ଭାରତ ସପକ୍ଷବାଦୀ ଥିଲେ। ତାଙ୍କ ଶାସନ କାଳରେ ଦେଶରେ ଭାରତ ବିରୋଧୀ ଶକ୍ତି ଏବଂ ମୌଳବାଦୀମାନେ ମୁଣ୍ଡ ଟେକି ପାରୁନଥିଲେ। ପାକିସ୍ତାନ, ଚୀନର ଷଡ଼ଯନ୍ତ୍ର ସଫଳ ହୋଇପାରୁନଥିଲା। ତେଣୁ ତାଙ୍କୁ ଶୀଘ୍ର କିପରି କ୍ଷମତାରୁ ବିଦା କରାଯିବ ସେଥିଲାଗି ଉଦ୍ୟମ କରାଗଲା। ଶେଷରେ ସେମାନଙ୍କ ଷଡ଼ଯନ୍ତ୍ର ସଫଳ ହେଲା। ହାସିନା ଦେଶ ଛାଡ଼ି ଚାଲିଯିବା ପରେ ଏବେ ବାଂଲାଦେଶରେ ଅରାଜକତା ଦେଖା ଦେଇଛି। ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କରାଯାଉଛି। ଅନେକ ହତ୍ୟାର ଶିକାର ହେଲେଣି। ଦେଶରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ହେଉଛି। ଅତ୍ୟାଚାର ସହିନପାରି ହିନ୍ଦୁମାନେ ଯେପରି ଦେଶ ଛାଡ଼ି ପଳାଇବେ ସେଥିଲାଗି ପ୍ରୟାସ କରାଯାଉଛି। ଏବେ ବାଂଲାଦେଶକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ପରିବର୍ତ୍ତେ ଏକ ଇସଲାମିକ ରାଷ୍ଟ୍ରର ମାନ୍ୟତା ଦେବାକୁ ବିଚାର କରାଯାଉଛି। ବାଂଲାଦେଶର ମଧ୍ୟବର୍ତ୍ତୀକାଳିନ ସରକାରର କିଛି କର୍ତ୍ତୃତ୍ୱ ନାହିଁ। ମହମ୍ମଦ ୟୁନୁସ ଜଣେ ସଖି କଣ୍ଢେଇ ଶାସକ। ସେନା ନିୟନ୍ତ୍ରଣରେ ସେ ରହିଛନ୍ତି। ଏହାର ସୁଯୋଗ ନେଇ ମୌଳବାଦୀ, ଭାରତ ବିରୋଧୀ ଶକ୍ତିମାନେ ସକ୍ରିୟ ହୋଇ ଉଠିଛନ୍ତି। କିଛି ଦିନ ତଳେ ବାଂଲାଦେଶରେ ହିନ୍ଦୁ ସମ୍ପ୍ରଦାୟର ଜଣେ ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତି ଇସ୍କନର ମୁଖ୍ୟ କୃଷ୍ଣଦାସ ବ୍ରହ୍ମଚାରୀଙ୍କୁ ଦେଶ ଦ୍ରୋହ ଅଭିଯୋଗରେ ଗିରଫ କରାଯାଇଛି। ଇସ୍କନ ଭଳି ଏକ ସଂସ୍ଥା କେବେ କୌଣସି ଷଡ଼ଯନ୍ତ୍ରରେ ଲିପ୍ତ ନଥାଏ। ବାଂଲାଦେଶ ହାଇକୋର୍ଟରେ ଦେଶରେ ଇସ୍କନକୁ ବ୍ୟାନ କରିବା ନିମନ୍ତେ ଏକ ପିଟିସନ ଦାଖଲ ହୋଇଥିଲା। ଏହାକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଅଭିଯୋଗର ପ୍ରମାଣ ଉପସ୍ଥାପନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ଅତ୍ୟାଚାର ଏକ ଅତି ସାଂଘାତିକ ପ୍ରସଙ୍ଗ। ବାଂଲାଦେଶକୁ ଆଉ ଏକ ପାକିସ୍ତାନ ବା ଆଫଗାନିସ୍ତାନରେ ରୂପାନ୍ତରଣ ପାଇଁ ଉଦ୍ୟମ ହେଉଛି। ପାକିସ୍ତାନ ଓ ଆଫଗାନିସ୍ତାନକୁ ଯେପରି ଯୋଜନାବଦ୍ଧ ଉପାୟରେ ହିନ୍ଦୁ ଶୂନ୍ୟ କରାଗଲା ବାଂଲାଦେଶକୁ ମଧ୍ୟ ଅନୁରୂପ ଭାବେ ହିନ୍ଦୁମୁକ୍ତ କରିବାକୁ ପ୍ରୟାସ କରାଯାଉଛି। ବାଂଲାଦେଶରେ ସୃଷ୍ଟି ହୋଇଥିବା ପରିସ୍ଥିତି ନେଇ ଅନେକ ଦେଶ ଉଦବେଗ ପ୍ରକାଶ କରିଛନ୍ତି। କିନ୍ତୁ ଭାରତରେ କୃଷକ ଆନ୍ଦୋଳନକୁ ସମର୍ଥନ କରୁଥିବା, ମଣିପୁର ହିଂସା ନେଇ ବଡ଼ ପାଟି କରୁଥିବା ବ୍ୟକ୍ତି ବା ସଙ୍ଗଠନ ମାନେ ଆଶ୍ଚର୍ଯ୍ୟଜନକ ଭାବେ ନିରବତା ଅବଲମ୍ବନ କରୁଛନ୍ତି। ଏହାକୁ କହନ୍ତି ମିଛ ଧର୍ମନିରପେକ୍ଷତା। ବାଂଲାଦେଶ ପରିସ୍ଥିତି ନେଇ ଗ୍ରେଟା ଥନବର୍ଗ ଆଜି ପର୍ଯ୍ୟନ୍ତ କାହିଁକି ମୁହଁ ଖୋଲି ନାହାଁନ୍ତି? ମଣିପୁର ପରିସ୍ଥିତି ନେଇ ପ୍ରତିକ୍ରିୟାଶୀଳ ହୋଇଥିବା ୟୁରୋପୀୟ ରାଷ୍ଟ୍ରସଂଘରେ ବାଂଲାଦେଶ ହିଂସାକୁ କାହିଁକି ନିନ୍ଦା କରାଯାଉନି? କାରଣ ହେଲା ଭାରତର ବିକାଶ ଏବଂ ସମ୍ମାନ ନେଇ ଅସହିଷ୍ଣୁତା। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାରକୁ ବଦନାମ କରିବା ଏବଂ କ୍ଷମତାଚ୍ୟୁତ କରିବା ପାଇଁ ବରାବର ଷଡ଼ଯନ୍ତ୍ର ଚାଲିଛି। ଏପରିକି ଷଡ଼ଯନ୍ତ୍ରକାରୀମାନେ ଭାରତରେ କୋଭିଡ ମହାମାରୀରେ ଯେପରି ବହୁ ସଂଖ୍ୟାରେ ଆକ୍ରାନ୍ତ ହେବେ ଏବଂ ପ୍ରାଣ ହରାଇବେ ସେଥିପାଇଁ ମଧ୍ୟ ଉଦ୍ୟମ କରାଯାଉଥିଲା। ବାଂଲାଦେଶ ଆଉ ଏକ ପାକିସ୍ତାନରେ ପାକିସ୍ତାନ ବା ଆଫଗାନିସ୍ତାନରେ ପରିଣତ ନହେଉ ଏହାକୁ ସୁନିଶ୍ଚିତ କରିବା କେବଳ ଭାରତ ନୁହେଁ, ବିଶ୍ୱର ସବୁ ସଭ୍ୟ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରର ଦାୟିତ୍ୱ। ଆଜିକୁ ୫୦ ବର୍ଷ ହେବ ପାକିସ୍ତାନ ଯେଉଁ ଉଦ୍ୟମ କରୁଥିଲା ତାହା ଏବେ ସାକାର କରିବାକୁ ସୁଯୋଗ ସୃଷ୍ଟି କରାଯାଉଛି। ବାଂଲାଦେଶରେ ଏଭଳି ଅରାଜକତା ଏବଂ ଅସ୍ଥିରତା ସେହି ଦେଶ ପାଇଁ ବିପଦ। ଦେଶର ଆର୍ôଥକ ସ୍ଥିତି କରାପ ହେବାକୁ ଲାଗିଲାଣି। ଏଭଳି ସ୍ଥିତି ଲାଗି ରହିଲେ ପାକିସ୍ତାନ ଭଳି ବାଂଲାଦେଶ ନାଗରିକମାନେ ମଧ୍ୟ ଦାଣ୍ଡର ଭିକାରୀ ହୋଇଯିବେ। ଶ୍ରୀଲଙ୍କା ଭଳି ଏହା ଦେବାଳିଆ ସ୍ଥିତିକୁ ଚାଲିଯିବ। ଚୀନ ଭଳି ରାଷ୍ଟ୍ର ଏହା ହିଁ ଚାହାଁନ୍ତି। ଅନ୍ୟର ଆର୍ôଥକ ସ୍ଥିତିକୁ ଦୁର୍ବଳ କରି ଏହାକୁ ଋଣଯନ୍ତାରେ ପକାଇବା ଏବଂ ଏହାକୁ କବଜା କରିବା ହେଉଛି ଚୀନର ଉଦ୍ଦେଶ୍ୟ। ଏହାକୁ ବାଂଲାଦେଶର ସାଧାରଣ ନାଗରିକମାନେ ବୁଝିବାକୁ ଉଦ୍ୟମ କରିବା ଉଚିତ।

# କ୍ୟାନସରକୁ କୁହ ନା



କାଳି ଦାସ

କ୍ୟାନସରର ନା ଶୁଣିଲେ ହିଁ ଲୋକମାନେ ଡରି ଯାଆନ୍ତି।ପ୍ରତି ବର୍ଷ ବିଶ୍ୱ ରେ ୯.୬ ମିଲିୟନ ଲୋକ ଏହି ଭୟାବହ ରୋଗ ରେ ମୃତ୍ୟୁ ବରଣ କରିଥାନ୍ତି। ସାଧାରଣ ଲୋକ ଙ୍କୁ କ୍ୟାନସର ବିଷୟ ରେ ସତର୍କ କରିବା ପାଇଁ ବିଶ୍ୱ କ୍ୟାନସର ଦିବସକୁ ପାଳନ କରାଯାଏ। କ୍ୟାନସର ସାଧାରଣ ପେଣ୍ଡେମିକ ପରି ଜଣଙ୍କଠାରୁ ଅନ୍ୟଜଣଙ୍କୁ ବ୍ୟାପୀ ନ ଥାଏ।ତେଣୁ କ୍ୟାନସର ଦ୍ୱାରା ଆକ୍ରମିତ ଲୋକଙ୍କ ପାଖକୁ ଯିବା ପାଇଁ ଡରିବା କଥାନୁହେ। କ୍ୟାନସର ହେଲା ଏମିତି ଏକ ରୋଗ ଯେଉଁଥିରେ ଦେହରେ ଥିବା ସେଲ୍‌ଗୁଡିକ ଅନିୟନ୍ତ୍ରିତ ଭାବରେ ଭାଙ୍ଗି ଚାଲନ୍ତି ଏବଂ ଦେହର ଅନ୍ୟ ଟିସୁଗୁଡ଼ିକୁ ନଷ୍ଟ କରିଚାଲନ୍ତି। କ୍ୟାନସରରେ ଶିକାର ମଣିଷର ଶରୀର ଭିତରେ କ୍ୟାନସରର ସେଲଗୁଡିକ ବଢିବା ସହିତ ଶରୀର ବିଭିନ୍ନ ସ୍ଥାନକୁ ମଧ୍ୟ ବ୍ୟାପୀ ଥାନ୍ତି।

କ୍ୟାନସରର ଅନେକ କାରଣ ଭିତରୁ ଗୋଟିଏ କାରଣ ହେଲା ଟବାକୋ, ପାନ, ପୁଡିଆ ପରି ନିଶା ଦ୍ରବ୍ୟର ସେବନ।ଏହି ନିଶା ଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିମାନେ ପ୍ରାୟତଃ କ୍ୟାନସରର ଶିକାର ହୁଅନ୍ତି। ସେଥିପାଇଁ ଟବାକୋ ଥିବା ନିଶା ଦ୍ରବ୍ୟ ବିକ୍ରିୟ ପଦାର୍ଥଗୁଡିକରେ ସତର୍କତା ଘୋଷଣା କରାଯାଇଥାଏ ଏବଂ ଟବାକୋ ସେବନ ଦ୍ୱାରା ହୋଇଥିବା କ୍ୟାନସର ଛବି ମଧ୍ୟ ସେଥିରେ ଛପା ହୋଇଥାଏ। କିନ୍ତୁ ସାଧାରଣ ଲୋକ ଯେଉଁମାନେ ପାନ, ପୁଡିଆ ବା ସିଗେରେଟ ଖାଇଥାନ୍ତି ସେମାନେ ଏ ସମସ୍ତ ସତର୍କବାଣୀକୁ ଭ୍ରୁକ୍ଷେପ କରନ୍ତି ନାହିଁ। କେତେକ ଲୋକମାନଙ୍କର ବିଶ୍ୱାସ ଏହି ଯେ ନିଶା ଦ୍ରବ୍ୟ ଖାଇବା ଦ୍ୱାରା ମୁଖରେ କ୍ୟାନସର ବା ଫୁସଫୁସରେ କ୍ୟାନସର ହୋଇଥାଏ କିନ୍ତୁ ଏହି ନିଶା ଦ୍ରବ୍ୟଗୁଡିକ ରକ୍ତରେ କ୍ୟାନସରର କାରଣ ମଧ୍ୟ ହୋଇଥାନ୍ତି। ଆଜିକାଲି ଛୋଟ ପିଲାମାନଙ୍କୁ ମଧ୍ୟ କ୍ୟାନସର ହେବା ଦେଖା ଯାଉଛି। ଛୁଆମାନଙ୍କ ଭିତରେ ଲ୍ୟୁକେମିଆ, ବ୍ରେନ ଟ୍ୟୁମର ଏବଂ ଲିମ୍ଫୋମିଆ କ୍ୟାନସର ଦେଖା ଯାଇଥାଏ।

ସେହିପରି ମହିଳାମାନଙ୍କ ଭିତରେ ମୁଖ୍ୟତଃ ବ୍ରେଷ୍ଟ କ୍ୟାନସର, ଲଙ୍ଗସ୍ କ୍ୟାନସର ଏବଂ କୋଲୋରେକଟାଲ କ୍ୟାନସର ଦେଖାଯାଇଥାଏ। ପୁରୁଷମାନଙ୍କ ଭିତରେ ପ୍ରୋଷ୍ଟେଟ କ୍ୟାନସର ଲଙ୍ଗସ୍ କ୍ୟାନସରର ଏବଂ କଲୋରେକଟୋଲ କ୍ୟାନସର ଦେଖାଯାଏ। କ୍ୟାନସର ରୋଗ କେବଳ ରୋଗୀକୁ କଷ୍ଟ ଦେଇନଥାଏ ବରଂ ସମଗ୍ର ପରିବାରକୁ କଷ୍ଟ ଦେଇଥାଏ। କ୍ୟାନସରର ଚିକିତ୍ସା ବ୍ୟୟ ସପେକ୍ଷା ତା ସହିତ କ୍ୟାନସର ଥରେ ଭଲ ହେଲା ପରେ ପୁଣି ଫେରି ଆସିବାର ଭୟ ରହିଥାଏ। କ୍ୟାନସର ରୋଗୀକୁ ମାନସିକ ଦୁଶ୍ଚିନ୍ତା ଭିତରକୁ ଠେଲିଦିଏ। କ୍ୟାନସରର ପଛରେ ଅନେକ କାରଣ ରହିଥାଏ ଯେମିତିକି ବୟସ, ଖାଦ୍ୟ, ଜେନେଟିକ, ବଦ ଆଭ୍ୟାସ ଇତ୍ୟାଦି। ସେହିପରି କ୍ୟାନସର



ମୁଖତଃ ବ୍ୟାପୀ ଥାଏ ହାଡରେ, ଲିଭରରେ ଓ ଲଙ୍ଗସ୍‌ରେ।

ବିଶ୍ୱରେ ପ୍ରତିଦିନ କ୍ୟାନସର ରୋଗୀ ଏବଂ କ୍ୟାନସାରଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ଚାଲିଛି। ତେଣୁ ଏକ ସୁସ୍ଥ ସମାଜ ଓ ସୁସ୍ଥ ବିଶ୍ୱର ପରିକଳ୍ପନା ଆମେ ସେତେବେଳେ କରିପାରିବା, ଯେତେବେଳେ ଆମେ କ୍ୟାନସରକୁ ନିଜର କବଳରେ ରଖିପାରିବା।

ବିଶ୍ୱ କ୍ୟାନସର ଦିବସ ପ୍ରତି ବର୍ଷ ୪ ଫେବୃଆରୀରେ ପାଳନ କରାଯାଇଥାଏ। ଏହି ଦିନ ସାଧାରଣଲୋକଙ୍କୁ କ୍ୟାନସର ରୋଗ ବିଷୟରେ ଅବଗତ କରାଯାଇଥାଏ ଏବଂ ଏଥିରୁରୁ ମୁକ୍ତି ପାଇବା ପାଇଁ ସଚେତନ କରାଯାଇଥାଏ। ଆଜି ପୁରା ବିଶ୍ୱ କ୍ୟାନସରକୁ ଡରୁଛି। କ୍ୟାନସର ରୋଗର ମୁଖ୍ୟ କାରଣ ହେଲା ଅନିୟମିତ ଖାଦ୍ୟର ସେବନ, ତମାଖୁ, ଗୁଟକା, ଗୁଡାଖୁର ସେବନ। ତେଣୁ ଏହିସବୁ ଅନିମିୟତା ବିଷୟରେ ଲୋକଙ୍କୁ ସଚେତନ କରିବା ଏହାର ମୂଳ ଉଦ୍ଦେଶ୍ୟ। ଅନେକ ଥର ଲୋକଙ୍କୁ ସଚେତନ କରିବା ପରେ ମଧ୍ୟ ଲୋକମାନେ ସଚେତନ ନହେବା ଯୋଗୁଁ ଲୋକମାନେ କ୍ୟାନସର ରୋଗରେ ପୀଡିତ ହେଉଛନ୍ତି ଏବଂ କୋଟି କୋଟି ଟଙ୍କା ଚିକିତ୍ସା ନିମନ୍ତେ ଖର୍ଚ୍ଚ ହେଉଛି। ନିକଟରେ ଭାରତର ଜଣେ ଅଭିନେତ୍ରୀ ଏବଂ ଭାରତ କ୍ରିକେଟ ଟିମ୍‌ର ଜଣେ କ୍ରିକେଟ ଖେଳାଳି ଏହି କ୍ୟାନସର ରୋଗରେ ପିଡିତ ହୋଇଥିଲେ ଏବଂ କ୍ୟାନସରରୁ ମୁକ୍ତି ମଧ୍ୟ ପାଇଛନ୍ତି।

କ୍ୟାନସର ରୋଗକୁ ଲୁଚେଇବା ଏବଂ ଡରିବା ଯୋଗୁଁ ଅନେକ ସମୟରେ ରୋଗୀକୁ ଚିକିତ୍ସାରୁ ବଞ୍ଚିତ କରାଯାଏ। କ୍ୟାନସରର ସନ୍ଦେହ ହେଲେ ସାଙ୍ଗେ ସାଙ୍ଗେ ତାର ପରୀକ୍ଷା ଓ ତାର ଚିକିତ୍ସା କରାଗଲେ, ଆମେ ଅନେକାଂଶରେ କ୍ୟାନସରରୁ ମୁକ୍ତି ପାଇପାରିବା।

କଥାରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ ପ୍ରତ୍ୟେକ ମଣିଷର ମୂଳ ଲକ୍ଷ୍ୟ ହେବା କଥା ଏକ ସୁସ୍ଥ ଜୀବନ ବିତାଇବା ପାଇଁ। ନିଜ ସ୍ୱାସ୍ଥ୍ୟ କେମିତି ଭଲ ରହିବ ତା ଉପରେ ଚିନ୍ତା କରିବା କଥା। ୧୯୩୩ ର ଆନ୍ତର୍ରାଷ୍ଟ୍ରୀୟ କ୍ୟାନସର ନିୟନ୍ତ୍ରଣ ସଂଘ ଦ୍ୱାରା ପ୍ରଥମ ଥର ପାଇଁ ସ୍ୱିଜରଲେଣ୍ଡ ର ଜେନିଭା ସହର ରେ ବିଶ୍ୱ କ୍ୟାନସର ଦିବସ ପାଳନ କରାଯାଇଥିଲା। ଏହି ଦିବସରେ କ୍ୟାନସର ବିଷୟରେ ଲୋକଙ୍କୁ ଜାଗୃତ, ଶିକ୍ଷିତ ଏବଂ ସଚେତନ କରାଯାଇଥିଲା। କ୍ୟାନସରରୁ ମୁକ୍ତି ପାଇବା ପାଇଁ ବିଭିନ୍ନ ସରକାରଙ୍କୁ ଏ ବିଷୟ ରେ ବୁଝେଇବା ପାଇଁ ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ କେମିତି କ୍ୟାନସରରୁ ବଞ୍ଚାଇବା ସେହି ବିଷୟରେ ସଚେତନ କରିବା ପାଇଁ ଏହାର ମୂଳ ଉଦ୍ଦେଶ୍ୟ ଥିଲା।

ଆଜିର ଦିନ ରେ ମଧ୍ୟ ପ୍ରତି ବର୍ଷ ୬ ଲକ୍ଷ୍ୟ ଲୋକ କ୍ୟାନସର ଦ୍ୱାରା ମୃତ୍ୟୁବରଣ କରୁଛନ୍ତି। ୪୦ ଲକ୍ଷ୍ୟ ଲୋକ ୩୦ ରୁ ୪୦ ବର୍ଷ ଆୟୁ ପୂର୍ବରୁ ମୃତ୍ୟୁବରଣ କରିସାରିଲେଣି। ଏଥିପାଇଁ ସମୟ ପୂର୍ବରୁ ଏହି ରୋଗ ବିଷୟରେ ସାଧାରଣଲୋକଙ୍କୁ ଜାଗୃତ କରିବା ଦରକାର ଏବଂ ଲୋକଙ୍କୁ ଶିକ୍ଷିତ କରିବା ଦରକାର ତା ସହିତ କ୍ୟାନସରଠାରୁ ଲୋକଙ୍କ ଜୀବନ କେମିତି ବଞ୍ଚିପାରିବ ତା ପାଇଁ ସମସ୍ତେ ଜାଗ୍ରତ କେବା ଦରକାର।

ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋବାଇଲ୍: ୭୨୦୫୧୦୦୮୩୯

# ଶ୍ରୀଜଗନ୍ନାଥଙ୍କ ମାମୁଘର ପ୍ରାଚୀ ଉପତ୍ୟକାର ଦୂର୍ଗାମାଧବ ମନ୍ଦିର

ମଙ୍ଗଳମଂ ଭଗବାନ ବିଷ୍ଣୁଃ, ମଙ୍ଗଳମଂ ମଧୁସୂଦନଃ।
ମଙ୍ଗଳମଂ ପୁଣ୍ଡରିକାକ୍ଷେ,
ମଙ୍ଗଳମଂ ଗରୁଡ଼ଧ୍ୱଜଃ।
ମାଧବୋ ମାଧବେ ବିଷ୍ଣୁଃ,
ମାଧବୋ ମାଧବେ ହରିଃ।
ପୁରନ୍ତି ମାଧବୋ ନିତ୍ୟଂ,
ସର୍ବକାର୍ଯ୍ୟେଷୁ ମାଧବଃ।

ପୁଣ୍ୟତୋୟା ପ୍ରାଚୀ ନଦୀ ଅତୀତ ରେ ମହାନଦୀ ର ମୁଖ୍ୟ ଶାଖା ନଦୀ ଥିଲା ବୋଲି ଗବେଷକ ଓ ଐତିହାସିକ ମାନେ ପ୍ରକାଶ କରିଆସି ଛନ୍ତି। ପ୍ରାଚୀ ନଦୀ ଉପତ୍ୟକା ରେ ପ୍ରସ୍ତର ଯୁଗ ସମୟ ରୁ ବିଭିନ୍ନ ସଭ୍ୟତା ରହି ଆସିଥିବା ପ୍ରମାଣ ମିଳି ସାରିଛି। ଜଳ ପଥ ସେ ସମୟରେ ଗମନାଗମନ କରିବାର ସୁପଥ ଥିଲା। ପ୍ରାଚୀ ନଦୀ ଦୀର୍ଘ ଦଶନ୍ଧି ଧରି ସୁନାବ୍ୟା ଥିବାରୁ ଏହା ସେ ସମୟ ରେ ମୁଖ୍ୟ ଗମନାଗମନ ର ପଥ ଥିଲା। ଏହି କାରଣରୁ ପ୍ରାଚୀ ନଦୀ ର ଉଭୟ ପାଶ୍ୱ କୂଳରେ ଧୀରେ ଧୀରେ ଜନବସତି ମାନ ଗଢି ଉଠିଥିଲା। ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବେ ପ୍ରାଚୀ ନଦୀ ଥିଲା ଓ ଏହାର ଦୁଇ ପାଶ୍ୱ ରେ ଜନବସତି ବା ସଭ୍ୟତା ଗଢି ଉଠିଥିଲା ବୋଲି ଅନେକ ଐତିହାସିକ ମତ ଦେଇଛନ୍ତି। ପ୍ରାଚୀନ କଳିଙ୍ଗ ଐରବଂଶୀ, ଚେଦୀ ବଂଶୀ, ଭୌମକର ବଂଶୀ, ସୋମ ବଂଶୀ, ସୂର୍ଯ୍ୟ ବଂଶୀ, ଗଙ୍ଗ ବଂଶୀ ଶାସକ ମାନଙ୍କ ଦ୍ୱାରା ଶାସିତ ହୋଇଥିଲା।ସଂସ୍କୃତି, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଧର୍ମ, ତପ, ତୀର୍ଥ, ନୌବାଣିଜ୍ୟ, କୃଷି, ପଶୁପାଳନ ତଥା ସର୍ବୋପରି ଜୀବନ ଜୀବିକା ର ଏକ ଗାରିମାମୟ ସଙ୍ଗମ ଥିଲା ପ୍ରାଚୀ ଉପତ୍ୟକା। ଶ୍ରୀ ଜଗନ୍ନାଥ ସଂସ୍କୃତି ର ପୂର୍ବ ସଂସ୍କୃତି ମାଧବ ସଂସ୍କୃତି ଥିଲା ବୋଲି ଗବେଷକ ଓ ଐତିହାସିକ ମାନେ ମତ ଦେଇଛନ୍ତି। ପ୍ରାଚୀ ଉପତ୍ୟକା ଅତୀତ ରେ ମାଧବ ଉପାସନା ର ପ୍ରମୁଖ ଅଞ୍ଚଳ ଥିଲା ବୋଲି ବିଭିନ୍ନ ପୁସ୍ତକ ରେ ବର୍ଣ୍ଣିତ ହୋଇଛି। ୭ ମ ରୁ ୧୩ ଶ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିବା କମନୀୟ ମାଧବ ମୂର୍ତ୍ତି ସବୁ ଏବେ ବି ବିଭିନ୍ନ ସ୍ଥାନ ରେ ପୂଜା ପାଉଥିବା ଦେଖିବାକୁ ମିଳେ। ପ୍ରାଚୀ ଉପତ୍ୟକା ଅଞ୍ଚଳ ରେ ଏବେ ବି ୩୦ ରୁ ଉର୍ଦ୍ଧ୍ୱ ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ କମନୀୟ ମାଧବ ମୂର୍ତ୍ତି ପୂଜା ପାଉଥିବା ବେଳେ ଅନେକ ମାଧବ ମନ୍ଦିର କାଳ ର କରାଳ ଗତି ରେ ଧ୍ୱଂସ ପାଇଯାଇଛି। ପ୍ରାଚୀ ଉପତ୍ୟକା ଅଞ୍ଚଳ ରେ ପୂଜା ପାଉଥିବା ମାଧବ ମୂର୍ତ୍ତି ଗୁଡ଼ିକ ରୁ ଅଧିକାଂଶ ବାସୁଦେବ ନାରାୟଣ ଙ୍କ ରୂପ ବୋଲି ଐତିହାସିକ ସ୍ୱର୍ଗତ ଶ୍ୟାମସୁନ୍ଦର ତ୍ରିପାଠୀ ତାଙ୍କ ଗବେଷଣାତ୍ମକ ଗ୍ରନ୍ଥ 'ବୁଦ୍ଧିଜିମ ଆଣ୍ଡ ଅଦର ରିଲିଜିୟସ କଲଟ ଅଫ ସାଉଥ ଇଷ୍ଟ ଇଣ୍ଡିଆ 'ରେ ପ୍ରକାଶ କରିଛନ୍ତି।ବାସୁଦେବ ନାରାୟଣ ଙ୍କ ରୂପ ସହିତ ବିଷ୍ଣୁ ଙ୍କ ଅନନ୍ତ ଶୟନ ରୂପ, ବାମନ, ବରାହ, ନୃସିଂହ ଅବତାର ର ରୂପ ମୂର୍ତ୍ତି ମଧ୍ୟ ପ୍ରାଚୀ ଉପତ୍ୟକା ରେ ପୂଜା ପାଉଥିବା ଦେଖିବାକୁ ମିଳେ। ଏଣୁ ପ୍ରାଚୀ ଉପତ୍ୟକା ରେ ମାଧବ ଉପାସନା ବେଶ ଲୋକପ୍ରିୟତା ହାସଲ କରିଥିଲା।ପ୍ରତ୍ନତତ୍ତ୍ୱ ବିଭାଗ ର ପୂର୍ବତନ ଅଧ୍ୟକ୍ଷ ଡ଼ଃ. ପ୍ରଶାନ୍ତ କୁମାର ରାୟ ଙ୍କ ସର୍ଭେ ରିପୋର୍ଟ ' ପ୍ରାଚୀ ଭ୍ୟାଲି ' ର ତଥ୍ୟ ଅନୁସାରେ ପ୍ରାଚୀ ଉପତ୍ୟକା ର ଅଡଶପୁର, କଣ୍ଟାପଡ଼ା, ନିଆଳି, ତ୍ରିବେଣୀଘାଟ, ନରିଶୋ, କେନ୍ଦୁଲି, ସୁନ୍ଦରଗ୍ରାମ, ମାଧବ, କୋରକରା, ନୂଆପାଟଣା, ପିତାପଡା, ନିଭରଣ, ପାଣିଛତ୍ର, ନରସିଂହପୁର, ଅମରେଶ୍ୱର, ବଲରା, ଚଉରାଶି, ବିଷ୍ଣୁପୁର, ବନ୍ଦେଶ୍ୱର, କାକଟପୁର, ନୀଳକଣ୍ଠପୁର, ସମେଶ୍ୱର, ମୁଦୁଗଲ ନାଶିକେଶର, କୋରକୋରା, ରଘୁନାଥପୁର, ଡାଲୁଅକଣି, ଗମ୍ଭାରୀପଦା, କୁଆଁରପୁର, ଲତାହରଣ, କୃଷ୍ଣପ୍ରସାଦ ଗଡ଼ ପ୍ରଭୃତି ସ୍ଥାନ ରେ ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ ଚାରିହାତ ବିଶିଷ୍ଟ ମାଧବ ମୂର୍ତ୍ତି ସବୁ ପୂଜା ପାଉଛନ୍ତି।ରାଜନୈତିକତା ପୃଷ୍ଠପୋଷକତା ପାଇ ୭ମ ଶତାବ୍ଦୀ ରେ ପ୍ରାଚୀ ଉପତ୍ୟକା ଅଞ୍ଚଳ ରେ ମାଧବ ପୂଜା ବେଶ ପ୍ରସାର ଲାଭ କରିଥିଲା ବୋଲି ଐତିହାସିକ ଡ଼ଃ. ସତ୍ୟ ନାରାୟଣ ରାଜଗୁରୁ ମତ ଦେଇଥିବାବେଳେ ଏହା ୧୧ଶ /୧୨ଶ ଶତାବ୍ଦୀ ବେଳକୁ ଶୀର୍ଷ ସ୍ଥାନ କୁ ଯାଇଥିଲା ବୋଲି ପୂର୍ବତନ ମୁଖ୍ୟ ଶାସନ ସଚିବ ଡ଼ଃ. ଅଜିତ କୁମାର ତ୍ରିପାଠୀ ମତ ପ୍ରକାଶ କରିଛନ୍ତି। ସେ ସମୟ



ରେ ଏପରି ହୋଇଥିଲା କି, ଉତ୍କଳୀୟ ମାନେ ପ୍ରତ୍ୟେକ ଶୁଭ କାର୍ଯ୍ୟ ଆରମ୍ଭ କରିବା ସମୟ ରେ ମାଧବ ଙ୍କ ନାମ ନେଉଥିଲେ। ପ୍ରାଚୀ ଉପତ୍ୟକା ରେ ପୂଜା ପାଉଥିବା ମାଧବ ମୂର୍ତ୍ତି ଗୁଡ଼ିକ ମଧ୍ୟରୁ ଦ୍ୱାଦଶ ମାଧବ ପ୍ରସିଦ୍ଧ ଅଟେ। ଦ୍ୱାଦଶ ଶମ୍ଭୁ ଅବା ଅଷ୍ଟ ଶମ୍ଭୁ ଦର୍ଶନ ସମୟ ରେ ଏହି ଦ୍ୱାଦଶ ମାଧବ ଙ୍କୁ ଦର୍ଶନ କଲେ ସର୍ବ ପାପ ରୁ ମୁକ୍ତି ମିଳି ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି 'ପ୍ରାଚୀ ମାହାତ୍ମ୍ୟ 'ରେ ବର୍ଣ୍ଣିତ ହୋଇଛି। ଏହି ମାଧବ ମୂର୍ତ୍ତି ଗୁଡ଼ିକ ଐତିହ୍ୟ ଦୃଷ୍ଟି କୋଣ ରୁ ଅନନ୍ୟ ଅଟେ। ଏହି ମୂର୍ତ୍ତି ଗୁଡ଼ିକୁ ଦେଖିଲେ ଆଖି ଖୋସି ହୋଇଯିବ। ମନରେ ଭକ୍ତି ଭାବନା ସ୍ୱତପ୍ରଣୋଦିତ ଭାବେ ଜାଗ୍ରତ ହୋଇ ଉଠିଥାଏ। ଏହି କମନୀୟ ଜୀବନ୍ତ ମାଧବ ମୂର୍ତ୍ତି ଗୁଡ଼ିକ ଦେଖି କବି ଶ୍ରୀ ଜୟଦେବ ତାଙ୍କ ରଚିତ ମହାକାବ୍ୟ ଶ୍ରୀ ଗୀତଗୋବିନ୍ଦ କୁ ରଚନା କରିଥିଲେ ବୋଲି ବିଶ୍ୱାସ କରାଯାଏ। ଓଡ଼ିଶା ର ବିଷ୍ଣୁ ଭକ୍ତ ମାନେ ଶ୍ରୀ ଜଗନ୍ନାଥ ଓ ମାଧବ ଠାକୁର ଙ୍କୁ ସମାନ ଦୃଷ୍ଟି ରେ ଦେଖିଥାନ୍ତି। ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ରେ ରତ୍ନ ସିଂହାସନ ଉପରେ ମାଧବ ମୂର୍ତ୍ତି ପୂଜା ପାଉଥିବା ଦେଖିବାକୁ ମିଳେ।ଏଣୁ ଶ୍ରୀ ଜଗନ୍ନାଥ ମୂର୍ତ୍ତି ଯେ ମାଧବ ମୂର୍ତ୍ତି ର ପରବର୍ତ୍ତୀ ରୂପ ଏଥିରେ ସନ୍ଦେହ ନାହିଁ। ଏଥିପାଇଁ ବୋଧହୁଏ ପ୍ରାଚୀ ଉପତ୍ୟକା ସହିତ ଶ୍ରୀ ଜଗନ୍ନାଥ ସଂସ୍କୃତି ର ନିବିଡ଼ ସମ୍ପର୍କ ଦେଖିବାକୁ ମିଳେ। ମାଧବ ଗ୍ରାମ ର ଦୂର୍ଗା ମାଧବ ଶ୍ରୀ ଜଗନ୍ନାଥ ଙ୍କ ମାମୁଁ ବୋଲି ଲୋକ କଥା ରହିଛି। ଏଥି ସହିତ କବି ଶ୍ରୀଜୟଦେବ, କାକଟପୁର ର ମା ମଙ୍ଗଳା, ପ୍ରାଚୀ ତଟ ର ଦେଉଳି ମଠ ଶ୍ରୀ ଜଗନ୍ନାଥ ସଂସ୍କୃତି ସହ ଯୋଡ଼ି ହୋଇ ରହି ଆସିଛି କାହିଁ କେତେ କାଳରୁ। ଏକାଦଶ ଶତାବ୍ଦୀ ବେଳକୁ ପ୍ରାଚୀ ଉପତ୍ୟକା ରେ ମାଧବ ଉପାସନା ବେଶ ଲୋକପ୍ରିୟ ହୋଇ ପଡ଼ିଥିଲା। କବି ଜୟଦେବ ଓ ତାଙ୍କ ପତ୍ନୀ ପଦ୍ମାବତୀ ଉଭୟ ପ୍ରାଚୀ ଉପତ୍ୟକା ଭ୍ରମଣ କରି ଦ୍ୱାଦଶ ମାଧବ ଙ୍କୁ ଦର୍ଶନ କରି ଆତ୍ମସନ୍ତୋଷ ଲାଭ କରିଛନ୍ତି। ମାଧବ ଗ୍ରାମ ର ଦୂର୍ଗା ମାଧବ ଙ୍କ ମନ୍ଦିର ରେ କବି ଜୟଦେବ ଶ୍ରୀ ଗୀତ ଗୋବିନ୍ଦ ର କିଛି ସର୍ଗ ରଚନା କରିଥିଲେ ଓ ମାଧବ ଓ ଦୂର୍ଗା ଙ୍କୁ ଶୁଣାଇଥିଲେ।

ପୁରୀ ଶ୍ରୀ ମନ୍ଦିର ଓ ମାଧବ ମନ୍ଦିର ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି।ଉଭୟ ମନ୍ଦିର ରେ ଛତିଶା ନିଯୋଗର ପ୍ରଚଳନ ରହିଛି। ଶ୍ରୀ ମନ୍ଦିର ରେ ନୀଳଚକ୍ର କୁ ଠାକୁର ଭାବେ ପୂଜା କରାଯାଉଥିବା ବେଳେ ମାଧବ ମନ୍ଦିର ମୁଖଶାଳା ରେ ବି ଏକ କଳା ମୁଗୁନି ପଥର ର କମନୀୟ ଚକ୍ର କୁ ଚକ୍ର ନାରାୟଣ ଭାବେ ପୂଜା କରାଯାଏ। ଉଭୟ ମନ୍ଦିର ରେ ଶକ୍ତି ପୂଜା ଓ ଶୈବ ପୂଜା ର ପ୍ରାଧାନ୍ୟ ମଧ୍ୟ ରହିଛି। ଉଭୟ ମନ୍ଦିର ରେ ପୁଷ୍ପାଳକ ସେବକମାନେ ଠାକୁର ଙ୍କ ସେବା ପୂଜା ରେ ନିୟୋଜିତ ଅଛନ୍ତି।

ଶ୍ରୀ ମନ୍ଦିର ରେ ମାଧବ ଉପାସନା ର ବି ପ୍ରାଧାନ୍ୟ ରହିଛି। ଉଭୟ ମନ୍ଦିର ରେ ମାଦଳା ପାଞ୍ଜି, ଦେବଦାସୀ ପ୍ରଥାର ପ୍ରଚଳନ ରହିଥିଲା। ଏ ସବୁ କୁ ଅନୁଶୀଳନ କରିବା ପରେ ମାଧବ ଗ୍ରାମ ର ଦୂର୍ଗା ମାଧବ ମନ୍ଦିର ଶ୍ରୀ ଜଗନ୍ନାଥ ଙ୍କ ମାମୁଁ ଘର ଭାବେ ଯେଉଁ ଲୋକକଥା ଚଳି ଆସିଛି ତାହା ଯେ ଅସତ୍ୟ ନୁହେଁ ତାହା ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି। ପ୍ରାଚୀ ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ଙ୍କ ମତ ଯେ, ଯେହେତୁ ମା ମଙ୍ଗଳା ଓ ଦୂର୍ଗା ମାଧବ ଉଭୟ ଜଳ ( ପ୍ରାଚୀ ନଦୀ ଓ ଆହାର ପୋଖରୀ) ରୁ ଉଦ୍ଧାର ହୋଇ ପୂଜା ପାଉଛନ୍ତି ସେହେତୁ ଏମାନେ ସଂପର୍କ ରେ ଭାଇ ଓ ଭଉଣୀ। ଯେହେତୁ ମା ମଙ୍ଗଳା ଙ୍କୁ ଚତୁର୍ଦ୍ଧାମୂର୍ତ୍ତୀ ଙ୍କ ମାଆ ମହାମାୟା ଜଗତଜନନୀ ବୋଲି ବିବେଚନା କରାଯାଏ ସେହେତୁ ପ୍ରଭୂ ଦୁର୍ଗା ମାଧବ ଙ୍କୁ ଚତୁର୍ଦ୍ଧାମୂର୍ତ୍ତି ଙ୍କ ମାମୁଁ ବୋଲି ପ୍ରାଚୀ ଉପତ୍ୟକା ର ଅଧିବାସୀ ବିବେଚନା କରିଆସୁଛନ୍ତି। ମହାପ୍ରଭୂ ଙ୍କ ପାତାଳୀ ପରେ ଯେପରି ଶ୍ରୀ କ୍ଷେତ୍ର ରେ ରଥ ଯାତ୍ରା ବନ୍ଦ ହୋଇ ହୋଇଯାଇଥିଲା, ସେହି କାରଣରୁ ଦୂର୍ଗା ମାଧବ ମନ୍ଦିର ରୁ ଶ୍ରୀ କ୍ଷେତ୍ର କୁ ଯେଉଁ ପୋଢୁଆଁ ଭାର ଯାଉଥିଲା ତାହା ବନ୍ଦ ହୋଇ ଯାଇଥିଲା ବୋଲି ଅନୁମାନ କରାଯାଉଛି। ଏବେ ପ୍ରଭୂ ମାଧବ ମନ୍ଦିର ଠାକୁର ଙ୍କ ଛତିଶା ସେବକ, ସ୍ଥାନୀୟ ଅଞ୍ଚଳ ର ଜଗନ୍ନାଥ ପ୍ରେମୀ ମାନେ ପୋଢୁଆଁ ଭାର ପରମ୍ପରାକୁ ଆରମ୍ଭ କରିଛନ୍ତି। ଏହି ପରମ୍ପରାକୁ ସମସ୍ତେ ସ୍ୱାଗତ କରିବା ସହିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଆଗ୍ରହ, ଇଚ୍ଛା, ଭକ୍ତି କୁ ସମ୍ମାନ ଜଣାଇ ଏହି ପରମ୍ପରାକୁ ସିକୃତି ପ୍ରଦାନ କରିବା ଜରୁରୀ ହୋଇ ପଡ଼ିଛି।

ମୋବାଇଲ୍: ୯୪୩୯୩୭୬୧୮୮

# ଅମର ଯୁବ ଶହୀଦ ଦିବାକର ପରିଡ଼ା

ଅରବିନ୍ଦ ତ୍ରିପାଠୀ

ଓଡ଼ିଶାରେ ଯେଉଁ କେତେଜଣ ମହାନ୍ ଆତ୍ମା ଜନ୍ମ ନେଇ ଦେଶମାତୃକାର ସେବା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ସହ ଜନସାଧାରଣମାନଙ୍କ ପାଇଁ ପାଲଟି ଯାଇଛନ୍ତି ଏକ ପ୍ରେରଣାର ଉତ୍ସ। ସେମାନଙ୍କ ମଧ୍ୟରୁ ରଣପୁର ପ୍ରଜା ଆନ୍ଦୋଳନର ଅମର ଶହୀଦ୍ ଦିବାକର ପରିଡ଼ା ହେଉଛନ୍ତି ଅନ୍ୟତମ। ୧୯୧୧ ମସିହା ନଭେମ୍ବର ୩୦ ତାରିଖରେ ରଣପୁର ଥାନା ଅନ୍ତର୍ଗତ ଗଡ଼ବାଣିକିଲୋ ଗ୍ରାମରେ ପିତା- ବିଶୋଇ ସାମନ୍ତ ହରିହର ପରିଡ଼ା ଓ ମାତା- ଶ୍ରୀମତୀ ତାରା ଦେବୀଙ୍କ ଔରସରୁ ଭୂମିଷ୍ଠ ହୋଇଥିଲେ। ଦିବାକର ଏକାଧାରାରେ ଜଣେ ମେଧାବୀ ଛାତ୍ର, ପ୍ରଭାବଶାଳୀ କବି ଓ ଦେଶପ୍ରେମୀ ବ୍ୟକ୍ତି ଥିଲେ। ପିତା ରଣପୁର ରାଜାଙ୍କର ଜଣେ ରାଜକର୍ମଚାରୀ ଥିଲେ। ୧୮୯୮ ମସିହା ରଣପୁର ରାଜ୍ୟରେ ଘଟିଥିବା ପ୍ରଜା ମେଳିର ନେତୃତ୍ୱ ନେଇଥିଲେ। ପିତାଙ୍କର ଗଭୀର ଦେଶଭକ୍ତି, ନିର୍ଭୀକତା ଓ ତ୍ୟାଗ ମନୋବୃତି ଦେଖି ଦିବାକର ବିଶେଷ ଭାବେ ପ୍ରଭାବିତ ଓ ଅନୁପ୍ରାଣିତ ହୋଇଥିଲେ। ଦିବାକର ରଣପୁର ରାଜାଙ୍କ ନରେନ୍ଦ୍ର ପ୍ରେସ୍‌ରେ ସହକାରୀ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ରଘୁ ଓ ଦିବାକରଙ୍କ ବାଲ୍ୟଗୁରୁ ଥିଲେ ରଘୁନାଥଙ୍କ ପିତା ନଟବର ମହାନ୍ତି। ରଘୁନାଥ ମହାନ୍ତି ନୟାଗଡ଼ ଜିଲ୍ଲା ବାଦଭୂଇଁଠାରେ ୧୯୧୦ ମସିହା ଜୁଲାଇ ୧୮ ତାରିଖ ଦିନ ଭୂମିଷ୍ଠ ହୋଇଥିଲେ। ଉଭୟେ



ବାଲ୍ୟବନ୍ଧୁ ପିଲାଟି ଦିନରୁ ରାଜତନ୍ତ୍ର ଏବଂ ଇଂରେଜ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ରଣପୁର ରାଜାଙ୍କ ସ୍ୱେଚ୍ଛାଚାରୀ, ଅନ୍ଧାରୀ, କୁଶାସନ ଓ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ବିପ୍ଳବୀ ଦିବାକର ପରିଡ଼ା ଓ ବାଲ୍ୟ ସାଥୀ ରଘୁନାଥ ମହାନ୍ତି ରଣକୌଶଳ ପ୍ରସ୍ତୁତ କରି ରଣପୁର ପ୍ରଜାମାନଙ୍କୁ ଏକତ୍ରିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସେତେବେଳ ସମୟର ସାମାଜିକ, ଅର୍ଥନୈତିକ, ରାଜନୈତିକ ପରିସ୍ଥିତି ତଥା ବେଠୀ, ବେଗାରୀ, ସଲାମୀ, ମାରଣ ଆଦି କୁପ୍ରଥା ପାଇଁ ପ୍ରଜାମାନଙ୍କ ଅର୍ଥନୈତିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ରାଜା କିଛି ନ ବୁଝି ଅନ୍ଧାରୀ ଆଇନ୍ ଚଳାଇଥିଲେ। ଏହା ବିରୁଦ୍ଧରେ ଦିବାକର ତୀବ୍ର ସ୍ୱର ଉତଳନ କରିଥିଲେ। ପ୍ରଜାମାନଙ୍କୁ ଅତ୍ୟାଚାରୀ ଶାସନରୁ ମୁକ୍ତ ଓ ସ୍ୱାଧୀନତା ଦେବା ପାଇଁ ରଣପୁର ଅଞ୍ଚଳରେ ଧୀରେ ଧୀରେ ଏହି ଆନ୍ଦୋଳନ ବ୍ୟାପକ ହେବାକୁ ଲାଗିଲା। ବ୍ରିଟିଶ ଅଫିସର ମେଜର ବେଜେଲ୍ ଗେଟ୍‌ଙ୍କ ଢେଙ୍କାନାଳରେ ଲୋମହର୍ଷଣକାରୀ ଅକଥନୀୟ ଅତ୍ୟାଚାର ଏବଂ ସେଠାରେ ବାଜି ରାଉତ ଭଳି ଏକ ସାହସୀ ବାଳକର ଇଂରେଜୀମାନଙ୍କ ଗୁଳିରେ ମୃତ୍ୟୁ ଖବର ସାରା ରଣପୁର ପ୍ରଜାମେଳିକୁ ଆନ୍ଦୋଳିତ କରିବା ସହିତ ଉଗ୍ରରୂପ ଧାରଣ କରିଥିଲା। ଆନ୍ଦୋଳନକୁ ବିଫଳ କରିବା ପାଇଁ ବିପ୍ଳବୀ ଦିବାକର ଓ ସଂଗ୍ରାମୀ ରଘୁନାଥ ମହାନ୍ତି ବହୁ ଅର୍ଥ ଓ ଭୂସମ୍ପତିର ପ୍ରଲୋଭନ ଦିଆଯାଇଥିଲା। ମାତ୍ର ସେମାନେ ଏହାକୁ ପ୍ରତ୍ୟାଖାନ କରିବା ସହିତ ସତ୍ୟାଗ୍ରହୀମାନଙ୍କୁ ଏକତ୍ରିତ କରି ରଣପୁରବାସୀଙ୍କୁ କିପରି ନ୍ୟାୟ ଓ ସ୍ୱାଧୀନତା ଦେବେ ତାହାର ପ୍ରଚେଷ୍ଟା ସେ କରିଚାଲିଲେ। ବହୁ ସତ୍ୟାଗ୍ରହୀ କର୍ମୀ ଗିରଫ ହେଲେ। ଗିରଫ କର୍ମଚାରୀଙ୍କ ମୁକ୍ତି ପାଇଁ ୧୯୩୯ ମସିହା ଜାନୁଆରୀ ୫ ତାରିଖ ଦିନ ପ୍ରଜାମଣ୍ଡଳ ତରଫରୁ ରାଜପ୍ରାସାଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜଶାସନ ବିରୋଧରେ ସ୍ଲୋଗାନ ମାନ ଦିଆଯାଇଥିଲା। ଆନ୍ଦୋଳନକାରୀମାନଙ୍କୁ ଦମନ କରିବା ପାଇଁ ନୟାଗଡ଼ରେ ଥିବା ବ୍ରିଟିଶ୍ ପଲିଟିକାଲ୍ ଏଜେଂଟ୍ ମେଜର ବେଜେଲ୍‌ଗେଟ୍‌ଙ୍କ ସାହାଯ୍ୟ ନିଆଯାଇଥିଲା। ସେହି ଅତ୍ୟାଚାରୀ ବେଜେଲ୍ ରଣପୁର ଆସିଲେ ଓ ଜେଲ୍‌ରେ ବନ୍ଦି ଥିବା ଲୋକମାନଙ୍କ ଉପରେ ଅତ୍ୟାଚାର ହେବ ଜାଣି ସତ୍ୟାଗ୍ରହୀମାନଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ରଣପୁର ରାଜାଙ୍କଠାରୁ ସମ୍ବାଦ ପାଇଁ ମେଜର ବେଜେଲ୍‌ଗେଟ୍ କେତେକ ପୋଲିସ୍‌ଙ୍କ ସହ ମିଶି ରଣପୁର ଆସିଲେ। ବାଟରେ ବଡ଼ ବଡ଼ କାଠଗଣ୍ଡି ଦ୍ୱାରା ରାସ୍ତା ଅବରୋଧ କରିଥିବା ବୁଧନାଥ ଭୋଳ, ଭୋବନୀ ପୃଷ୍ଟି ଏବଂ ତାଙ୍କ ସହକାରୀମାନଙ୍କୁ ନିର୍ମମ ଭାବେ ପ୍ରହାର କରିଥିଲେ। ଶାହେବଙ୍କ ମାଡ଼ରେ ଦୁଇଜଣ ଲୋକ ଗୁରୁତର ଆହତ ହୋଇଛନ୍ତି ବୋଲି ଖବରଟି ନିମିଷେକ ମଧ୍ୟରେ ରଣପୁରରେ ପହଞ୍ଚି ଗଲା। ଫଳରେ ରଣପୁର ଜନସାଧାରଣଙ୍କ ମନରେ ଗଭୀର କ୍ରୋଧ ଜାତ ହୋଇଥିଲା ଏବଂ ଉତ୍ୟକ୍ତ ଜନତା ବେଜେଟ୍‌ଗେଟ୍‌ଙ୍କୁ ଘେରି ଯାଇଥିଲେ। ଏହାର ପ୍ରତିବାଦରେ ବେଜେଲ୍‌ଗେଟ୍ ତାଙ୍କ ବନ୍ଧୁକରୁ ଆଖିବୁଜା ଗୁଳିଚାଳନା କରିଥିଲେ। ଫଳରେ ମୟୁରଝାଲିଆ ଗ୍ରାମର ଅର୍ଜୁନ ରାଉତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଉତ୍ୟକ୍ତ, କ୍ରୋଧିତ ଜନତା ବେଜେଟ୍‌ଗେଟ୍‌ଙ୍କୁ ଠେଙ୍ଗାରେ ପିଟି ପିଟି ମାରିଦେଇଥିଲେ। ବ୍ରିଟିଶ୍ ସରକାରଙ୍କ ପୋଲିସ୍ ଦେଶଦ୍ରୋହୀ ମନବୋଧ ପଣ୍ଡା, ଗଙ୍ଗାଧର ଦ୍ୱିବେଦୀ, ପଲିଟିକାଲ୍ ଏଜେଂଟ୍‌ଙ୍କ ହତ୍ୟା ପାଇଁ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ବିରୋଧରେ ମିଥ୍ୟା ସାକ୍ଷୀ ପ୍ରମାଣ ସଂଗ୍ରହ କରି ଅଭିଯୋଗମାନ ପ୍ରସ୍ତୁତ କରିଥିଲେ। ଫଳରେ ଉଭୟ ବିପ୍ଳବୀ ରଘୁନାଥ ଓ ସଂଗ୍ରାମୀ ଦିବାକରଙ୍କୁ ମାମଲାର ବିଚାର କରି ବିହାରର ଭାଗଲପୁର ଜେଲ୍‌ରେ ୧୯୪୧ ଏପ୍ରିଲ୍ ମାସ ୪ ତାରିଖରେ ଫାଶୀ ଦଣ୍ଡାଦେଶ ଦେଇଥିଲେ। ଶହୀଦ୍ ଦିବାକର ପରିଡ଼ାଙ୍କ ଦାୟାଦ ତଥା ଶହୀଦ୍ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା ପ୍ରତିବର୍ଷ ତାଙ୍କର ସ୍ମୃତିଚାରଣ ପୂର୍ବକ କାର୍ଯ୍ୟକ୍ରମମାନ କରିଆସୁଛନ୍ତି ଏବଂ ଏହାସହିତ ତାଙ୍କର ଅମର କୀର୍ତି, ବଳିଦାନ ସମ୍ପର୍କରେ ରାଜଧାନୀର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରୁଛନ୍ତି। ଯୁବପୀଢ଼ୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି ସର୍ବଦା ସେ ଚେଷ୍ଟିତ ଅଛନ୍ତି। ରଘୁ-ଦିବାକରଙ୍କ ନିଷ୍ଠା, ଆଦର୍ଶ, କର୍ମ, ବଳିଦାନର ପଟ୍ଟାନ୍ତର ନାହିଁ। ୧୧୪ତମ ଦିବାକର ପରିଡ଼ାଙ୍କ ଜୟନ୍ତୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି।

ମୁଖପାତ୍ର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଭୁବନେଶ୍ୱର
ମୋବାଇଲ୍: ୯୯୩୭୬୮୯୬୮୩

# ମତ୍ସ୍ୟ ଦିବସ



ବିପିନ ବିହାରୀ ରାଉତ

ଭଗବାନ ବିଷ୍ଣୁଙ୍କର ମକର ଏକ ଅବତାର। ଗୀତା, କୋରାନ ଓ ବାଇବେଲ୍‌ରେ ମାଛ ସମ୍ପର୍କରେ ବର୍ଣ୍ଣନା ରହିଛି। କୌଣସି ଏକ ସ୍ଥାନରୁ ବାହାରବା ବେଳେ ମାଛ ଦେଖିଗଲେ କାର୍ଯ୍ୟ ଶୁଭ ହୁଏ। ଗୃହରେ ଜୀବନ୍ତ ମାଛ ରଖିଲେ ସର୍ବବିଧ ମଙ୍ଗଳ ହୁଏ। ମାଛରୁ ବିଭିନ୍ନ ପ୍ରକାର ଔଷଧ ତିଆରି ହୁଏ। ମାଛ ଖାଇଲେ ଚକ୍ଷୁରୋଗ ହୁଏ ନାହିଁ ବୋଲି ଡାକ୍ତରୀ ପାଠରେ ମଧ୍ୟ ଉଲ୍ଲେଖ ଅଛି। ମାଛ ବା ମୀନ ଅତିବ ପବିତ୍ର ଅଟେ। ଏହାଦ୍ୱାରା ଆମର କି କି ଉପକାର ହୋଇଥାଏ, ଆମେ କିଭଳି ଭାବରେ ଏହାଦ୍ୱାରା ଆମ ଭିତରେ ଆଧ୍ୟାତ୍ମିକ ଭାବ ଜାଗ୍ରତ କରିଥାଉ, ମାଛ ଚାଷରୁ କିଭଳି ଭାବରେ ଅଧିକ ଅର୍ଥ ଉପାର୍ଜନ ହୋଇଥାଏ ? ମାଛ ଏପରି ଏକ ଜୀବ ଯିଏ କି ମଣିଷର ଜୀବନ ଧାରଣା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଅନେକ ସାହାଯ୍ୟ କରିଥାଏ। ଓଡ଼ିଶାପରି ଏକ କୃଷି ପ୍ରଧାନ ରାଜ୍ୟରେ ମତ୍ସ୍ୟ ଚାଷ ବଡ଼ ଅବଲମ୍ବନ। ସରକାରୀ ଭାବେ ମାଛ ଚାଷକୁ ଜୀବିକା ନିର୍ବାହ ପାଇଁ ଅନେକ ସହଯୋଗ ମଧ୍ୟ ପ୍ରଦାନ କରାଯାଉଛି। ଆଜିକାଲି ଅନେକ ଯୁବ ବର୍ଗ ମତ୍ସ୍ୟ ଚାଷକୁ ସ୍ୱାବଲମ୍ବନର ବଡ଼ ଦିଗ ଭାବେ ଗ୍ରହଣ କରିଛନ୍ତି। ଆମ୍ଭ ମାନଙ୍କ ଭିତରୁ ଅନେକ ଭଲ ଭାବେ ଜାଣିଛନ୍ତି ଯେ ଅନେକ ଦେବୀ ପୀଠରେ ମାଛ ଭୋଗ ହେବାର ମଧ୍ୟ ବର୍ଷ ବର୍ଷ ଧରି ପରମ୍ପରା ରହି ଆସିଛି। ଏହିଭଳି ବିଭିନ୍ନ ତଥ୍ୟକୁ ନେଇ ପ୍ରତିବର୍ଷ ନଭେମ୍ବର ମାସ ୨୧ ତାରିଖକୁ ମତ୍ସ୍ୟ ଦିବସ ରୂପେ ପାଳନ କରାଯାଇଥାଏ। ମତ୍ସ୍ୟ ଦିବସ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନମାନଙ୍କରେ ଏନେଇ ବିଶଦ ଭାବରେ ଆଲୋଚନା କରାଯାଇଥାଏ।

ଶ୍ରୀବିହାର କଲୋନୀ, କଟକ
ମୋବାଇଲ୍: ୯୪୩୭୬୬୬୪୫୩

# ଡିସେମ୍ବର ୫ରେ ମହାରାଷ୍ଟ୍ରରେ ନୂଆ ସରକାର

**ମୁମ୍ବାଇ, ୩୦ା୧୧:** ଡିସେମ୍ବର ୫ରେ ଶପଥ ନେବେ ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ। ୨ ତାରିଖରେ ବିଧାୟକ ଦଳ ବୈଠକ ପରେ ୫ରେ ଶପଥ ସମାରୋହ ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି। ତେବେ ମୁଖ୍ୟମନ୍ତ୍ରୀ କିଏ ହେବେ, ତା ଉପରୁ ଏଯାଏଁ ପରଦା ହଟିନି। ବିଜେପି ପକ୍ଷରୁ ପ୍ରକାଶ ସୂତ୍ର ରିପୋର୍ଟ ଅନୁସାରେ, ଡିସେମ୍ବର ୨ରେ ମହାୟୁତିର ବିଧାୟକ ଦଳ ବୈଠକ ବସିବ। ଏଥିରେ ପାର୍ଟି ମୁଖିଆ କିଏ ହେବେ ସେନେଇ ନିଷ୍ପତ୍ତି ନିଆଯିବ। ଏହାପରେ ଗୁରୁବାର (ଡିସେମ୍ବର ୫)ରେ ମୁମ୍ବାଇର ଆଜାଦ ମୈଦାନରେ ଶପଥ ଉତ୍ସବ ସମାରୋହ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

ଗୁରୁବାର ମହାୟୁତି ମେଣ୍ଟର ସଦସ୍ୟ ଦଳର ପ୍ରମୁଖ ନେତା ବିଜେପିର ଦେବେନ୍ଦ୍ର ଫଡନାଭିସ୍, ଶିବସେନାର ଏକନାଥ ସିନ୍ଦେ ଏବଂ ଏନସିପିର ଅଜିତ ପାୱାର ଦିଲ୍ଲୀରେ ଅମିତ ଶାହ ଏବଂ ଜେପି ନଡ୍ଡାଙ୍କୁ ଭେଟିବା ପରେ ମୁମ୍ବାଇ ଫେରିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପଦ ବଣ୍ଟନ ନେଇ ଆଲୋଚନା ହୋଇଥିଲା। ଏହାପରେ ମୁମ୍ବାଇରେ ଶୁକ୍ରବାର



ବିଧାୟକ ଦଳ ବୈଠକ ବସିବାର ଥିଲା। ମାତ୍ର କାର୍ଯ୍ୟନିର୍ବାହୀ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଗାଁକୁ ଚାଲିଯିବାରୁ ବୈଠକ ବାତିଲ ହୋଇ ଯାଇଥିଲା। ନୂଆ ସରକାରରେ ଦେବେନ୍ଦ୍ର ଫଡନାଭିସ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବାରୁ ସିନ୍ଦେ ଅପସେଟ୍ ଥିବା ଚର୍ଚ୍ଚା ହେଉଛି। ଏହି କାରଣରୁ ସେ ଗାଁକୁ ଚାଲି ଯାଇଥିବା କୁହାଯାଉଥିଲା। ମାତ୍ର ଦଳ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ସୋମବାର ବିଧାୟକ ଦଳ ବୈଠକରେ ସେ ଯୋଗଦେବେ। ଯଦି ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ନ ପାରିଲେ, ତେବେ ଭିଡିଓ କନଫେରେନ୍ସିଂ ଜରିଆରେ ଯୋଗଦେବେ। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ରର ବିଧାନସଭା ନିର୍ବାଚନରେ ମହାୟୁତି ମେଣ୍ଟ ୨୩୦ଟି ଆସନ ସହ ବିଜୟୀ ହୋଇଛି। ଏଥିରେ ବିଜେପି ଏକାକୀ ୧୩୨ଟି ଆସନ ଜିତି ଥିବାବେଳେ ଶିବସେନା ୫୭ ଏବଂ ଏନସିପି ୪୧ଟିରେ ବିଜୟୀ ହୋଇଛି।

## ସିନ୍ଦେ ଆଜି ଘୋଷଣା କରିବେ ବଡ଼ ନିଷ୍ପତ୍ତି

**ମୁମ୍ବାଇ, ୩୦ା୧୧:** ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ କିଏ ହେବ? ମହାରାଷ୍ଟ୍ର ନିର୍ବାଚନ ଫଳାଫଳ ଘୋଷଣା ହେବାର ଏକ ସପ୍ତାହ ପରେ ବି ମୁଖ୍ୟମନ୍ତ୍ରୀ ପଦକୁ ନେଇ ଲାଗି ରହିଛି ବିବାଦ। ଏହାରି ଭିତରେ ନିଜ ଗାଁକୁ ଚାଲି ଯାଇଛନ୍ତି ଏକନାଥ ସିନ୍ଦେ। ତେବେ ଅସନ୍ତୁଷ୍ଟ ହୋଇ ସତାରା ଜିଲ୍ଲାରେ ଥିବା ନିଜ ପୈତୃକ ଗାଁକୁ ଚାଲିଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଏବେ ଶିବସେନା ଖଣ୍ଡନ କରିଛି। ଏକନାଥ ସିନ୍ଦେ ଅସୁସ୍ଥ ଅଛନ୍ତି। ତାଙ୍କୁ ଜ୍ୱର ଓ ଥଣ୍ଡା ହୋଇଛି। ଏହି କାରଣରୁ ସେ ନିଜ ପୈତୃକ ଗାଁକୁ ଯାଇଛନ୍ତି। ପୋର୍ଟଫୋଲିଓ ଆବଣ୍ଟନ ଏବଂ ମୁଖ୍ୟମନ୍ତ୍ରୀ ପଦବୀ ଉପରେ ଆଲୋଚନା କରି ଦିଲ୍ଲୀରୁ ଫେରିବା ପରେ ସିନ୍ଦେ ନିଜ ସହର ସତାରାକୁ ଯାତ୍ରା କରିଛନ୍ତି। ଦିଲ୍ଲୀରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ଦେଖା କରି କଥା ହୋଇଥିଲେ। ସେ ଅସନ୍ତୁଷ୍ଟ ହୋଇ ଚାଲି ଯାଇଛନ୍ତି ବୋଲି କହିବା ଭୁଲ୍ ହେବ ବୋଲି ଦଳ କହିଛି। ଅନ୍ୟ ଜଣେ ଶିବସେନା ନେତା ସଞ୍ଜୟ ଶିରସାଟ କହିଛନ୍ତି ଯେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏକନାଥ ସିନ୍ଦେ ଏକ ବଡ଼ ନିଷ୍ପତ୍ତି ନେବେ। ତେବେ ମହାରାଷ୍ଟ୍ର ରାଜନୀତିରେ ତାଙ୍କର ଆଗ୍ରହ ଥିବାରୁ ଶିବସେନା ମୁଖ୍ୟ କେନ୍ଦ୍ର କ୍ୟାବିନେଟରେ କୌଣସି ପଦ ଗ୍ରହଣ କରିବେ ନାହିଁ ବୋଲି ସେ ଦାବି କରିଛନ୍ତି। ଗୁରୁବାର ରାତିରେ ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବା ପରେ ସେ ଅସୁସ୍ଥ ଥିଲେ ବୋଲି ଶିବସେନା ନେତା କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ମହାୟୁତି ତିନ ବଡ଼ ନେତା ଏକନାଥ ସିନ୍ଦେ, ବିଜେପି ନେତା ଦେବେନ୍ଦ୍ର ଫଡ଼ନାବିସ ଓ ଏନ୍‌ସିପି ପ୍ରମୁଖ ଅଜିତ ପାୱାରଙ୍କର ଦିଲ୍ଲୀରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ସହ ୩ ଘଣ୍ଟାର ଏକ ବୈଠକ ହୋଇଥିଲା। ବୈଠକ ପରେ ୩ ଜଣ ଯାକ ନେତା ମୁମ୍ବାଇ ଫେରି ଆସିଥିଲେ। ଆଜି ଚର୍ଚ୍ଚା ପାଇଁ ମୁମ୍ବାଇରେ ମହାୟୁତି ବୈଠକ ହେବାର ଥିଲା। କିନ୍ତୁ ଏହି ବୈଠକ ରଦ୍ଦ ହୋଇଯାଇଛି। ଏହାପରେ ସରକାର ଗଠନ ନିଷ୍ପତ୍ତିରେ ସିନ୍ଦେ ରାଗିଛନ୍ତି ଏବଂ ତେଣୁ ସେ ସତାରା ଜିଲ୍ଲାର ତାଙ୍କ ଗାଁକୁ ଯାଇଛନ୍ତି କି? ବୋଲି ଚର୍ଚ୍ଚା ହୋଇଥିଲା।

# ପପୁ ଯାଦବଙ୍କୁ ଲରେନ୍ସ ଗ୍ୟାଙ୍ଗ୍‌ର ହତ୍ୟା ଧମକ

**ନୂଆଦିଲ୍ଲୀ, ୩୦ା୧୧:** ୨୪ ଘଣ୍ଟା ଭିତରେ ତୁମକୁ ମାରିଦେବୁ। ଆମ ଲୋକ ତୁମର ବେଶ ନିଟତର ହୋଇଗଲେଣି। ଆଜି ତୁମ ଶେଷ ଦିନ, ଯାହା କରିବାର ଅଛି କରିନିଅ। ବିହାର



ପୂର୍ଣ୍ଣିଆ ସାଂସଦ ପପୁ ଯାଦବଙ୍କୁ ଲରେନ୍ସ ଗ୍ୟାଙ୍ଗ ତରଫରୁ ପୁଣି ଥରେ ଏଭଳି ଧମକ ମିଳିଛି। ପୂର୍ଣ୍ଣିଆ ସାଂସଦ ରାଜେଶ ରଞ୍ଜନ ଓରଫ ପପୁ ଯାଦବ ବର୍ତ୍ତମାନ ପୂର୍ଣ୍ଣିଆରେ ଅଛନ୍ତି। ତାଙ୍କୁ ପୁଣି ଥରେ ହତ୍ୟା ଧମକ ଦିଆଯାଇଛି। ଧମକ ଦେଉଥିବା ବ୍ୟକ୍ତି ତାଙ୍କୁ ଗତ ୨୪ ଘଣ୍ଟା ମହଲତ ଦେଇଛନ୍ତି। ହ୍ୱାଟସ୍‌ଆପ୍‌ର ଏହି ଧମକପୂର୍ଣ୍ଣ ମେସେଜ ଆସିଛି। ଏଥିରେ କୁହାଯାଇଛି ଯେ, ଆମର ସାଥୀମାନେ ଆପଣଙ୍କ ନିକଟରେ ଅତି ନିକଟତର ହୋଇଛନ୍ତି। ଏପରିକି ଆପଣଙ୍କର ଅଙ୍ଗରକ୍ଷୀମାନେ ମଧ୍ୟ ଆପଣଙ୍କୁ ବଞ୍ଚାଇବାକୁ ସମର୍ଥ ହେବେ ନାହିଁ। ଜନ୍ମଦିନର ଶୁଭେଚ୍ଛା, ଲରେନ୍ସ ଭୋଇ ଏବଂ ତାଙ୍କ ଦଳ। ପୂର୍ଣ୍ଣିଆ ସାଂସଦ ଆପଣଙ୍କର ଶେଷ ଦିନକୁ ଉପଭୋଗ କରନ୍ତୁ। ସୂଚନା ମୁତାବକ, ପପୁ ଯାଦବଙ୍କୁ ଯେଉଁ ନମ୍ବରରୁ ଧମକ ଆସିଛି ତାହା ପାକିସ୍ତାନର ବୋଲି ଜଣାପଡିଛି। ଧମକ ଦେଇଥିବା ବ୍ୟକ୍ତି ଜଣକ ନିଜକୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ବୋଲି ଦାବି କରୁଛି। କେବଳ ସେତକି ନୁହେଁ ୭ ସେକେଣ୍ଡର ଏକ ବିସ୍ଫୋରଣ ଭିଡିଓ ମଧ୍ୟ ସାଂସଦଙ୍କ ମୋବାଇଲ ନମ୍ବରକୁ ପଠାଯାଇଛି। ଏହି ଧମକପୂର୍ଣ୍ଣ ମେସେଜ ମିଳିବା ପରେ ପୂର୍ଣ୍ଣିଆରେ ସାଂସଦଙ୍କ ବାସଭବନର ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ପୂର୍ବରୁ ମଧ୍ୟ ପପୁ ଯାଦବଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନାଁରେ ସମାନ ଧମକ ମିଳିଥିଲା। ତେବେ ପୁଲିସ ଧମକ ଦେଇଥିବା ବ୍ୟକ୍ତିଙ୍କୁ ପୂର୍ଣ୍ଣିଆରୁ ଗିରଫ କରିଥିଲା।

### ଜାମା ମସଜିଦ ସର୍ଭେ ବିବାଦ

## ଡିସେମ୍ବର ୧୦ ଯାଏ ସମ୍ବଲକୁ ପ୍ରବେଶ ବାରଣ

**ଲକ୍ଷ୍ନୌ, ୩୦ା୧୧:** ସମାଜବାଦୀ ପାର୍ଟି ନେତାଙ୍କ ଗସ୍ତ ସମୟରେ ଉତ୍ତରପ୍ରଦେଶ ସମ୍ବଲରେ ପ୍ରବେଶ ବାରଣ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଆଜିଠାରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ବାହାର ଲୋକଙ୍କ ପ୍ରବେଶକୁ ନିଷିଦ୍ଧ କରିଛନ୍ତି। ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିବୃତ୍ତିରେ କୁହାଯାଇଛି ଯେ କୌଣସି ବାହାର ଲୋକ, ସାମାଜିକ ସଂଗଠନ କିମ୍ବା କୌଣସି ଜନ ପ୍ରତିନିଧୀ ଡିସେମ୍ବର ୧୦ ପର୍ଯ୍ୟନ୍ତ ଦକ୍ଷ ଅଧିକାରୀଙ୍କ ଅନୁମତି ନ ନେଇ ଜିଲ୍ଲାର ସୀମାରେ ପ୍ରବେଶ କରିପାରିବେ ନାହିଁ। ସୂଚନା ଅନୁସାରେ, ଗତକାଲି ସମାଜବାଦୀ ପାର୍ଟିର ୧୫ ଜଣିଆ ପ୍ରତିନିଧି ଦଳ ସମ୍ବଲ ଯାଇ ଶାହି ଜାମା ମସଜିଦ କମ୍ପ୍ଲେକ୍ସରେ ସର୍ଭେକୁ ନେଇ ହୋଇଥିବା ହିଂସା ବାବଦରେ ପଚାରି ବୁଝିଥିଲେ। ଏହା ପରେ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ପ୍ରବେଶ ନିଷିଦ୍ଧ କରାଯାଇଛି।

ପ୍ରକାଶ ଥାଉକି, ଶାହି ଜାମା ମସଜିଦ କମ୍ପ୍ଲେକ୍ସରେ ସର୍ଭେକୁ ନେଇ ବିବାଦ ସୃଷ୍ଟି ହୋଇଛି। ମସଜିଦ ହିନ୍ଦୁ ମନ୍ଦିରକୁ ଭଙ୍ଗାଯାଇ ନିର୍ମାଣ ହୋଇଥିବା ଦାବି ଉଠିବା ପରେ ଟ୍ରାଏଲ କୋର୍ଟ ଏକ ଆବେଦନ କ୍ରମେ ସର୍ଭେ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଏପରି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି ଯେ ୫ ଜଣ ଲୋକଙ୍କ ମୃତ୍ୟୁ ଘଟିଲାଣି। ମସଜିଦ କମିଟିର ଆବେଦନ କ୍ରମେ ଗତକାଲି ସୁପ୍ରିମକୋର୍ଟ ଏ ଉପରେ ଏକ ଶୁଣାଣି କରି ସର୍ଭେକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମସଜିଦ କମିଟି ହାଇକୋର୍ଟଙ୍କ ଦ୍ୱାରସ୍ଥ ନ ହେବା ପର୍ଯ୍ୟନ୍ତ ଟ୍ରାଏଲ କୋର୍ଟ ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ବରଯାତ୍ରୀଙ୍କୁ ଚିହ୍ନି ପାରିଲେନି, ଖୁଣ୍ଟିରେ ବାନ୍ଧି ପିଟିଲେ ଗାଁ ଲୋକେ

**ଦେଓରିଆ, ୩୦ା୧୧:** ବରଯାତ୍ରୀରେ ମଦପିଇ ଯିବା ଜଣେ ଯୁବକଙ୍କୁ ଭାରି ପଡ଼ିଛି। ଏତେ ମଦ ପିଇ ଯାଇଥିଲେ ଯେ ଗାଁ ଲୋକେ ବରଯାତ୍ରୀ ବୋଲି ଜାଣି ନ ପାରି ପ୍ରବଳ ପିଟିଥିଲେ। ଏକ ଇଲେକ୍ଟ୍ରିକ୍ ଖୁଣ୍ଟିରେ ବାନ୍ଧି ପିଟିବାର ଦୃଶ୍ୟ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି। ଏହି ଘଟଣା ଉତ୍ତରପ୍ରଦେଶ ଦେଓରିଆ ଜିଲ୍ଲାରେ ଘଟିଛି। ସ୍ଥାନୀୟ ଅଞ୍ଚଳରେ ଏକ ବିବାହ ଉତ୍ସବ ଚାଲିଥିଲା। ବରଯାତ୍ରୀଙ୍କ ସହ ଜଣେ ଯୁବକ ମଧ୍ୟ ଆସିଥିଲେ। କିନ୍ତୁ ପ୍ରବଳ ମଦ ପିଇ ଆସିବା ତାଙ୍କ ଉପରେ ଭାରି ପଡ଼ିଛି। କାରଣ ସେ ଏତେ ମଦ ପିଇଥିଲେ ଯେ ଅନ୍ୟ ବରଯାତ୍ରୀମାନେ କୁଆଡ଼େ ଗଲେ ବର ଗାଡ଼ି କୁଆଡ଼େ ଗଲା କିଛି ଜାଣିପାରି ନଥିଲେ। ଫଳରେ ଗାଁର ଅନ୍ୟ ଜଣଙ୍କ ଘରକୁ ଯାଇ ତାଙ୍କ କବାଟ ବାଡ଼େଇଥିଲେ। ନିକଟରେ ଏକ ଚୋରି ଘଟଣା ଘଟିଥିବାରୁ ଗାଁ ଲୋକେ ତାଙ୍କୁ ଚୋର ବୋଲି ଭାବି ନେଇଥିଲେ। ଫଳରେ ସମସ୍ତେ ଏକତ୍ରିତ ହୋଇ ତାଙ୍କୁ ଏକ ଇଲେକ୍ଟ୍ରିକ ଖୁଣ୍ଟିରେ ବାନ୍ଧି ପ୍ରବଳ ବାଡେଇଥିଲେ। ସେ ଲୋକଙ୍କୁ ଚୋର ନୁହଁନ୍ତି ବୋଲି ମନା କରିଥିଲେ ମଧ୍ୟ କେହି ଶୁଣି ନଥିଲେ, ମନ ଇଚ୍ଛା ପିଟି ଚାଲିଥିଲେ। କିଛି ଲୋକ ଛିଡ଼ା ହୋଇ ଦୃଶ୍ୟ ଦେଖିବା ସହ ମୋବାଇଲରେ ମଧ୍ୟ ରେକର୍ଡ କରିଥିଲେ।

## ଦୁଇ ଛୁଆଙ୍କ ତଣ୍ଟି ଚିପି ଦେଲା ମା’

### ବାପା ଆଣିଲେ ସାଂଘାତିକ ଅଭିଯୋଗ

**ବେଙ୍ଗାଲୁରୁ, ୩୦ା୧୧:** ବୈବାହିକ ଜୀବନରେ ଆରମ୍ଭ ହୋଇଥିବା କଳହ ନେଲା ଉଗ୍ର ରୂପ । ଆଉ ଏହାର କରୁଣ ପରିଣତି ଭୋଗିବାକୁ ପଡ଼ିଲା ଦୁଇ ନିଷ୍ପାପ ଶିଶୁଙ୍କୁ। ମା’ଙ୍କ ଉପସ୍ଥିତିରେ ଘରୁ ମିଳିଲା ପୁଅଝିଅଙ୍କ ମୃତଦେହ। ରଶିରେ ବେକକୁ ଚିପି ଉଭୟଙ୍କ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତେଣୁ ପତ୍ନୀ ହିଁ ନିଜ ଦୁଇ ପିଲାଙ୍କୁ ହତ୍ୟା କରିଥିବା ବ୍ୟକ୍ତିଜଣକ ଅଭିଯୋଗ କରିଛନ୍ତି। ଏପରି ଏକ ହୃଦୟ ବିଦାରକ ଘଟଣା ବାଙ୍ଗାଲୁରୁରେ ଘଟିଛି। ମୃତ ଭାଇଭଉଣୀଙ୍କ ବୟସ ଯଥାକ୍ରମେ ୭ ଓ ୩ ବର୍ଷ ବୋଲି ଜଣାଯାଇଛି। ପତ୍ନୀ ମମତା ସାହୁ ହିଁ ଦୁଇ ପିଲାଙ୍କୁ ନିର୍ଦ୍ଦୟ ଭାବେ ହତ୍ୟା କରିଥିବା ସୁନୀଲ ସାହୁ ନାମକ ବ୍ୟକ୍ତିଜଣକ ଅଭିଯୋଗ କରିଛନ୍ତି। ମାତ୍ର ମହିଳାଜଣକ ନିଜ ପିଲାଙ୍କୁ ମାରି ନ ଥିବା ସଫେଇ ଦେଉଛନ୍ତି। ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଝାଡ଼ଖଣ୍ଡ ବାସିନ୍ଦା ୩୦ ବର୍ଷୀୟ ସୁନୀଲ ବାଙ୍ଗାଲୁରୁରେ ଅଟୋ ଚଳାଇ ନିଜ ପରିବାର ପୋଷୁଥିଲେ। ସେଠାରେ ସେ ନିଜ ପତ୍ନୀ ଓ ଦୁଇ ପିଲାଙ୍କ ସହ ରହୁଥିଲେ। ପୁଲିସ୍ ସୂଚନା ଅନୁଯାୟୀ, କିଛି ଦିନ ହେବ ସୁନୀଲ ଓ ମମତାଙ୍କ ବୈବାହିକ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଏହାପରେ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଗତ ରାତିରେ ସୁନୀଲ ଘରକୁ ଫେରିବା ପରେ ଘରେ ମମତା ଓ ଦୁଇ ପିଲା ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସେ ସମସ୍ତଙ୍କୁ ମେଡିକାଲ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ଦୁଇ ପିଲାଙ୍କୁ ମୃତ ଘୋଷଣା କରିଥିଲେ।

### ବସ୍‌ରେ ଡିବେଟ ଦେଖୁଥିଲେ ଯାତ୍ରୀ

## ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ହେଲା ନୋଟିସ୍

**ସିମଲା, ୩୦ା୧୧:** ପ୍ଲେଟରୁ ସିଙ୍ଗଡ଼ା ଗାଏବ ହେବା ଘଟଣାର ସିଆଇଡି ଦ୍ୱାରା ଯାଞ୍ଚ କରି ଚର୍ଚ୍ଚା ପରିସରକୁ ଆସିଥିବା ହିମାଚଳପ୍ରଦେଶ ସରକାର ପୁଣି ଥରେ ବିବାଦରେ ଫସିଛନ୍ତି। ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କ ପୁଣି ଏକ କାରନାମା ସାମନାକୁ ଆସିଛି। ସରକାରୀ ବସ୍‌ରେ ଚାଲିଥିବା ଏକ ଡିବେଟ କାର୍ଯ୍ୟକ୍ରମରେ ଜଣେ ଯାତ୍ରୀ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଶୁଣୁଥିବା ବେଳେ ତାହାକୁ ନେଇ ଆରମ୍ଭ ହୋଇଛି ତମ୍ବିତୋଫାନ୍। ଏନେଇ ଉଭୟ ବସ୍ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ନୋଟିସ୍ ହୋଇଛି। ଏହାକୁ ନେଇ ପୁଣି ଥରେ ହିମାଚଳପ୍ରଦେଶରେ ତେଜିଛି ରାଜନୀତି। ଏହି ପୂରା ମାମଲା ଗତ ୧ ତାରିଖର ହୋଇଥିବା ବେଳେ ତାହା ଏବେ ଲୋକଲୋଚନକୁ ଆସିଛି। ଗତ ୧ ତାରିଖରେ ଏକ ବସ୍ ସିମଲାରୁ ସଞ୍ଜୌଲି ଯାଉଥିଲା। ବସ୍‌ରେ ଯାତ୍ରୀଙ୍କ ଭିଡ଼ ଥିଲା। ଉକ୍ତ ସମୟରେ ଜଣେ ଯାତ୍ରୀ ନିଜ ଫୋନ୍ ଯୋଗେ ଏକ ଡିବେଟ କାର୍ଯ୍ୟକ୍ରମ ଦେଖୁଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଓ ବିପକ୍ଷ ନେତାଙ୍କ ବିରୋଧରେ ଟିପ୍ପଣୀ ଦିଆଯାଉଥିଲା। ଏନେଇ ଉଭୟ ଡ୍ରାଇଭର ଓ କଣ୍ଡକ୍ଟର କାହିଁକି ତାଙ୍କୁ ଅଟକାଇଲେନି ବୋଲି ତାଙ୍କୁ ନୋଟିସ୍ ହୋଇଛି। ଉପମଣ୍ଡଳ ପ୍ରବନ୍ଧକ ଏନେଇ ଉଭୟଙ୍କୁ ନୋଟିସ୍ ଜାରି କରି ୩ ଦିନ ମଧ୍ୟରେ ଜବାବ ରଖିବାକୁ କୁହାଯାଇଛି। ଏହି ପୂରା ଘଟଣାକୁ ନେଇ ସୁଖୁ ସରକାରଙ୍କୁ ବିଜେପି ପକ୍ଷରୁ ଟାର୍ଗେଟ କରାଯାଇଛି। ବିଜେପି ବିଧାୟକ ସୁଧିର ଶର୍ମା କହିଛନ୍ତି,ସୁଖୁ ସରକାର ସବୁବେଳେ ଏପରି କାମ କରୁଛନ୍ତି ଯାହାକୁ ନେଇ ଜାତୀୟ ସ୍ତରରେ ଚର୍ଚ୍ଚା ଜୋର ଧରୁଛି।

## ବାଂଲାଦେଶୀଙ୍କ ଚିକିତ୍ସା ପାଇଁ ଡାକ୍ତର ମନାକଲେ

**କୋଲକାତା, ୩୦ା୧୧:** ବାଂଲାଦେଶରେ ଲଗାତର ହିନ୍ଦୁଙ୍କ ଉପରେ ବଢ଼ି ଚାଲିଛି ଅତ୍ୟାଚାର। ହିନ୍ଦୁ ଏବଂ ଜାତୀୟ ପତକାର ଅସମ୍ମାନ କରାଯାଉଛି। ଏହାରି ଭିତରେ ପଶ୍ଚିମବଙ୍ଗର ରାଜଧାନୀ କୋଲକାତାର ଡାକ୍ତରମାନେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। କୌଣସି ବି ବାଂଲାଦେଶୀ ନାଗରିକଙ୍କ ଚିକିତ୍ସା କରିବାକୁ ସେମାନେ ମନା କରି ଦେଇଛନ୍ତି। କୋଲକାତାର ଉତ୍ତର ଭାଗରେ ଥିବା ମାଣିକତଲାରେ ଅବସ୍ଥିତ ଜେଏନ୍ ରେ ହସ୍ପିଟାଲ୍‌ର ଡାକ୍ତରମାନେ ବାଂଲାଦେଶୀ ରୋଗୀଙ୍କୁ ଚିକିତ୍ସା ଯୋଗାଇବାକୁ ମନା କରି ଦେଇଛନ୍ତି। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହୋଇଥିବା ଅତ୍ୟାଚାରକୁ ବିରୋଧ କରି ଏହି ପଦକ୍ଷେପ ନିଆଯାଇଛି। ଶୁକ୍ରବାର ଦିନ ବାଂଲାଦେଶୀ ନାଗରିକଙ୍କ ଦ୍ୱାରା ଭାରତୀୟ ପତକା ଅପମାନିତ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଡାକ୍ତରଖାନାର ଅଧିକାରୀ ସୁଭ୍ରାଂଶୁ ଭକ୍ତ ଏହା କହିଛନ୍ତି। ହସ୍ପିଟାଲ ପକ୍ଷରୁ ଜାରି କରାଯାଇଥିବା ବୟାନରେ କୁହାଯାଇଛି ଯେ, ଆଜିଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଆମେ କୌଣସି ବାଂଲାଦେଶୀ ରୋଗୀଙ୍କୁ ଚିକିତ୍ସା ପାଇଁ ଗ୍ରହଣ କରିବୁ ନାହିଁ। ବିଶେଷ କରି ସେ ଭାରତ ପ୍ରତି ଅସମ୍ମାନ ପ୍ରଦର୍ଶନ କରିଛନ୍ତି ବୋଲି ସେ କହିଛନ୍ତି। ଏହାକୁ ପାଳନ କରିବାକୁ ସୁଭ୍ରାଂଶୁ ଭକ୍ତ ସହରର ଅନ୍ୟ ଡାକ୍ତରଖାନାଗୁଡ଼ିକୁ ମଧ୍ୟ ଅନୁରୋଧ କରିଛନ୍ତି। ହସ୍ପିଟାଲର ନିଷ୍ପତ୍ତି ଯୋଗୁ ଦୁଇ ଦେଶ ମଧ୍ୟରେ ଥିବା ଜଟିଳତା ଆହୁରି ବଢ଼ିପାରେ ବୋଲି ଅଶଙ୍କା କରାଯାଉଛି।

# ନଦୀରେ ଡଙ୍ଗା ଓଲଟି ୨୭ ମୃତ

**ନାଇରୋବି, ୩୦ା୧୧:** ମଝି ନଦୀରେ ଓଲିଟିଲା ଯାତ୍ରୀବାହୀ ଡଙ୍ଗା। ଚାଲିଗଲା ୨୭ ଜଣଙ୍କ ଜୀବନ। ସେହିପରି ଅନେକ ଏବେବି ନିଖୋଜ ଅଛନ୍ତି। ତେବେ ଡଙ୍ଗାଟି କିଭିଳି ବୁଡ଼ିଲା ସେନେଇ କୌଣସି ସୂଚନା ନାହିଁ। ଉତ୍ତର ନାଇଜେରିଆର ନାଇଜର ନଦୀରେ ଘଟିଛି ଏଭଳି କିଛି ଦୁର୍ଘଟଣା। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂଚନା ମୁତାବକ, ନିଖୋଜଙ୍କ ମଧ୍ୟରେ ଅଧିକାଂଶ ମହିଳା ଅଛନ୍ତି। ଡଙ୍ଗାଟି କୋଗି ରାଜ୍ୟରୁ ନାଇଜର ରାଜ୍ୟର ଏକ ଫୁଡ୍ ମାର୍କେଟକୁ ଯାଉଥିଲା। ଏହି ସମୟରେ ଦୁର୍ଘଟଣା ଘଟିଛି। ଡଙ୍ଗାରେ ପ୍ରାୟ ୨୦୦ ଲୋକ ଥିଲେ। ଅଧିକାଂଶ ଖାଦ୍ୟ ବ୍ୟବସାୟୀ ଥିଲେ। ନାଇଜର ରାଜ୍ୟ ଜରୁରୀକାଳୀନ ପରିଚାଳନା ଏଜେନ୍ସିର ମୁଖପାତ୍ର ଇବ୍ରାହିମ ଅଡୁଙ୍କ ଅନୁଯାୟୀ ଉଦ୍ଧାର କର୍ମଚାରୀମାନେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୨୭ ଟି ମୃତଦେହ ଉଦ୍ଧାର କରିଛନ୍ତି। କୋଗି ରାଜ୍ୟ ଜରୁରୀକାଳୀନ ସେବା ମୁଖପାତ୍ର ସେଣ୍ଡ୍ରା ମୁସା କହିଛନ୍ତି ଯେ, ଏହି ଦୁର୍ଘଟଣାରେ ଏବେବି ଆହୁରି ଅନେକ ଲୋକ ନିଖୋଜ ଉଦ୍ଧନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଘଟଣାକୁ ୧୨ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ଏବେବି ଅନ୍ୟ



କାହାର ପତ୍ତା ମିଳିନାହିଁ। ଡଙ୍ଗାରେ ଅଧିକାଂଶ ବ୍ୟବାସୟୀ ଥିଲେ। ଏମାନେ ଲାଇଫ୍ ଜ୍ୟାକେଟ୍ ପିନ୍ଧି ନଥିଲେ। ତେଣୁ ମୃତ୍ୟୁ ସଂଖ୍ୟା ଆଗକୁ ଆହୁରି ବଢ଼ିପାରେ ବୋଲି ଅଶଙ୍କା କରାଯାଉଛି। ଏହି ଦୁର୍ଘଟଣାର କାରଣ ସରକାରୀ ଭାବେ ଜଣା ପଡିନାହିଁ, କିନ୍ତୁ ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡିଥିବା କୁହାଯାଉଛି। ନାଇଜେରିଆର ଦୁର୍ଗମ ଅଞ୍ଚଳରେ ସଡକ ସୁବିଧା ଅଭାବରୁ ଲୋକମାନେ ପ୍ରାୟତଃ ଜଳପଥ ବ୍ୟବହାର କରନ୍ତି, ଯାହା ଫଳରେ ଡଙ୍ଗାରେ ଅଧିକ ଭିଡ ହୋଇଥାଏ। ଏଥିଲାଗି ଅନେକ ସମୟରେ ଦୁର୍ଘଟଣା ଘଟେ।

## ରେଳ ଷ୍ଟେସନରେ ନିଆଁ ଲାଗି ଜଳିଗଲା ୨୦୦ ବାଇକ୍

**ବାରଣାସୀ, ୩୦ା୧୧:** ରେଳ ଷ୍ଟେସନରେ ଲାଗିଲା ଭୟଙ୍କର ନିଆଁ। ହୁ ହୁ ହୋଇ ଜଳିଗଲା ୨୦୦ରୁ ଅଧିକ ବାଇକ୍। ବାରଣାସୀର ରେଲଓ୍ୱେ ଷ୍ଟେସନରେ ଘଟିଛି ଏଭଳି କିଛି ଭୟଙ୍କର ଅଗ୍ନିକାଣ୍ଡ। ଲୋକେ ଆତଙ୍କିତ ହୋଇପଡିଛନ୍ତି। ଏହାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବାରଣାସୀର କେଣ୍ଟ ରେଲଓ୍ୱେ ଷ୍ଟେସନର ପ୍ଲାଟଫର୍ମ ନମ୍ବର-୧ରେ ଥିବା ପାର୍କିଂରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ହଠାତ୍ ସର୍ଟ ସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ସୂଚନା ମିଳିଛି। ଏହି ପାର୍କିଂରେ ଅଧିକାଂଶ ରେଲଓ୍ୱେ କର୍ମଚାରୀଙ୍କର ହିଁ ଗାଡି ପାର୍କ ହୋଇଥିଲା। ତେବେ ଅଗ୍ନିଶମ ବାହିନୀକୁ ଏନେଇ ଖବର ଦିଆଯାଇଥିଲେ ସିଦ୍ଧା ଠିକ୍ ସମୟରେ ପହଞ୍ଚି ପାରିନଥିଲା। ତେଣୁ ଶହ ଶହ ଗାଡ଼ି ଜଳି ପୋଡି ପାଉଁଶ ହୋଇଯାଇଥିଲା। ତେବେ ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କେହି ପ୍ରାଣ ହରାଇ ନାହାନ୍ତି। ନିଆଁ ଲାଗିବା ପରେ ରେଲଓ୍ୱେ କର୍ମଚାରୀ ଓ ଆଖପାଖରେ ଥିବା ଲକୋ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହି ନିଆଁ ଧୀରେ ଧୀରେ ବିକରାଳ ରୂପ ଧାରଣ କରି ପୂରା ପାର୍କିଂକୁ ବ୍ୟାପି ଯାଇଥିଲା।



ଏହାକୁ ନେଇ ଲୋକେ ଆତଙ୍କିତ ହୋଇପଡିଥିଲେ। ଏହି ପୂରା ଘଟଣାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପରେ ଅଗ୍ନିଶକ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସେପଟେ ଖବର ପାଇଁ ସିଓ ଜିଆର୍‌ପି କେଣ୍ଟ ଓ କେଣ୍ଟ ଜିଆରପି ଇନସପେକ୍ଟର ହେମନ୍ତ ସିଂହ, ପୁଲିସ ଷ୍ଟେସନ ଜିଆରପି ବାରାଣସୀ କେଣ୍ଟ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୋଟରସାଇକେଲ ଷ୍ଟାଣ୍ଡର କେୟାରଟେକର ଏବଂ କ୍ୟାଣ୍ଟିନ କର୍ମଚାରୀଙ୍କ କହିବାନୁସାରେ, ଇଲେକ୍ଟ୍ରିକ୍ ତାରରେ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥିଲା।

## ଡାହାଣୀ ସନ୍ଦେହରେ ଗଛରେ ବାନ୍ଧି ଗରମ ଚେଙ୍କ

**ଶାହପୁର, ୩୦ା୧୧:** ସର୍ବ ସମ୍ମୁଖରେ ମହିଳାଙ୍କ ଚୁଟି କାଟିଦେଲେ। ମୁହଁରେ କଳା ବୋଳିଦେଲେ। ସେତିକିରେ ସରିଲାନି ନିର୍ଯାତନାର କାହାଣୀ। ମହିଳାଙ୍କୁ ଗଛରେ ବାନ୍ଧି ଦୁଇ ଦିନ କାଳ ଦେଇ ଚାଲିଲେ ଗରମ ଚେଙ୍କ। ଏପରି ବର୍ବର କାଣ୍ଡ ଘଟିଛି ରାଜସ୍ଥାନର ବୁନ୍ଦି ଜିଲ୍ଲାରେ। ଡାହାଣୀ ସନ୍ଦେହରେ କିଛି ଲୋକ ଘଟାଇଲେ ନୃଶଂସ କାଣ୍ଡ। ଦୁଇ ଦିନ କାଳ ଜଣେ ମହିଳାଙ୍କୁ ଦେଇ ଚାଲିଲେ ଗରମ ଚେଙ୍କ। ଶେଷରେ ପୁଲିସ୍ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ମହିଳାଙ୍କ ଶରୀରରେ ଡାହାଣୀ ପଶିଥିବା ଶୁଣି ଖରାପ ଆତ୍ମାରୁ ତାଙ୍କୁ ମୁକ୍ତ କରିବାକୁ କିଛି ଲୋକ ଏପରି ଅମାନବୀୟ କାଣ୍ଡ ଘଟାଇ ଚାଲିଥିଲେ। ଶାହପୁର ନିବାସୀ ଉକ୍ତ ମହିଳାଙ୍କୁ ଗୁଣ୍ଡାଗୋକୁଳପୁରା ଗାଁ ନିକଟରେ ଥିବା ଏକ ପୂଜା ସ୍ଥଳକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଗଛରେ ବାନ୍ଧି ଦୁଇ ଦିନ ପର୍ଯ୍ୟନ୍ତ ଅମାନବୀୟ ଭାବେ ନିର୍ଯାତନା ଦିଆଯାଇଥିଲା। ତାଙ୍କ ଗଛରେ ବାନ୍ଧି ଗରମ ଲୁହାକୁ ତତାଇ ଚେଙ୍କ ପରେ ଚେଙ୍କ ଦିଆଯାଇଛି। ସମସ୍ତେ ଏହା ଦେଖୁଥିବା ବେଳେ ମହିଳାଜଣକ ଛାଡ଼ିଦେବାକୁ କାକୁତିମିନତି ହେଉଥିଲେ।

# ବାଂଲାଦେଶରେ ୧୭ ଇସ୍କନ ସଦସ୍ୟଙ୍କ ବ୍ୟାଙ୍କ ଖାତା ଅଚଳ

**ଢାକା, ୩୦ା୧୧:** ବାଂଲାଦେଶରେ ଇସ୍କନ କର୍ମକର୍ତ୍ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଅଚଳ ନିର୍ଦ୍ଦେଶ। ଇସ୍କନ ସହ ଜଡ଼ିତ ୧୭ ଜଣ କର୍ମକର୍ତ୍ତାଙ୍କ ଆକାଉଣ୍ଟ ଅଚଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବାଂଲାଦେଶ ସରକାର। ଇସ୍କନ ସଦସ୍ୟ ଚିନ୍ମୟ କୃଷ୍ଣ ଦାସ ପ୍ରଭୁଙ୍କ ଗିରଫଦାରୀ ପରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି।

ପ୍ରକାଶ ଥାଉକି, ନିକଟରେ ହିନ୍ଦୁ ସମର୍ଥକ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଜଣେ ଓକିଲଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଇସ୍କନ୍ ଉପରେ ପ୍ରତିବନ୍ଧକ ଲଗାଇବାକୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ହାଇକୋର୍ଟ ଏହି ଆବେଦନକୁ ଖାରଜ କରିବା ପରେ ଇସ୍କନ କର୍ମକର୍ତ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖବରକାଗଜ ପ୍ରୋଥମ୍ ଆଲୋ ରିପୋର୍ଟ ଅନୁସାରେ, ବାଂଲାଦେଶ ଫାଇନାନସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ ବିଭିନ୍ନ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନକୁ ଏହି ନିର୍ଦ୍ଦେଶନାମା ଜାରି କରିଛି, ଯେଉଁଥିରେ ୧୭ ଜଣ ଇସ୍କନ କର୍ମକର୍ତ୍ତାଙ୍କ ନାମ ଉଲ୍ଲେଖ ରହିଛି। ଗୋଟେ ମାସ ପର୍ଯ୍ୟନ୍ତ ସେମାନଙ୍କ ବ୍ୟାଙ୍କ ଖାତା ଅଚଳ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ, କେନ୍ଦ୍ରୀୟ ବାଂଲାଦେଶ ବ୍ୟାଙ୍କ ଅଧୀନରେ ଥିବା ଆର୍ଥିକ ଗୁପ୍ତଚର ଏଜେନ୍ସି ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ଏହି ୧୭ ଜଣ ବ୍ୟକ୍ତିଙ୍କ ମାଲିକାନାରେ ଥିବା ସମସ୍ତ ବ୍ୟବସାୟ ସମ୍ବନ୍ଧୀୟ ଆକାଉଣ୍ଟଗୁଡିକର ସମ୍ପୂର୍ଣ୍ଣ ବିବରଣୀ ସହିତ ସୂଚନା ପଠାଇବାକୁ କହିଛି। ଆସନ୍ତା କାର୍ଯ୍ୟ ଦିବସର ତିନି ଦିନ ମଧ୍ୟରେ ତଥ୍ୟ ଦେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରକାଶ ଥାଉକି, ନିକଟରେ ବାଂଲାଦେଶରେ ଇସ୍କନ ସଦସ୍ୟ ଚିନ୍ମୟ କୃଷ୍ଣ ଦାସ ପ୍ରଭୁଙ୍କ ଗିରଫ କରାଯାଇଛି। ଅକ୍ଟୋବର ୩୦ରେ ଦାସଙ୍କ ସମେତ ୧୯ ଜଣଙ୍କ ବିରୁଦ୍ଧରେ ଚଟ୍ଟଗ୍ରାମର କୋଟୱାଲି ପୁଲିସ ଷ୍ଟେସନରେ ଦେଶଦ୍ରୋହ ମାମଲା ରୁଜୁ କରାଯାଇଥିଲା। ତାଙ୍କ ବିରୁଦ୍ଧରେ ଜାତୀୟ ପତାକାକୁ ଅବମାନନା କରାଯାଇଥିବା ଅଭିଯୋଗ ହୋଇଥିଲା।

ଏହି ଅଭିଯୋଗ କ୍ରମେ ଢାକା ଅନ୍ତର୍ଜାତୀୟ ବିମାନବନ୍ଦରରୁ ତାଙ୍କୁ ଗିରଫ କରାଯାଇଛି। କୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରିବା ପରେ ତାଙ୍କୁ ଜେଲ୍ ପଠାଯାଇଛି। ଶେଖ ହସିନାଙ୍କ ସରକାର ପରେ ବାଂଲାଦେଶରେ ହିଂସା ଲାଗି ରହିଛି। ସଂରକ୍ଷଣକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଧୀରେ ଧୀରେ ସାମ୍ପ୍ରତିକ ଭେଦଭାବରେ ପରିଣତ ହୋଇଛି। ଏସବୁ ମଧ୍ୟରେ ନୂଆ ସରକାର କି ପଦକ୍ଷେପ ନେଉଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିଛି।

## ୩ ମନ୍ଦିରରେ ଭଙ୍ଗାରୁଜା

**ଢକା, ୩୦ା୧୧:** ବାଂଲାଦେଶରେ ହିନ୍ଦୁଙ୍କ ଉପରେ ବଢ଼ିବାରେ ଲାଗିଛି ଅତ୍ୟାଚାର। ବିଭିନ୍ନ ସ୍ଥାନରେ ହିନ୍ଦୁମାନଙ୍କୁ ଟାର୍ଗେଟ୍ କରାଯାଇଛି। ଗତ କିଛି ଦିନ ପୂର୍ବେ ଇସ୍କନର ପୂର୍ବତନ ସଦସ୍ୟଙ୍କ ବିରୋଧରେ ଦେଶଦ୍ରୋହ ମମଲା ରୁଜୁ କରାଯାଇଥିଲା। ଏହା ତାଙ୍କୁ ଗିରଫ କରାଯାଇଥିଲା। ଏହା ପରଠାରୁ ହିଁ ଚଟ୍ଟଗାମରେ ବିରୋଧ ପ୍ରଦର୍ଶନ ଜାରି ରହିଛି। ଏହାରି ଭିତରେ ଶୁକ୍ରବାର ନାରାବାଜି କରୁଥିବା କିଛି ବିକ୍ଷୋଭକାରୀ ତିନୋଟି ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରିଛନ୍ତି। ଏକ ସ୍ଥାନୀୟ ନ୍ୟୁଜ୍ ପୋର୍ଟାଲର ସୂଚନା ମୁତାବକ, ଆକ୍ରମଣକାରୀମାନେ ଶାନ୍ତନେଶ୍ୱରୀ ମାତୃ ମନ୍ଦିର, ଶନି ମନ୍ଦିର ଏବଂ ଶାନ୍ତନେଶ୍ୱରୀ କାଳିବାଡ଼ି ମନ୍ଦିରକୁ ଟାର୍ଗେଟ କରିଥିଲେ। ମନ୍ଦିର ଅଧିକାରୀଙ୍କ କହିଛନ୍ତି ଯେ ନାରାବାଜି କରୁଥିବା ଶହ ଶହ ଲୋକ ମନ୍ଦିର ଉପରକୁ ଇଟା ଓ ପଥର ଫିଙ୍ଗିଥିଲେ। ଫଳରେ ଶନି ମନ୍ଦିର ଏବଂ ଅନ୍ୟ ଦୁଇଟି ମନ୍ଦିର କ୍ଷତିଗ୍ରସ୍ତ ହୋଇଛି। କୋତୱାଲୀ ପୁଲିସ ଷ୍ଟେସନ ମୁଖ୍ୟ ଅବଦୁଲ କରିମ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ହୋଇଥିବା ନେଇ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ମନ୍ଦିର ଉପରେ ଆକ୍ରମଣ କରିଥିବା ଆକ୍ରମଣକାରୀମାନେ ମନ୍ଦିରକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ଏହି ଆକ୍ରମଣରେ ମନ୍ଦିରରେ ବହୁତ କମ୍ କ୍ଷୟକ୍ଷତି ହୋଇଛି। ତେବେ ଏହି ଆକ୍ରମଣରେ କେହି ଆହତ ହୋଇନଥିବା ପୁଲିସ କହିଛି।

### ଓକିଲ ମୃତ୍ୟୁ ମାମଲା

## ୯ ଜଣ ହିନ୍ଦୁ ଗିରଫ



**ଢକା, ୩୦ା୧୧:** ହିଂସା ସମୟରେ ଜଣେ ଓକିଲଙ୍କ ମୃତ୍ୟୁ ମାମଲାରେ ୯ ଜଣଙ୍କୁ ଗିରଫ କରିଛି ବାଂଲାଦେଶ ପୁଲିସ। ସେମାନଙ୍କ ମଧ୍ୟରୁ ଅଧିକାଂଶ ହିନ୍ଦୁ ଅଛନ୍ତି। ନିକଟରେ ବାଂଲାଦେଶରେ ହିନ୍ଦୁ ଏବଂ ପୁଲିସ ମଧ୍ୟରେ ହୋଇଥିବା ସଂଘର୍ଷ ସମୟରେ ଜଣେ ଓକିଲଙ୍କ ମୃତ୍ୟୁ ହୋଇଥିଲା। ଏହି ମାମଲାରେ ୪୬ ଜଣିଆ ଏକ ଗୋଷ୍ଠୀ ବିରୁଦ୍ଧରେ ମାମଲା ରୁଜୁ କରାଯାଇଥିଲା। ଆଜି ପୁଲିସ ସେମାନଙ୍କ ମଧ୍ୟରୁ ୯ ଜଣଙ୍କୁ ଗିରଫ କରିଛି, ଯେଉଁମାନଙ୍କ ମଧ୍ୟରେ ସର୍ବାଧିକ ହିନ୍ଦୁ ଥିବା ଜଣାପଡ଼ିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସରକାର ସମୟରେ ସଂରକ୍ଷଣକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଧୀରେ ଧୀରେ ସାମ୍ପ୍ରଦାୟିକ ହିଂସାରେ ପରିଣତ ହୋଇଛି। ବାଂଲାଦେଶରେ ରହୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟ ହିନ୍ଦୁମାନଙ୍କୁ ଟାର୍ଗେଟ କରୁଛନ୍ତି ଆନ୍ଦୋଳନକାରୀ। ଏହାକୁ ନେଇ ନିକଟରେ ପୁଲିସ ଓ ହିନ୍ଦୁମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ସମୟରେ ଜଣେ ଓକିଲଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ISKCON ଉପରେ ପ୍ରତିବନ୍ଧକ ଲଗାଇବାକୁ ହାଇକୋର୍ଟରେ ଆବେଦନ କରାଯାଇଛି, ଯାହାକୁ କୋର୍ଟ ଖାରଜ କରି ଦେଇଛନ୍ତି।

ସେହିପରି ଆଜି ଇସ୍କନର ୧୭ ଜଣ ଇସ୍କନ ସଦସ୍ୟଙ୍କ ବ୍ୟାଙ୍କ ଖାତା ମଧ୍ୟ ଅଚଳ କରିଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ ମାସ ପର୍ଯ୍ୟନ୍ତ ସେମାନଙ୍କ ଖାତାରେ ସମସ୍ତ କାରବାର ବନ୍ଦ କରିବାକୁ କୁହାଯାଇଛି। ସେପଟେ, ଦେଶଦ୍ରୋହ ଅଭିଯୋଗରେ ଇସ୍କନ ସଦସ୍ୟ ଚିନ୍ମୟ କୃଷ୍ଣ ଦାସ ପ୍ରଭୁଙ୍କ ଗିରଫ କରାଯାଇଛି। ସେ ଜାତୀୟ ପତାକାକୁ ଅବମାନନା କରିଥିବା ଅଭିଯୋଗ ହେବା ପରେ ପୁଲିସ ତାଙ୍କୁ ଗିରଫ କରିଛି।

# ନୂଆ ଲୁକ୍‌ରେ ଟିମ୍ ଇଣ୍ଡିଆର ନୂଆ ଜର୍ସି

**ନୂଆଦିଲ୍ଲୀ, ୩୦।୧୧:** ଭାରତୀୟ କ୍ରିକେଟ୍ ଦଳ ପାଇଁ ଲଞ୍ଚ୍ ହୋଇଛି ନୂଆ ଜର୍ସି। ଦିନିକିଆ ଫର୍ମାଟରେ ନୂଆ ଜର୍ସି ପିନ୍ଧି ମୈଦାନକୁ ଓହ୍ଲାଇବ ଟିମ୍ ଇଣ୍ଡିଆ। ବିସିସିଆଇ ସଚିବ ଜୟ ଶାହ ଏବଂ ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌର ଏହି ନୂଆ ଜର୍ସିକୁ ଉନ୍ମୋଚନ କରିଛନ୍ତି। ବିସିସିଆଇ ଏହାର ସୋଶାଲ ମିଡିଆରେ ଏହି ସମୟର ଭିଡିଓ ଶେୟାର କରିଛି। ନୂଆ ଜର୍ସିରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି। ପାରମ୍ପାରିକ ନୀଳ ରଙ୍ଗର ଏହି ନୂଆ ଜର୍ସିରେ ପୂର୍ବ ଭଳି 'ଡ୍ରିମ୍ ୧୧' ଲୋଗୋ ଏବଂ 'ଇଣ୍ଡିଆ' ଲେଖା ରହିଛି। ତେବେ ନୂଆ ଏକଦିବସୀୟ ଜର୍ସିର କାନ୍ଧରେ 'ତ୍ରିରଙ୍ଗା' ଚିହ୍ନ ସ୍ଥାନ ପାଇଛି। ସେହିପରି ଡାହାଣ ପାଖ ଛାତିରେ ଆଡିଦାସ ଲୋଗ ରହିଥିବାବେଳେ ବାମ ପାଖରେ ବିସିସିଆଇ ଲୋଗୋ ରହିଛି। ଏହି ବିସିସିଆଇ ଲୋଗୋ ଉପରେ ପୂର୍ବ ପରି ଦିନିକିଆ ବିଶ୍ୱକପ୍ ବିଜୟର ଚିହ୍ନ ସ୍ୱରୂପ ଦୁଇଟି ଷ୍ଟାର ସ୍ଥାନ ପାଇଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ହରମନପ୍ରୀତଙ୍କ ନେତୃତ୍ୱାଧୀନ ମହିଳା ଦଳ ପ୍ରଥମ ଥର ପାଇଁ ନୂଆ ଜର୍ସି ପିନ୍ଧିବ। ଡିସେମ୍ବରରେ ୱେଷ୍ଟଇଣ୍ଡିଜ୍ ଦଳ ଭାରତ ଗସ୍ତ କରିବ। ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ତିନୋଟି ଦିନିକିଆ ଏବଂ ତିନୋଟି ଟି୨୦ ମ୍ୟାଚ୍ ଖେଳାଯିବ। ଏହି ସମୟରେ ନୂଆ ଜର୍ସି ପିନ୍ଧିବ ମହିଳା ଦଳ। ଅନ୍ୟପଟେ ଭାରତୀୟ ପୁରୁଷ କ୍ରିକେଟ ଦଳ ଇଂଲଣ୍ଡ ବିପକ୍ଷରେ ଫେବୃଆରୀ ୨ ତାରିଖରୁ ଦିନିକିଆ ସିରିଜ୍ ଖେଳିବ। ଏହି ସିରିଜର ଦ୍ୱିତୀୟ ମ୍ୟାଚ୍ ଫେବୃଆରୀ ୯ ତାରିଖରେ କଟକ- ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଏହି ସମୟରେ ଟିମ୍ ଇଣ୍ଡିଆ ନୂଆ ଜର୍ସିରେ ନଜର ଆସିବ।




## ପାକିସ୍ତାନ କ୍ରିକେଟକୁ ବଡ଼ ଝଟକା

# ପାକିସ୍ତାନ ସୁପର୍ ଲିଗ୍ ଖେଳିବେନି ଇଂଲଣ୍ଡ ଖେଳାଳି

**ନୂଆଦିଲ୍ଲୀ, ୩୦।୧୧:** ଚାମ୍ପିୟନ୍ସ ଟ୍ରଫିକୁ ନେଇ ଲାଗି ରହିଥିବା ବିବାଦ ମଧ୍ୟରୁ ବାହାରି ପାରିନଥିବା ପାକିସ୍ତାନ କ୍ରିକେଟ ବୋର୍ଡକୁ ଲାଗିଛି ଆଉ ଏକ ବଡ଼ ଝଟକା। ଏଥର ଆଇସିସି ବା ବିସିସିଆଇ ନୁହେଁ, ବରଂ ପାକିସ୍ତାନ କ୍ରିକେଟକୁ ଏହି ଝଟକା ଦେଇଛି ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)। କାରଣ ଇସିବିର ନୂଆ ନିୟମ ଅନୁସାରେ ଏବେ ଇଲଂଣ୍ଡ ଖେଳାଳିମାନେ ପାକିସ୍ତାନ ସୁପର ଲିଗ୍ ଖେଳିବାକୁ ସକ୍ଷମ ହେବେ ନାହିଁ। ଯାହା ଏହି କ୍ରିକେଟ ଲିଗକୁ ଗଭୀର ଭାବେ ପ୍ରଭାବିତ କରିବ। ଇଂଲଣ୍ଡ କ୍ରିକେଟ୍ ବୋର୍ଡ ନିଷ୍ପତ୍ତି ନେଇଛି ଯେ ଏହାର ଘରୋଇ କ୍ରିକେଟ୍ ସିଜିନ୍ ଚାଲିଥିବା ସମୟରେ ଇଂଲଣ୍ଡ ଖେଳାଳିମାନେ ଅନ୍ୟ କୌଣସି ଫ୍ରାଞ୍ଚାଇଜ୍ ଲିଗ୍ ଖେଳିପାରିବେ ନାହିଁ। ଇସିବିର ଏହି ନିଷ୍ପତ୍ତି ଦ୍ୱାରା ପାକିସ୍ତାନ ସୁପର ଲିଗ୍ ସମେତ ଆମେରିକାର ମେଜର ଲିଗ୍ କ୍ରିକେଟ୍, କାନାଡାର ଗ୍ଲୋବାଲ୍ ଟି20 ଲିଗ୍ ଏବଂ ଶ୍ରୀଲଙ୍କା ପ୍ରିମିୟର ଲିଗ୍ ଭଳି ବିଶ୍ୱସ୍ତରୀୟ ଲିଗ୍ ମଧ୍ୟ ପ୍ରଭାବିତ ହେବ। କାଉଣ୍ଟି ଚାମ୍ପିୟନସିପ୍, ଟି20 ବ୍ଲାଷ୍ଟ ଏବଂ ଦି ହଣ୍ଡ୍ରେଡ୍ ଭଳି ଘରୋଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ବଢ଼ାଇବା ପାଇଁ ଏଭଳି ନିଷ୍ପତ୍ତି ନେଇଛି ବୋର୍ଡ। ଯାହା ଇଂଲଣ୍ଡ ଖେଳାଳିଙ୍କ ସମସ୍ୟାକୁ ମଧ୍ୟ ବଢ଼ାଇ ଦେଇଛି, କାରଣ ଫ୍ରାଞ୍ଚାଇଜ୍ ଲିଗ୍ ସେମାନଙ୍କ ପାଇଁ ରୋଜଗାରର ଏକ ବଡ଼ ମାଧ୍ୟମ। ଚଳିତ ବର୍ଷ ଜେସନ ରଏ ଏବଂ ଆଲେକ୍ସ ହେଲ୍ସ ଇଂଲଣ୍ଡର ଘରୋଇ ଟୁର୍ଣ୍ଣାମେଣ୍ଟ ଟି20 ବ୍ଲାଷ୍ଟ ଛାଡି ଅନ୍ୟ ଲିଗରେ ଭାଗ ନେଇଥିଲେ, ଯେଉଁଥିପାଇଁ ଇସିବି ଅସନ୍ତୋଷ ପ୍ରକାଶ କରିଥିଲା। ଏହାପରେ ବୋର୍ଡ ଘୋଷଣା କରିଛି ଯେ ଯେଉଁ ଖେଳାଳିମାନେ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳନ୍ତି ନାହିଁ, ସେମାନେ ମଧ୍ୟ ଘରୋଇ ସୀମିତ ଓଭର ଟୁର୍ଣ୍ଣାମେଣ୍ଟ ସମୟରେ ଅନ୍ୟ ଲିଗ୍ ଖେଳି ପାରିବେ ନାହିଁ। ତେବେ ଆଇପିଏଲକୁ ଏହି ନିୟମରୁ ଦୂରରେ ରଖାଯାଇଛି, କାରଣ ଏହା ବିଶ୍ୱର ସର୍ବାଧିକ ଆୟକାରୀ ଲିଗ୍। ଇସିବି କହିଛି ଯେ, ଖେଳାଳିମାନେ କେବଳ ସେହି ଟୁର୍ଣ୍ଣାମେଣ୍ଟରେ ଖେଳିପାରିବେ, ଯାହା ସେମାନଙ୍କ ଘରୋଇ କ୍ରିକେଟ ସିଜିନରେ ବାଧା ସୃଷ୍ଟି କରିବ ନାହିଁ।




## ସୟଦ ମୁସ୍ତାକ ଅଲି ଟ୍ରଫି

# ଚୌକା-ଛକା ବର୍ଷା କଲେ ଇଶାନ କିଶାନ



**ନୂଆଦିଲ୍ଲୀ,୩୦।୧୧:** ସୟଦ ମୁସ୍ତାକ ଅଲି ଟ୍ରଫି ୨୦୨୪ରେ ଝାଡଖଣ୍ଡ ରନ ପଛରେ ପକାଇ ମାତ୍ର ୪.୩ ଓଭରରେ ଜିତିଥିଲା। ଦଳ ଜିତିବାରେ ସାହାଯ୍ୟ କରିବାରେ ଇଶାନ କିଶନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୯ଟି ଛକା ଓ ୫ ଚୌକା ସହାୟତାରେ ଇଶାନ ଏକ ଚମତ୍କାର ଅପରାଜିତ ଇନିଂସ ଖେଳିଥିଲେ, ଯେଉଁଥିପାଇଁ ତାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଆଖ୍ୟା ଦିଆଯାଇଥିଲା। ଏହି ଟୁର୍ନାମେଣ୍ଟରେ ଅରୁଣାଚଳ ପ୍ରଦେଶ ଏବଂ ଝାଡଖଣ୍ଡ ମଧ୍ୟରେ ଗ୍ରୁପ ସି ମ୍ୟାଚ ଖେଳାଯାଇଥିଲା। ମ୍ୟାଚ ଜିତିବା ପାଇଁ ଝାଡଖଣ୍ଡ ୯୪ ରନ ସଂଗ୍ରହ କରିଥିଲା। ରନ ପିଛା କରି ଝାଡଖଣ୍ଡ କୌଣସି ଉଇକେଟ ନ ହରାଇ ୪.୩ ଓଭରରେ ଜିତିଥିଲା। ଦଳ ପାଇଁ ଖୋଲିବାକୁ ଆସିଥିବା ଇଶାନ କିଶାନ ଏକ ଚମତ୍କାର ଇନିଂସ ଖେଳି ୨୩ ବଲରେ ଅପରାଜିତ ରନ ସଂଗ୍ରହ କରି ୫ ଚୌକା ଓ ୯ ଛକା ସହାୟତାରେ କରିଥିଲେ। ଇଶାନଙ୍କ ଷ୍ଟ୍ରାଇକ ହାର ଥିଲା ୩୩୪.୭୮। ଏହି ସମୟରେ ଇଶାନଙ୍କ ସହ କ୍ରିଜରେ ଉପସ୍ଥିତ ଥିବା ଉତ୍କଳ ସିଂ ୨ ଚୌକା ସହାୟତାରେ ୬ଟି ବଲରେ ୧୩ ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚରେ ଅରୁଣାଚଳ ପ୍ରଦେଶ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ଦଳ ମାତ୍ର ୨୦ ଓଭରରେ ୯୩ ରନ ସ୍କୋର କରିଥିଲା।

# ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଅଷ୍ଟ୍ରେଲିଆକୁ ଶକ୍ତ ଝଟ୍‌କା

**ସିଡନୀ,୩୦।୧୧:** ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପିଙ୍କ୍ ବଲ ଟେଷ୍ଟ ଡିସେମ୍ବର ୬ରୁ ଖେଳାଯିବ। ପାଞ୍ଚ ମ୍ୟାଚ ଟେଷ୍ଟ ସିରିଜର ଏହା ଦ୍ୱିତୀୟ ମ୍ୟାଚ ହେବ। ଏହି ଟେଷ୍ଟ ମ୍ୟାଚ ପୂର୍ବରୁ ଅଷ୍ଟ୍ରେଲିଆ ଦଳକୁ ଏକ ବଡ଼ ଝଟ୍‌କା ଲାଗିଛି। ଆହତ କାରଣରୁ ଅଷ୍ଟ୍ରେଲିଆର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲରଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ ଦିଆଯାଇଛି। କ୍ରିକେଟ ଅଷ୍ଟ୍ରେଲିଆ ଏକ ବିବୃତ୍ତି ଜାରି କରି କହିଛି, ଦ୍ରୁତ ବୋଲର ଜୋଶ ହାଜଲେଉଡ ଆଡିଲେଡରେ ଖେଳାଯିବାକୁ ଥିବା ଦିନରାତି ଟେଷ୍ଟ ଖେଳିବେ ନାହିଁ।

ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ଜୋଶ ହାଜଲେଉଡଙ୍କ ବାମ ଗୋଡରେ ଆଘାତ ଲାଗିଛି, ଏହି କାରଣରୁ ସେ ଡିସେମ୍ବର ୬ରୁ ଆଡିଲେଡରେ ଭାରତ ବିପକ୍ଷ ପିଙ୍କ୍ ବଲ ଟେଷ୍ଟରୁ ବାଦ ପଡିଛନ୍ତି। ଡେବ୍ୟୁ ପରେ ଏହା ପ୍ରଥମ ଥର ହେବ ଯେ ହାଜଲେଉଡ ଘରେ ଭାରତ ବିପକ୍ଷ ଟେଷ୍ଟ ମ୍ୟାଚରୁ ବାଦ୍ ପଡ଼ିବେ। ହାଜଲେଉଡଙ୍କ ଆଘାତ ଯୋଗୁଁ ଅଷ୍ଟ୍ରେଲିଆର ଦ୍ରୁତ ବୋଲିଂ ଆକ୍ରମଣ ଦୁର୍ବଳ ହୋଇଯାଇଛି। ଜୋଶ ହାଜଲେଉଡଙ୍କ ସ୍ଥାନରେ କ୍ରିକେଟ ଅଷ୍ଟ୍ରେଲିଆ ଅଷ୍ଟ୍ରେଲିଆ ଦଳରେ ଦୁଇ ନୂତନ ଦ୍ରୁତ ବୋଲରଙ୍କୁ ଅନ୍ତର୍ଭୁକ୍ତ କରିଛି। ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ କଙ୍ଗାରୁ ଦଳରେ ଦୁଇ ଜଣ ଅବିଭକ୍ତ ବୋଲର ସଚିନ ଆବଟ୍ଟ ଏବଂ ବ୍ରେଣ୍ଡନ ଡୋଗେଟଙ୍କୁ ସାମିଲ କରାଯାଇଛି। ଉଭୟ ଏପର୍ଯ୍ୟନ୍ତ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିନାହାଁନ୍ତି। ତେବେ ଆବଟ୍ଟ ଜଣେ ନୂତନ ଖେଳାଳି ନୁହଁନ୍ତି, ସେ ଅଷ୍ଟ୍ରେଲିଆ ପାଇଁ ୨୬ଟି ଦିନିକିଆ ଏବଂ ୨୦ ଅନ୍ତର୍ଜାତୀୟ ଟି -୨୦ ମ୍ୟାଚ ଖେଳିଛନ୍ତି। ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯାଉଛି। ଏହି ସିରିଜର ପ୍ରଥମ ମ୍ୟାଚ ପର୍ଥରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଟିମ ଇଣ୍ଡିଆ ୨୯୨ ରନରେ ଜିତିଥିଲା।




# ମ୍ୟାଚ ଫିକ୍ସିଂ କରି ବନ୍ଧା ହେଲେ ୩ କ୍ରିକେଟର୍



**ନୂଆଦିଲ୍ଲୀ,୩୦।୧୧:** କ୍ରିକେଟ ଭଳି ଖେଳରେ ମ୍ୟାଚ ଫିକ୍ସିଂ ଏକ ବଡ ଅପରାଧ। ଏହା ପ୍ରକାଶ ପାଇବା ପରେ ଏହି ଅପରାଧ କରୁଥିବା ଖେଳାଳିମାନେ ମଧ୍ୟ ଜେଲକୁ ଯାଆନ୍ତି। ଦକ୍ଷିଣ ଆଫ୍ରିକା କ୍ରିକେଟରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳିଛି। ଏଠାରେ ୮ ବର୍ଷ ପୁରୁଣା ମ୍ୟାଚ ଫିକ୍ସିଂ ସ୍କାଣ୍ଡାଲର ପର୍ଦ୍ଦାଫାସ ହୋଇଛି। ଏହି ଘଟଣାରେ ତିନି ଖେଳାଳିଙ୍କୁ ଗିରଫ କରାଯାଇଛି। ଏହି ଘଟଣା ପାଇଁ ଥାମି ସୋଲେକିଲ, ଲୋନାଭୋ ସୋଟୋବ ଏବଂ ଆଥୀ ମବାଲାଟିଙ୍କୁ ଗିରଫ କରାଯାଇଛି। ଏହି ତିନି କ୍ରିକେଟରଙ୍କୁ ୧୮, ୨୮ ଏବଂ ୨୯ ନଭେମ୍ବରରେ ଗିରଫ କରାଯାଇଥିଲା। ସେ ୨୦୧୫-୧୬ ଟି-୨୦ ରାମ ସ୍ଲାମ ଚ୍ୟାଲେଞ୍ଜ ଟୁର୍ନାମେଣ୍ଟରେ ମ୍ୟାଚ ଫିକ୍ସିଂରେ ଜଡିତ ଥିବା ଅଭିଯୋଗ ହୋଇଛି।

## ଅଣ୍ଡର ୧୯ ଏସିଆ କପ

# ପାକ୍ ବୋଲରଙ୍କ ଆଗରେ ଟିକ୍ଷିଲେନି ଭାରତୀୟ ବ୍ୟାଟ୍ସମ୍ୟାନ

**ଦୁବାଇ, ୩୦।୧୧:** ଅଣ୍ଡର ୧୯ ଏସିଆ କପରେ ଭଲ ପ୍ରଦର୍ଶନ ସତ୍ତ୍ୱେ ଭାରତୀୟ ବୋଲରଙ୍କୁ ପାଣି ପିଆଇଲେ କେବଳ ଜଣେ ପାକିସ୍ତାନୀ ବ୍ୟାଟର। ଆଜି (ଶନିବାର) ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଅଣ୍ଡର ୧୯ ଏସିଆ କପରେ ମୁହାଁମୁହିଁ ହୋଇଛନ୍ତି ଦୁଇ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ। ତେବେ ଏହି ମ୍ୟାଚରେ ପାକିସ୍ତାନର ଓପନିଂ ବ୍ୟାଟର ଶାହଜୈବ ଖାନ ଏକାକୀ ୧୫୦ରୁ ଅଧିକ ରନର ପାଳି ଖେଳି ଭାରତକୁ ଅଡୁଆରେ ପକାଇଛନ୍ତି। ଅନ୍ୟପଟେ ବହୁଚର୍ଚ୍ଚିତ ଭାରତୀୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ କେବଳ ୧ ରନ କରିବାରେ ସକ୍ଷମ ହୋଇଛନ୍ତି।

ଆଜିର ମ୍ୟାଚରେ ପାକିସ୍ତାନ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳକୁ ଭଲ ଆରମ୍ଭ ମଧ୍ୟ ଦେଇଥିଲେ ଦୁଇ ଓପନର ଉସମାନ୍ ଖାନ ଓ ଶାହଜୈବ ଖାନ। ଉଭୟ ପ୍ରଥମ ୱିକେଟ ପାଇଁ ଦଳୀୟ ସ୍କୋରକୁ ୧୫୦ ରନ ପାର କରାଇଥିଲେ। ୩୧ତମ ଓଭରରେ ପ୍ରଥମ ୱିକେଟ ହରାଇଥିଲା ପାକିସ୍ତାନ। ୬୦ ରନ କରି ଉସମାନ ଖାନ ପାଭିଲିୟନ ଫେରିଥିଲେ। ଏହାପରେ ଗୋଟିଏ ପଟେ ଶାହଜୈବ ଖାନ ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିବା ବେଳେ ଅନ୍ୟପଟେ କୌଣସି ବ୍ୟାଟର ଭାରତୀୟ ବୋଲିଂ ଆଟାକ୍ ଆଗରେ ଛିଡ଼ା ହୋଇ ପାରିନଥିଲେ। ଶାହଜୈବ ଶେଷ ଓଭର ପର୍ଯ୍ୟନ୍ତ ଆକ୍ରାମକ ଅନ୍ଦାଜରେ ଖେଳି ୧୪୭ ବଲରୁ ୫ ଚୌକା ଓ ୧୦ ଛକା ବଳରେ ୧୫୯ ରନ ହାସଲ କରିଥିଲେ। ଜବାବରେ ପାକିସ୍ତାନ ମଧ୍ୟକ୍ରମ ଓ ନିମ୍ନକ୍ରମରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୮୧ ରନ୍ ହାସଲ କରିନେଇଥିଲା। ଏହାପରେ ଭାରତ ୨୮୨ ରନର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା। ଭାରତ ପାଇଁ ଆକ୍ରାମକ ଆରମ୍ଭ କରିଥିଲେ ଓପନର ଆୟୁଷ ମହାତ୍ରେ। ସେ ୧୪ ବଲରୁ କେବଳ ପାଞ୍ଚଟି ଚୌକା ବଳରେ ୨୦ ରନ କରି ଆଉଟ୍ ହୋଇଯାଇଥିଲେ। ସବୁଠାରୁ ବଡ଼କଥା ହେଉଛି ଆଇପିଏଲ୍ ୨୦୨୫ ପାଇଁ ଆୟୋଜିତ ମେଗା ଅକ୍ସନରେ ରାଜସ୍ଥାନ ରୟାଲ୍ସ କିଣିଥିବା ୧୩ ବର୍ଷର ଚର୍ଚ୍ଚିତ ବାଳକ ବୈଭବ ସୂର୍ଯ୍ୟବଂଶୀ କେବଳ ୧ ରନ କରି ଆଉଟ୍ ହୋଇଥିଲେ। ଫଳରେ କେବଳ ୨୮ ରନରେ ଭାରତ ଦୁଇଟି ୱିକେଟ ହରାଇଥିଲା। ଏହାପରେ କିଛି ସମୟ ସ୍କୋର ବୋର୍ଡକୁ ଗତି ଦେବାପରେ ଅଧିନାୟକ ଆନ୍ଦ୍ରେ ସିଦ୍ଧାର୍ଥ ମଧ୍ୟ ଆଉଟ୍ ହୋଇଥିଲେ। ଖବର ଲେଖା ହେବା ବେଳକୁ ୧୭ ଓଭର ବ୍ୟାଟିଂ କରି ଭାରତ ୩ ୱିକେଟ ବିନିମୟରେ ୬୪ ରନ କରିଥିଲା।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଆ ସାହିତ୍ୟରେ...

ଅବସର। ତେଣୁ ଓଡ଼ିଆ, ଭାଷା, ସଂସ୍କୃତି ଓ ଜାତିର ପୁନଃ ପରିଚୟ ତଥା ଜବଜାଗରଣ ସୃଷ୍ଟି କରିବା ପାଇଁ ଏକାଠି ହେବାକୁ ଓଡ଼ିଆ ସମାଜକୁ ସେ ଆହ୍ୱାନ କରିଛନ୍ତି ।

ଶ୍ରୀ ପ୍ରଧାନ 'ଗୀତିନାଟ୍ୟ ଜଗତର ମୁକୁଟ ବିହୀନ ସମ୍ରାଟ' ଗଣକବି ବୈଷ୍ଣବ ପାଣିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କହିଛନ୍ତି ଯେ ଓଡ଼ିଆ ମହାପୁରୁଷଙ୍କ ସ୍ମୃତିଚାରଣ କରାଗଲେ ମୋ' ଭଳି ସାଧାରଣ ଲୋକଙ୍କ ମନରେ ବହୁତ ଉତ୍ସାହ ବଢିଥାଏ। ମାହାଙ୍ଗା ମାଟିର ସୁପୁତ୍ର ତଥା ଗଣମାନସର କାଳଜୟୀ ସ୍ରଷ୍ଟା ବୈଷ୍ଣବ ପାଣିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିଷଦ ପକ୍ଷରୁ ୧୪ ଦିନ ବ୍ୟାପୀ ଐତିହାସିକ ଜୟନ୍ତୀ ସମାରୋହ ଆୟୋଜନ ହେବା ପ୍ରଶଂସନୀୟ। ଗଣକବି ତାଙ୍କ ଗୀତିନାଟ୍ୟରେ ରାମାୟଣ, ମହାଭାରତ, ଗଣ ଜୀବନର କଥା କହିଛନ୍ତି। ଜାତି-ଅଜାତିର କଥା ସହ ଧର୍ମ ଓ ଅଧର୍ମ, ସମାଜ ସଂସ୍କାର କଥା କହିଛନ୍ତି। ହଜାର ହଜାର ବର୍ଷର ସାହିତ୍ୟକୁ କଣ୍ଠସ୍ଥ କରି ଲୋକଭାଷାରେ ପ୍ରଦର୍ଶିତ କରିବା ତାଙ୍କର ମହାନ ମୂଲ୍ୟବୋଧକୁ ଦର୍ଶାଉଛି । ଓଡ଼ିଆ ଜନଜୀବନରେ ତାଙ୍କର ଦୁର୍ମୂଲ୍ୟ ବିଚାର ଯୁଗ ଯୁଗ ଧରି ଆମ ସମସ୍ତଙ୍କୁ ପ୍ରେରଣା ଦେବ ।

ଗଣକବିଙ୍କ ଭଳି ମହିମା ଧର୍ମର ମହାନ ପ୍ରଚାରକ ସନ୍ଥ କବି ଭୀମ ଭୋଇଙ୍କ 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ , ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' କାଳଜୟୀ ଉକ୍ତି ଜାତିସଂଘର କାନ୍ଥରେ ଲିପିବଦ୍ଧ ହୋଇରହିଛି। ବଳରାମ ଦାସ ଲକ୍ଷ୍ମୀ ପୁରାଣ ମାଧ୍ୟମରେ ଶ୍ରୀୟା ଚଣ୍ଡାଳୁଣୀର ଚରିତ୍ରକୁ ବର୍ଣ୍ଣନା କରି ଜାତିପ୍ରଥା ବିରୋଧର କଥା କହିଛନ୍ତି। ମାଣବସା ଗୁରୁବାର ଓଡ଼ିଆ ସଂସ୍କୃତିର ସଂସ୍କାର। ସ୍ୱଚ୍ଛତାର ସଂସ୍କାର ଏଥିରେ ଅନ୍ତର୍ନିହିତ। ଘର ସ୍ୱଚ୍ଛ ରହିଲେ ସମସ୍ତେ ସୁସ୍ଥ ରହିବେ, ଏହା ହେଉଛି ଆମର ଧାର୍ମିକ ପରମ୍ପରାର ବାର୍ତ୍ତା। କାଞ୍ଚି ସହ ଓଡ଼ିଆ ଲୋକଙ୍କ ସମ୍ପର୍କ ରହିଛି। କାଞ୍ଚିରେ ଓଡ଼ିଶାର ପୁରାତନ ତାଳପତ୍ର ପୋଥି ଅଛି । ଓଡ଼ିଶାର ଲୋକମାନଙ୍କର ଚିନ୍ତାଧାରା ବ୍ୟାପକ ଓ ବିଶାଳ ଥିଲା। କଳିଙ୍ଗ ଯୁଦ୍ଧ ପରେ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ। ବାସ୍ତବରେ ଦେଖିବାକୁ ଗଲେ ଓଡ଼ିଆ ଲୋକଙ୍କ ଇଚ୍ଛାଶକ୍ତି ହିଁ ଅଶୋକଙ୍କୁ ଧର୍ମାଶୋକରେ ପରିବର୍ତ୍ତନ କରିବା ପାଇଁ ବାଧ୍ୟ କରିଥିଲା ବୋଲି ସେ କହିଛନ୍ତି ।

ମଞ୍ଚରେ ଉପସ୍ଥାପିତ ଗଣକବିଙ୍କ ପ୍ରସିଦ୍ଧ ଗୀତିନାଟ୍ୟ 'ମହାଲକ୍ଷ୍ମୀ ପୂଜା'ର ପ୍ରଶଂସା କରିଥିଲେ କେନ୍ଦ୍ରମନ୍ତ୍ରୀ। ନାଟକଟି ହୃଦୟସ୍ପର୍ଶୀ ଓ ଶିଶୁ କଳାକାରମାନଙ୍କ ଅଭିନୟ ମନଛୁଆଁ ଏବଂ ଜୀବନ୍ତ ଥିଲା ବୋଲି କହିଥିଲେ। ସେ କହିଥିଲେ, ଏହା ଆମ ଓଡ଼ିଆ ସଂସ୍କୃତିର ଅନନ୍ୟ ଝଲକ। ୨୦୩୬ରେ ଆମେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବାକୁ ଯାଉଛେ । ଏହି ସମୟରେ ସ୍କୁଲରେ ଗୀତିନାଟ୍ୟ ପରମ୍ପରାକୁ ବଢାଇବାକୁ ହେବ। ଏହି ଭବ୍ୟ ସାରସ୍ୱତ ମହୋତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଦ୍ୱାରା ଗଣକବି ବୈଷ୍ଣବ ପାଣିଙ୍କ ଆତ୍ମ କାହାଣୀର ଓଡ଼ିଆ ଓ ଇଂରାଜୀ ଅନୁବାଦ ପୁସ୍ତକ ଲୋକାର୍ପିତ ହୋଇଛି। ଏଭଳି ସାଧୁ ଉଦ୍ୟମ ପାଇଁ ଶ୍ରୀ ପ୍ରଧାନ ମାହାଙ୍ଗା ବିକାଶ ପରିଷଦର ଅଧ୍ୟକ୍ଷ ଓ ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଓଡ଼ିଶାରେ...

ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଏସଏଫ୍ ଆଇଜି ସିଡି ଅଗ୍ରୱାଲ ସୂଚନା ଦେଇଛନ୍ତି। ଶ୍ରୀ ଅଗ୍ରୱାଲ କହିଛନ୍ତି, ୨୦୧୦ରେ ବିଏସ୍ଏଫ୍‌କୁ ନକ୍ସଲ ପ୍ରଭାବିତ ଜିଲ୍ଲା କୋରାପୁଟ ଏବଂ ମାଲକାନଗିରିରେ ପାଞ୍ଚଟି ବାଟାଲିୟନର ପ୍ରାରମ୍ଭିକ ନିୟୋଜନ ସହିତ ଓଡ଼ିଶାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଯେଉଁ ସମୟରେ ନକ୍ସଲ ହିଂସା ଚରମ ସୀମାରେ ଥିଲା। ୨୦୦୪ରେ କୋରାପୁଟ ପୋଲିସ୍ ଆର୍ମୋରୀ ଆକ୍ରମଣ, ୨୦୦୬ ମୋଟୁ ପୋଲିସ୍ ପୋଷ୍ଟ ଆକ୍ରମଣ ଏବଂ ୨୦୦୯ ଦାମନଯୋଡିରେ ସିଏସ୍ଏଫ୍ ଆମ୍ସ୍ ଭଳି ଘଟଣା ସହିତ ନକ୍ସଲମାନେ ସମାନ୍ତରାଳ ଶାସନ ପ୍ରତିଷ୍ଠା କରିଥିଲେ। ନକ୍ସଲବାଦ ବିରୋଧରେ ବିଏସ୍ଏଫ୍ କଠୋର କାର୍ଯ୍ୟାନୁଷ୍ଠାନ ନେଇଛି। ବିଏସ୍ଏଫ୍ ଚଳିତ ବର୍ଷ ୩ଜଣ କୁଖ୍ୟାତ ନକ୍ସଲଙ୍କୁ ନିପାତ କରିଛି। ସେହିପରି ୨୪ ଜଣ ହାର୍ଡକୋର ନକ୍ସଲଙ୍କୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିଛି। ସର୍ଚ୍ଚ ଅପରେସନରେ ୩୪ଟି ଆଇଇଡି, ୧୧୭ଟି ଗ୍ରେନେଡ୍ ଏବଂ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି। ବିଏସଏଫର ସହଯୋଗରେ ମାଲକାନଗିରି ଜିଲ୍ଲାର ବିଚ୍ଛିନ୍ନାଞ୍ଚଳ ଏବେ ରାଜ୍ୟର ମୁଖ୍ୟଧାରା ସହ ଯୋଡ଼ି ହୋଇଛି। ଗୁରୁପ୍ରିୟା ସେତୁ ଦ୍ୱାରା ୧୫୧ଟି ଗାଁର ୩୧ ହଜାର ବାସିନ୍ଦା ଉପକୃତ ହୋଇଛନ୍ତି। ଓଡ଼ିଶାରେ ଶାନ୍ତି ପ୍ରତିଷ୍ଠା ହୋଇଛି। ଶାନ୍ତି ରକ୍ଷା କରିବାକୁ ସର୍ବଦା ସୀମା ଜଗିଛି ବିଏସଏଫ୍। ବଙ୍ଗଳାଦେଶ ସୀମା ଆମ ପାଇଁ ଏକ ଚାଲେଞ୍ଜ। ଗୋଟିଏ ଗାଁ ମଧ୍ୟରେ ଭାରତୀୟ ସୀମା ଦେଇ ଯାଇଛି, ଯାହାକି କେଉଁ ଲୋକ କେଉଁ ଦେଶର ତାହା ଚିହ୍ନଟ କରିବା କଷ୍ଟକର ହୋଇପଡେ। ଫଳରେ ବିଏସ୍ଏଫ୍ ସମ୍ପୂର୍ଣ୍ଣ ଭାବେ ସୁରକ୍ଷା ବଢ଼ାଇଦେଇଛି ବୋଲି ଆଇଜି କହିଛନ୍ତି।

### ପୁଣି ପନ୍ନୁ ...

ପୂର୍ବାହ୍ନ ୯ .୪ମିନିଟ୍‌ରେ ଏହି ଧମକପୂର୍ଣ୍ଣ ଇ-ମେଲ୍ ସାମ୍ବାଦିକ ଶ୍ରୀ ସାହୁଙ୍କ ପାଖକୁ ଆସିଥିଲା। ସେ ଏନେଇ ଅକ୍ଷୟ କମିଶନରେଟ୍ ପୁଲିସକୁ ଅବଗତ କରାଇଛନ୍ତି। ଅନ୍ୟପକ୍ଷରେ ପନ୍ନୁ ପଠାଉଥିବା ଧମକପୂର୍ଣ୍ଣ ମେସେଜରେ ଓଡ଼ିଆରେ ଥମ୍ବନେଲ୍ ନେଇ ସନ୍ଦେହ ବଢ଼ିଛି। ଆତଙ୍କୀ ପନ୍ନୁ ପାଇଁ ଓଡ଼ିଶାରେ କିଏ କାମ କରୁଛି? ରାଜ୍ୟରେ ଖଲିସ୍ତାନୀ ଆତଙ୍କୀଙ୍କ ସ୍ଲିପର ସେଲ ଚାଲିଛି କି? ତାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଯାଇଛି। ସାମ୍ବାଦିକ ଶ୍ରୀ ସାହୁ କହିଛନ୍ତି, ଘଟଣା ସଂପର୍କରେ ପୁଲିସ କମିଶନରଙ୍କୁ ଜଣାଇଛି। ଥାନାରେ ଏତଲା ଦିଆଯିବ।

ଏହି ଧମକପୂର୍ଣ୍ଣ ଇ-ମେଲ୍ ପରେ ଲୋକସେବା ଭବନରେ ଚାଲିଥିବା ଡିଜିପି ସମ୍ମିଳନୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କେନ୍ଦ୍ରୀୟ ସୁରକ୍ଷା ବ୍ୟବସ୍ଥା ଓ ଗୋଇନ୍ଦା ବିଭାଗକୁ ଆହୁରି ସଜାଗ ରହିବାକୁ କୁହାଯାଇଛି। ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ଟାର୍ଗେଟ କରିବା ନେଇ ରାଜଧାନୀରେ ଚାଞ୍ଚଲ୍ୟ ଖେଳି ଯାଇଛି। ଡିସିପି ପିନାକ ମିଶ୍ର କହିଛନ୍ତି, ଭୁବନେଶ୍ୱର ସମ୍ପୂର୍ଣ୍ଣ ଭାବେ ସୁରକ୍ଷା ବଳୟରେ ଥିବା ବେଳେ ଯେକୌଣସି ପ୍ରକାର ଚ୍ୟାଲେଞ୍ଜକୁ ସାମନା କରିବାକୁ ପ୍ରସ୍ତୁତ ଅଛୁ। କିଏ ମେଲ୍ ପଠାଇଛି, ଯଦି ସେ ପଠାଇଥାଏ ତେବେ ତା'ପାଇଁ ଓଡ଼ିଶାରେ କିଏ କାମ କରୁଛି ତାହାର ତଦନ୍ତ ଚାଲିଛି। ଡିସିପି କହିଛନ୍ତି, ଏୟାରପୋର୍ଟର ମୁଖ୍ୟ ସୁରକ୍ଷା ଦାୟିତ୍ୱ ସିଆଇଏସ୍ଏଫ୍ ଉପରେ ନ୍ୟସ୍ତ ଅଛି। ଏହାପରେ ବି ଓଡ଼ିଶା ପୁଲିସ୍ ତରଫରୁ ସେଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆମର ହେଲପ୍ ଡେସ୍କ ରହିଛି, କଣ୍ଟ୍ରୋଲ୍ ରୁମ୍ ରହିଛି। ବରିଷ୍ଠ ଅଧିକାରୀ ତାହାର ତଦାରଖ କରୁଛନ୍ତି। ଯେକୌଣସି ସିକ୍ୟୁରିଟି ଚ୍ୟାଲେଞ୍ଜକୁ ସାମନା କରିବାକୁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଶାନ୍ତିଶୃଙ୍ଖଳାର ସହ ସମସ୍ତ କାମ ସରୁ ବୋଲି ଆମେ ଚାହୁଁଛୁ। ଏଥିନିମନ୍ତେ ସମସ୍ତେ ମିଳିତ ଭାବେ କାମ କରୁଛୁ।

### ବଢ଼ିଲା...

ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର ମଧ୍ୟାହ୍ନ ଭୋଜନ ଖାଦ୍ୟ ତାଲିକାରେ ମଧ୍ୟ ପରିବର୍ତ୍ତନ କରାଯିବ ବୋଲି ସୂଚନା ମିଳିଛି। ପିଲାଙ୍କୁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ମିଳିବ। ଅଧିକ ପୋଷଣ ଥିବା ଖାଦ୍ୟକୁ ଗୁରୁତ୍ୱ ଦିଆଯିବ। ବିଶେଷଜ୍ଞମାନଙ୍କ ଠାରୁ ମତାମତ ନିଆଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏଥିପାଇଁ ସ୍ୱତନ୍ତ୍ର କମିଟି ଗଠନ ହୋଇଛି। ପିଏମ୍ ପୋଷଣ ରାଜ୍ୟ ନୋଡାଲ ଅଫିସର ରଘୁରାମ ଆର୍ ଆୟାର ଏହାର ଅଧ୍ୟକ୍ଷ ଅଛନ୍ତି। ସେହିପରି ହାଇଦ୍ରାବାଦର ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିସନ୍‌ର ପ୍ରତିନିଧି, ଜାତୀୟ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶିଶୁ ବିଶେଷଜ୍ଞଙ୍କ ସହ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ କମିଟିରେ ଅଛନ୍ତି। ଏହି କମିଟି ଖାଦ୍ୟ ମେନୁରେ ପରିବର୍ତ୍ତନ ନେଇ ଆଲୋଚନା କରିବ। ରାଜ୍ୟ ଓ କେନ୍ଦ୍ର ସରକାର ମିଲେଟ୍‌କୁ ଗୁରୁତ୍ୱ ଦେଉଥିବା ବେଳେ ମିଲେଟ୍‌ରେ ପ୍ରସ୍ତୁତ ଖାଦ୍ୟକୁ ମେନୁରେ ସାମିଲ କରାଯାଇପାରେ। ସୂଚନାଯୋଗ୍ୟ ଶିଶୁ ଦିବସରେ ରାଜ୍ୟ ସରକାର ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୧ଟଙ୍କା ବୃଦ୍ଧି କରିଥିଲେ। ମୋହନ ସରକାର କ୍ଷମତାକୁ ଆସିବାର ୫ ମାସ ମଧ୍ୟରେ ଖର୍ଚ୍ଚ ବୃଦ୍ଧି କରାଯାଇଥିଲା। ମାତ୍ର ୧୫ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଦରବୃଦ୍ଧି କରାଯାଇଛି ଓ ଏହାକୁ ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀ ମହଲରେ ସ୍ୱାଗତ କରାଯାଇଛି।

### ନବୀନଙ୍କୁ...

ସୂଚନା ମିଳିଛି। ଏଥିରେ ନବୀନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେବେ ସେଠାକୁ ସନ୍ୟାସୀ ଯିବାରେ ସମସ୍ୟା ଥିବାରୁ କର୍ମୀମାନେ ନବୀନଙ୍କ ଆଗରେ ଗୁମର ଖୋଲିବାର ସମ୍ଭାବନା ଢେର ବେଶୀ। ତେଣୁ ଏଭଳି ସ୍ଥିତିରେ ଜିଲ୍ଲା ଗସ୍ତ ଭଳି ଜୋନ ସମ୍ମିଳନୀରେ ବି ସନ୍ୟାସୀ ବେକ୍ ଲଗାଇବା ନେଇ କର୍ମୀମାନେ ଆଶଙ୍କା କରୁଛନ୍ତି।

ତେବେ ସନ୍ୟାସୀଙ୍କ ସୁରକ୍ଷାରେ ମାତିଥିବା ଅନୁଗତମାନେ ଏବେ ଜିଲ୍ଲା ଗସ୍ତ ବାତିଲକୁ ନେଇ ବାହାନା ଖୋଜିବାରେ ଲାଗିଛନ୍ତି। ଶୀତ ଟିକେ କମିଲେ ନବୀନ ଗସ୍ତ ଆରମ୍ଭ କରିବେ ବୋଲି ବାର୍ତ୍ତା ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି। ତେବେ କାଲୁଆ ପାଗରେ ବାହାଘର ଭୋଜିରେ ନବୀନ ଗୁପ୍‌ଚୁପ୍ ଖାଉଥିବାର ଦୃଶ୍ୟ ଭାଇରାଲ ହେଉଥିବାବେଳେ ସନ୍ୟାସୀଙ୍କ ଅନୁଗତମାନେ ତାଙ୍କ ଉଦ୍ୟମରେ କେତେ ସଫଳ ହେବେ ତାହା ସମୟ ହିଁ କହିବ।

### ଆନ୍ତଃରାଜ୍ୟ...

ଏହାକୁ ଦୃଷ୍ଟିରେ ରଖି ରାଜ୍ୟମାନେ ନିଜ ନିଜର ଗୁଇନ୍ଦା ବ୍ୟବସ୍ଥାକୁ ଅଧିକ କ୍ରିୟାଶିଳ କରିବା ସହ ପଡୋଶୀ ରାଜ୍ୟମାନଙ୍କୁ ତଥ୍ୟ ଆଦାନପ୍ରଦାନ କରିବା ଜରୁରୀ। ଏହାଦ୍ୱାରା ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ସବୁ ରାଜ୍ୟ ସମାନ୍ତରାଳ ଭାବେ ଦୃଷ୍ଟି ରଖିପାରିବେ। ସେହିପରି ଉପାନ୍ତ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶମୂଳକ ଯୋଜନାକୁ ଲୋକଙ୍କ ପାଖରେ ପହଁଚିବାରେ ସୁରକ୍ଷା ବାହିନୀର ଏକ ବଡ ଭୂମିକା ରହିଛି। ତେଣୁ ଦେଶର ବିକାଶରେ ସୁରକ୍ଷା ବାହିନୀ କିଭଳି ଅଧିକ ସଂଗଠିତ ହୋଇ କାମ କରିବ ସେନେଇ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ମାଓବାଦୀମାନେ ଧିରେ ଧିରେ ଟେକ୍ନୋଲୋଜିର ବ୍ୟବହାର କରିବା ଆରମ୍ଭ କଲେଣି। ଯୁବ ବର୍ଗକୁ ଆକୃଷ୍ଟ କରିବାକୁ ଇଣ୍ଟରନେଟର ବ୍ୟବହାର କରାଯାଉଛି। ମାଓବାଦ ଓ ସନ୍ତ୍ରାସବାଦ ଦେଶ ବିକାଶର ସବୁଠୁ ବଡ ବାଧକ। ଶୂନ୍ୟ ସହନଶୀଳତାର ସହ ଏହାର ମୁକାବିଲା କରିବା ନେଇ ସୁରକ୍ଷା ବଳ ନିଜସ୍ୱ ରଣନୀତି ପ୍ରସ୍ତୁତ କରିବାକୁ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଥିବା ଜଣାପଡିଛି।

ସେହିଭଳି ଜେଲ ସୁରକ୍ଷା ବ୍ୟବସ୍ଥାର ସୁଦୃଢୀକରଣ ପାଇଁ ସର୍ବଭାରତୀୟ ସ୍ତରରେ ଜେଲ ମାନୁଆଲର ନବୀକରଣ କରିବାକୁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଦେଶର ବିଭିନ୍ନ ଜେଲରୁ ବିଭିନ୍ନ ସମୟରେ ହାର୍ଡକୋର ଅପରାଧୀମାନେ ଅପରେଟ କରୁଥିବା ଖବର ଆସୁଛି। ଜେଲକୁ ଅପରାଧୀମାନେ ନିଜର ଓ୍ୱାର ରୁମ ଭଳି ବ୍ୟବହାର କରୁଛନ୍ତି। ତେଣୁ ଜେଲର ସୁରକ୍ଷା ଓ ଅପରାଧୀଙ୍କ ଉପରେ ନଜର ରଖିବାକୁ ଜେଲ ମାନୁଆଲରେ ପରିବର୍ତ୍ତନ ହେବ।

### ବିମାନ...

ବ୍ୟାଗ୍‌ରୁ କୌଣସି ସନ୍ଦିଗ୍ଧ ଦ୍ରବ୍ୟ ମିଳିନାହିଁ। ଏହା କୌଣସି ଯାତ୍ରୀଙ୍କର ବୋଲି ପୁଲିସ ସନ୍ଦେହ କରିଛି। ପନ୍ନୁର ଧମକ ପରେ ବିମାନବନ୍ଦରରେ ସିଆଇଏସ୍ଏଫ୍ ଓ ଡଗ୍ ସ୍କ୍ୱାଡ୍ ବିମାନ ବନ୍ଦର ବାହାର ଓ ଭିତରେ ଯାଞ୍ଚ କରିବା ବେଳେ ବିମାନ ବନ୍ଦର ଭିତରେ ଏକ ନୀଳ ରଙ୍ଗର ବ୍ୟାଗ ଠାବ କରାଯାଇଥିଲା। ଯାହାକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା।

### 'ମୁଁ ଜଣେ ...

କାହିଁକି ଏତେ ରୋଷ ଭରିରହିଛି। ଦିବଙ୍ଗତ ସମୀର ଦେଙ୍କ ଶୋକ ସଭାରେ ଯୋଗ ଦେଇ ଜୟନାରାୟଣ କହିଛନ୍ତି, ମୁଁ ଗୋଟିଏ ତଡାଖିଆ ଲୋକ। ଏବିଭିପିରୁ ତଡା ଖାଇଛି, ସ୍କୁଲରୁ ତଡା ଖାଇଥିଲି, ବିଜେପିରୁ ମଧ୍ୟ ତଡା ଖାଇଛି। ଏବେ ବିଜେପିରୁ ସାଇଡଲାଇନ ହୋଇ ରହିଛି। ଏହାସହ ପୂର୍ବରୁ ସମୀର ଦେଙ୍କ ସହ ଯାହା ଘଟିଥିଲା ତାହା ଏବେ ମୋ ସହ ଘଟୁଛି। ସମୀରଙ୍କୁ ଦଳରେ ଗୁରୁତ୍ୱ ଦିଆଯାଉନଥିଲା। ତାଙ୍କ ବିରୋଧରେ ଲୋକ ଲଗାଯାଉଥିଲା। ଏବେ ମୋ ବିରୋଧରେ ମଧ୍ୟ ଲୋକ ଲଗାଯାଉଛି। ମୋ ବିରୋଧରେ ଦଳରେ ଜଣେ ଲୋକ ସବୁବେଳେ ରହିଛି। ଏହା ପାର୍ଟିର ଯୋଜନା ବଦ୍ଧ କାର୍ଯ୍ୟକ୍ରମ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଓ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଏମିତି କହିଛନ୍ତି ଜୟନାରାୟଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ବିଜେପି ନେତୃବୃନ୍ଦଙ୍କ ମଧ୍ୟରେ ସମନ୍ୱୟ ରଖି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ।

କିନ୍ତୁ ୨୪ ଘଣ୍ଟା ନପୂରୁଣୁ ଜୟନାରାୟଣ ନିଜର ଅସନ୍ତୋଷ ଝାଡିଛନ୍ତି ।

ଜୟନାରାୟଣଙ୍କ ଏଭଳି ବିବାଦୀୟ ବକ୍ତବ୍ୟକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଥିବା ବେଳେ ବିଜେପି ରାଜ୍ୟ ସଭାପତି କହିଛନ୍ତି ଗଣମାଧ୍ୟମ ଭୁଲ ତର୍ଜମା କରୁଛି। ଜୟନାରାୟଣଙ୍କ କହିବାର ବାହୁଲ୍ୟ ଭିନ୍ନ ଥିଲା, ଗଣମାଧ୍ୟମ ବୁଝିବା ଭୁଲ ହୋଇଛି। ବିଜେପିରେ ସମସ୍ତଙ୍କୁ ସମାନ ନ୍ୟାୟ ମିଳେ ଆଉ ସମସ୍ତଙ୍କୁ ଦଳ ଗୁରୁତ୍ୱ ଦିଏ। ଶ୍ରଦ୍ଧାଞ୍ଜଳୀ ସଭାରେ ଅଜଥା ବିବାଦ ଛିଡା ନକରିବାକୁ ସେ ଗଣମାଧ୍ୟମକୁ ଅପିଲ କରିଛନ୍ତି।

ବିଜେଡିର ଲେଖା ଛିଡେଇବ 'ବିଜେଡି'

# ଅନାସ୍ଥା ପାଇଁ କର୍ପୋରେଟରଙ୍କ ପିଛା ୨ ଲକ୍ଷ ଡିଲ୍ !

**ବ୍ରହ୍ମପୁର, ୩୦।୧୧ (ସଂଚାର ବ୍ୟୁରୋ) :** ରାଜ୍ୟରେ ସରକାର ବଦଳିଛି। ଚଳିତ ସାଧାରଣ ନିର୍ବାଚନରେ ବିଜେଡିକୁ ବଡ ପରାଜୟ ଦେଇଥିଲା ବିଜେପି। ପ୍ରଥମ ଥର ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଗଠନ ହୋଇଛି। ତେବେ ରାଜ୍ୟରେ ଶଙ୍ଖ ଦଳ ଗାଦିଚ୍ୟୁତ ହେବାର ମାତ୍ର ୬ ମାସ ଭିତରେ ଦଳର ବିଭିନ୍ନ ଜିଲ୍ଲା ୟୁନିଟ୍ ରେ ଗୋଷ୍ଠୀ ବିବାଦ ମୁଣ୍ଡ ଟେକିଛି। ବିଶେଷ କରି ଗଞ୍ଜାମ ଜିଲ୍ଲାରେ ଦଳର ଦୁର୍ଗ ଭୁଶୁଡୁଥିବା ପରିଲିକ୍ଷିତ ହେଉଥିବା ବେଳେ ଖାସ୍ କରି ବ୍ରହ୍ମପୁର ଶଙ୍ଖ କ୍ୟାମ୍ପ୍‌ରେ ଭିତିରିଆ ଅସନ୍ତୋଷ ତୀବ୍ର ହେଉଥିବା କୁହାଯାଉଛି। ଯାହା ସାମ୍ନାକୁ ନ ଆସିଲେ ମଧ୍ୟ ଦଳୀୟ ନେତାଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧକୁ ନେଇ ନାନା ଚର୍ଚ୍ଚା ହେଉଛି।

ଏହାରି ଭିତରେ ଏବେ ସବୁଠୁ ଚର୍ଚ୍ଚାରେ ରହିଛି, ବ୍ରହ୍ମପୁର ମହାନଗର ନିଗମରେ ଏକ ନିର୍ଦ୍ଦିଷ୍ଟ କର୍ପୋରେଟର ଗୋଷ୍ଠୀ ଅନାସ୍ଥା ପାଇଁ କୁଆଡେ ପ୍ରସ୍ତୁତ ହେଉଛନ୍ତି। ନିକଟରେ ଏହାକୁ ନେଇ ଖୁବ୍ ଚର୍ଚ୍ଚା ମଧ୍ୟ ହୋଇଥିଲା। ପରବର୍ତ୍ତୀ ସମୟରେ ଯଦିଓ କୌଣସି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିନଥିଲା, କିନ୍ତୁ ବିବାଦ



ଥମୁନଥିବା ଆଲୋଚନା ହେଉଛି। ସମ୍ପ୍ରତି ବ୍ରହ୍ମପୁର ମହାନଗର ନିଗମ ବିଜେଡି କବଜାରେ ରହିଛି। ଗତ ପୌର ନିର୍ବାଚନରେ ବିଏମସି ବିଜେଡି ହାତକୁ ଯାଇଥିଲା। ପ୍ରତ୍ୟକ୍ଷ ନିର୍ବାଚନରେ ମେୟର ଭାବେ ବିଜେଡି ଟିକେଟରୁ ସଂଘମିତ୍ରା ଦଳେଇ ବିପୁଳ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଥିବା ବେଳେ ଡେପୁଟି ମେୟର ଇ. ବିବେକ୍ ରେଡ୍ଡୀଙ୍କୁ ଚୟନ କରାଯାଇଥିଲା। ଚଳିତ ସାଧାରଣ ନିର୍ବାଚନରେ ରାଜ୍ୟରେ ଦଳର ଶୋଚନୀୟ ପରାଜୟର କିଛି ମାସ ମଧ୍ୟରେ ବ୍ରହ୍ମପୁର ବିଜେଡିରେ ଅନ୍ତଃ କନ୍ଦଳ ବୃଦ୍ଧି ପାଇଥିବା ସୂଚନା ମିଳିଛି। ଚର୍ଚ୍ଚା ପ୍ରକାରେ, ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟରଙ୍କ ମଧ୍ୟରେ ଗୋଷ୍ଠୀ ବିଭାଜନ ଦେଖାଦେଇଛି। କିଛି କର୍ପୋରେଟର ମେୟରଙ୍କ କ୍ୟାମ୍ପ୍ ରେ ରହିଥିବା ବେଳେ ଆଉ କିଛି ଜଣେ ପୂର୍ବତନ ବିଧାୟକଙ୍କ ସମର୍ଥନରେ କୁଆଡେ କାର୍ଯ୍ୟ କରୁଛନ୍ତି। ଏଭଳି ପରିସ୍ଥିତିରେ ଦୁଇ ହେଭିୱେଟଙ୍କ ମଧ୍ୟରେ ଗତ କିଛି ଦିନ ହେବ ରାଜନୈତିକ ଛକାପଞ୍ଝା ଲାଗି ରହିଛି।

ସମ୍ପ୍ରତି ବ୍ରହ୍ମପୁର ମହାନଗର ନିଗମରେ ବିଜେଡି ଦ୍ୱାରା ନିର୍ବାଚିତ ହୋଇଥିବା ମେୟର କିମ୍ବା ଡେପୁଟି ମେୟରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଏକ କର୍ପୋରେଟର ଗୋଷ୍ଠୀ ଉଦ୍ୟମ ଆରମ୍ଭ କରିଛନ୍ତି। ଜଣେ ପୂର୍ବ ବିଧାୟକଙ୍କ ପ୍ରରୋଚନାରେ କର୍ପୋରେଟରଙ୍କ ଦସ୍ତଖତ ସଂଗ୍ରହ କରାଯାଉଥିବା ବି ଦଳର ଅନ୍ଦର୍ ମହଲରୁ ଶୁଣିବାକୁ ମିଳୁଛି। ଏପରିକି ପ୍ରତି କର୍ପୋରେଟରଙ୍କ ପିଛା ୨ ଲକ୍ଷ ଡିଲ୍ କରାଯାଉଥିବା ବି ଶୁଣିବାକୁ ମିଳୁଛି। ଆଲୋଚନା ଯଦି ବାସ୍ତବ ରୂପ ନିଏ, ତାହେଲେ ଖୁବଶୀଘ୍ର ବ୍ରହ୍ମପୁର ବିଜେଡିରେ ଏକ ବଡ଼ ବିଦ୍ରୋହ ସୃଷ୍ଟି ହେବା ସହ ବିବାଦ ମୁଣ୍ଡ ଟିକିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ସ୍ଥାନୀୟ ରାଜନୈତିକ ଶିବିରରେ ଚର୍ଚ୍ଚା ହେଉଛି।

## ବିନିକା ଡାକ୍ତରଖାନାରେ ନାହିଁ ମହାପ୍ରୟାଣ ଗାଡ଼ି

# ବାଇକ୍‌ରେ ବୁହାହେଲା ଶବ

**ସୁବର୍ଣ୍ଣପୁର, ୩୦।୧୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁବରଣ କରିଥିବା ଜଣେ ରୋଗୀଙ୍କୁ ଅର୍ଥ ଅଭାବ ଯୋଗୁଁ ଗାଡ଼ି ଭଡ଼ା କରି ନ ପାରି ବାଇକ୍‌ରେ ଶବ ନେଇଛନ୍ତି ପରିବାରବର୍ଗ।



ସୂଚନାନୁସାରେ, ବିନିକା ସହର ପାତିକାରପଡ଼ାର ବିଦ୍ୟାଧର ନାଏକ (୬୫)ଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାକୁ ବିନିକା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମେଡ଼ିକାଲରେ ଡାକ୍ତର ତାକୁ ଦେଖି ମୃତ ଘୋଷଣା କରିଥିଲେ । ଘରକୁ ଶବ ନେବାପାଇଁ ଅର୍ଥାଭାବ ଥିବାରୁ ବେସରକାରୀ ଗାଡି କରି ପାରି ନଥିଲେ କି ବିନିକା ଡାକ୍ତରଖାନାରେ ଦୀର୍ଘ ବର୍ଷ ହେବ ଦାବି ହେଉଥିଲେ ମଧ୍ୟ ମହାପ୍ରୟାଣ ଗାଡ଼ି ନ ଥିବାରୁ ବାଧ୍ୟହୋଇ ଶବକୁ ବାଇକରେ ବିନିକା ମେଡ଼ିକାଲରୁ ନିଜ ଘର ପାତିକାରପଡ଼ା ପର୍ଯ୍ୟନ୍ତ ନେଇଥିଲେ । ଏହାକୁ ଦେଖି ଅଞ୍ଚଳର ଜନସାଧାରଣ ବିଭିନ୍ନ ଚର୍ଚ୍ଚା ହେଉଛି।

ବିନିକା ଡାକ୍ତରଖାନାରେ ମହାପ୍ରୟାଣ ଗାଡି ନ ଥିବାରୁ ଅନେକେ ଏହିପରି ସାଇକେଲ, ବାଇକ ଓ ଖନ୍ଦରେ ବୋହି ନେଇଥିବା ନଜିର ରହିଛି । ସୁଚନା ଯୋଗ୍ୟ ସୋନପୁର ପୁର୍ବତନ ସିଡିଏମଓ ବିନିକା ଡାକ୍ତରଖାନାକୁ ମହାପ୍ରୟାଣ ଗାଡି ଦିଆଯିବାକୁ ପ୍ରତିଶୃତି ଦେଇ ଥିଲେ କିନ୍ତୁ ତାଙ୍କ ପ୍ରତିଶ୍ରୁତି ପାଣିର ଗାର ହୋଇ ରହିଛି। ଏଣୁ ପ୍ରଶାସନ ତୁରନ୍ତ ବିନିକାକୁ ମହାପ୍ରୟାଣ ଗାଡ଼ି ଯୋଗାଇ ଦେବାକୁ ଜନସାଧାରଣରେ ଦାବି ହେଉଛି।

# ଅଧାରେ ଅଟକିଛି ରାସ୍ତା କାମ



ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜାଗା

**ନାଉଗାଁ, ୩୦।୧୧ (ସଂଚାର ବ୍ୟୁରୋ):** ଜବରଦଖଲକାରୀଙ୍କ ଜବରଦଖଲ ପାଇଁ ଅଧାରେ ଅଟକିଛି ରାସ୍ତା କାର୍ଯ୍ୟ, ହେଲେ ହୋଇପାରୁନାହିଁ ସମାଧାନ। ସୂଚନା ଅନୁସାରେ ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ବଜାର ଠାରୁ ଅରଖକୁଦ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ଥିବା ପ୍ରାୟ ୫ କିଲୋମିଟରରୁ ଉର୍ଦ୍ଧ୍ୱ ରାସ୍ତାର ସମ୍ପ୍ରସାରଣ ସହିତ ରାସ୍ତାର ପୁନରୁଦ୍ଧାର ପାଇଁ ୬ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା କିନ୍ତୁ ଅକ୍ଟୋବର ମାସରୁ ଏହି ରାସ୍ତା କାର୍ଯ୍ୟର ଅବଧି ସରିଗଲାଣି ହେଲେ ରାସ୍ତା କାର୍ଯ୍ୟ ଅଧାରେ ଅଟକିଛି।

ଏହି ରାସ୍ତାର ରୋହିଆ ଗ୍ରାମ ନିକଟରେ କିଛି ବ୍ୟକ୍ତି ସରକାରୀ ରାସ୍ତାକୁ ନିଜର ସମ୍ପତ୍ତି କହି ଜାଗା ଛାଡୁନଥିବାରୁ ରାସ୍ତା କାର୍ଯ୍ୟ ଅଧାରେ ପଡିରହିଛି। ତେବେ ନାଉଗାଁ ତହସିଲ୍ ପକ୍ଷରୁ ସରକାରୀ ସ୍ତରରେ ମାପ କରାଯାଇ ରାସ୍ତା ଚିହ୍ନଟ କରାଯାଇଥିଲେ ମଧ୍ୟ ଉକ୍ତ ମାପକୁ କିନ୍ତୁ ଜବରଦଖଲକାରୀମାନେ ମାନିବା ପାଇଁ ପ୍ରସ୍ତୁତ ନୁହଁନ୍ତି। ସେପଟେ ରାସ୍ତାର ଶେଷମୁଣ୍ଡ ଅରଖକୁଦ ଗ୍ରାମରେ ମଧ୍ୟ ସମାନ ଅବସ୍ଥା। ସେଠି ବି ସରକାରୀ ରାସ୍ତା ଚିହ୍ନଟ ନହୋଇପାରିବାରୁ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଛି। ତେବେ ଗୋଟିଏପଟେ ରାସ୍ତା କାର୍ଯ୍ୟର ଅବଧି ସରିଯାଇଥିବା ବେଳେ ଅନ୍ୟପଟେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ସଠିକ୍ ମାର୍ଗରେ ନହୋଇ ପାରୁଥିବାରୁ ଏଠି ସାଧାରଣ ଜନତା ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ନାଉଗାଁ ତହସିଲ୍ ପକ୍ଷରୁ ଏହି ଘଟଣାର ତୁରନ୍ତ ସମାଧାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧି ମାନେ ଓ ବୁଦ୍ଧିଜିବୀ ମାନେ ଦୃଢ ଦାବୀ ଜଣାଇଛନ୍ତି।

ଛାତ୍ରଛାତ୍ରୀଙ୍କୁ ଦିଆଯାଉଛି ନିମ୍ନମାନର ଖାଦ୍ୟ

## ଥାଳି ଧରି ବିଦ୍ୟାଳୟ ସମ୍ମୁଖରେ ଧାରଣା

**ନୟାଗଡ଼, ୩୦।୧୧ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ କାଳିକାପ୍ରସାଦ ସରକାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଦେଖିବାକୁ ମିଳିଛି ଅଭାବନୀୟ ଘଟଣା । ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବା ପରେ ସେମାନେ ଖାଦ୍ୟ ଥାଳି ଧରି ଗାଁ ଦାଣ୍ଡକୁ ଆସି ବିକ୍ଷୋଭ ପଦର୍ଶନ କରିଛନ୍ତି। ପ୍ରତ୍ୟେକ ଦିନ ବିଦ୍ୟାଳୟରେ ନିମ୍ନମାନର ଖାଦ୍ୟ ପରସା ଯାଉଥିବା ଏବଂ ଅଣ୍ଡା ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷୟତ୍ରୀଙ୍କ ମନମୁଖୀ ଶାସନ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟରେ ୧୦୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଏହାକୁ ନେଇ କାଳିକାପ୍ରସାଦ ଗାଁରେ ଉତ୍ତେଜନା ଦେଖାଯାଇଛି । ଛାତ୍ରଛାତ୍ରୀଙ୍କୁ ସମର୍ଥକ କରି ଅଭିଭାବକ ଓ ଗାଁ ମୁଖିଆମାନେ ଘଟଣାକୁ ଗୁରୁତର ସହ ଆଲୋଚନା କରୁଛନ୍ତି । ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ଖାଦ୍ୟ ପ୍ରଦାନ କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ମତ ପ୍ରକାଶ ଦେଇଛି । ବିଦ୍ୟାଳୟ ଫାଟକରେ ତାଲା ପକାଇ ଗ୍ରାମବାସୀ ପ୍ରଧାନଶିକ୍ଷୟତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

କୋଣାର୍କ ଉତ୍ସବ-୨୦୨୪

# ସଜେଇ ହେଉଛି କୋଣାର୍କ

**କୋଣାର୍କ, ୩୦।୧୧ (ସଂଚାର ବ୍ୟୁରୋ):** ଡ଼ିସେମ୍ବର ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କର ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ ଉତ୍ସବ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବାର ସମ୍ଭାବନା ରହିଛି। ୩୫ ତମ କୋଣାର୍କ ଉତ୍ସବରେ ଓଡ଼ିଶୀ ନୃତ୍ୟ, କଥକ ନୃତ୍ୟ, ମଣିପୁରୀ ନୃତ୍ୟ, ମୋହିନୀ ନାଟ୍ୟମ ନୃତ୍ୟ, କୁଚୁପୁଡ଼ି ନୃତ୍ୟ ଓ ଭାରତ ନାଟ୍ୟମ ନୃତ୍ୟ ପରିବେଷଣ କରାଯିବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ମିଳିଛି।




ସମଗ୍ର କୋଣାର୍କ ଅଞ୍ଚଳ ଏବେ ନବବଧୂ ପରି ସଜେଇ ହୋଇ ପଡ଼ିଥିବା ବେଳେ ମୁକ୍ତାକାଶ ରଙ୍ଗମଞ୍ଚ ନୃତ୍ୟ ଶିଳ୍ପୀଙ୍କ ଘୁଙ୍ଗୁର ଶବ୍ଦକୁ ଅପେକ୍ଷା କରି ରହିଛି। ଏଥି ସହିତ ଚନ୍ଦ୍ରଭାଗା ସ୍ୱର୍ଣ୍ଣାଭ ବେଳାଭୂମିରେ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ଆୟୋଜିତ ହେବ। ଦେଶ ବିଦେଶର ପ୍ରତିଷ୍ଠିତ ବାଲୁକା ଶିଳ୍ପୀ ମାନେ ଯୋଗ ଦେଇ କଳାକୃତି ନିର୍ମାଣ କରିବେ। ଏନେଇ କୋଣାର୍କର ମୁକ୍ତାକାଶ ରଙ୍ଗମଞ୍ଚ, ଯାତ୍ରୀ ନିବାସ, ଚନ୍ଦ୍ରଭାଗା ବେଳାଭୂମି, ହେଲିପ୍ୟାଡ ସବୁଆଡେ ରଙ୍ଗୀନ ଆଲୋକ ମାଳା ଆଖି ଝଲସାଇ ଦେଉଥିବା ବେଳେ ମୀନା ବଜାର, ଅପେରା ପାର୍ଟି ଏହି ଉତ୍ସବକୁ ଅଧିକ ରଙ୍ଗୀନ କରିଦେଇଛି। ସୁସଜ୍ଜିତ କୋଣାର୍କ ଏବେ ପର୍ଯ୍ୟଟକ ମାନଙ୍କ ଅପେକ୍ଷାରେ ନିଜକୁ ସଜେଇ ଦେଇଛି।

## ଉପଖଣ୍ଡସ୍ତରୀୟ କୃଷି ମେଳା ଓ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଉଦ୍‌ଯାପିତ



**ବାଲିଅନ୍ତା, ୩୦।୧୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସ୍ଥିତ ଶ୍ରୀ ବକ୍ରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଗତ ୨୮ ତାରିଖ ଠାରୁ ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ମେଳା ଏବଂ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଆଜି ଉଦଯାପିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ଅଧିବେଶନରେ କୃଷି ବିଶେଷଜ୍ଞମାନେ ଚାଷୀମାନଙ୍କର କୃଷି କ୍ଷେତ୍ରରେ ବିବିଧ ସମସ୍ୟା ସମାଧାନ ନେଇ ପରାମର୍ଶ ଦେବା ସହ ବିଭିନ୍ନ ଫସଲରେ ରୋଗପୋକ ନିରାକରଣ, ମୃତ୍ତିକା ପରୀକ୍ଷା,କୃଷକର ଉନ୍ନତି, ଆଧୁନିକ ପ୍ରଣାଳୀ ଚାଷ ଏବଂ ସରକାରୀ ପ୍ରୋତ୍ସାହନ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଉଦଯାପନୀ ସନ୍ଧ୍ୟାରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି,ଜୟଦେବ ନିର୍ବାଚନମଣ୍ଡଳୀ ମୁଖ୍ୟ ସଂଗଠକ ଚୌଧୁରୀ ଦ୍ୱାରିକା ନାଥ ଦାଶ, କୃଷି ବିଭାଗ ଜିଲ୍ଲା ମୁଖ୍ୟ ଯନ୍ତ୍ରୀ ମୁକ୍ତିକାନ୍ତ ମହାପାତ୍ର, ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ଦାଶ, ଭୁବନେଶ୍ୱର ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ରାଉଳ,ବିଜେପି ନେତା ତାପସ ଜେନା, ସାଂସଦଙ୍କ ବ୍ଲକ ପ୍ରତିନିଧି ଶିବ ମଲ୍ଲିକ, ଅଶୋକ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏଥିସହିତ ସାଂସଦଙ୍କ ସମେତ ସମସ୍ତ ଅତିଥବୃନ୍ଦ ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ବୁଲି ଦେଖିଥିଲେ । ମେଳାରେ ଜଣେ ସଫଳ ଚାଷୀଙ୍କୁ ସାଂସଦ ପାଣିଉଠା ମଟର ସହାୟତା ପ୍ରଦାନ କରିଓ୍ୱା ସହ ସ୍କୁଲ ପରିସରରେ ଥିବା ଚାରାରେ ପାଣି ସିଞ୍ଚନ କରିଥିଲେ । ଏନେଇ ବିଭିନ୍ନ ସଫଳ ଚାଷୀଙ୍କୁ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ । ବ୍ଲକ ସହକାରୀ କୃଷି ଅଧିକାରୀ ସ୍ଥିତି ପ୍ରଜ୍ଞା ଖମାରି, ବିକାଶ ସ୍ୱାଇଁ ଏବଂ ଗୌତମ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନାଏବ ସରପଞ୍ଚଙ୍କ ହାତରେ ପଞ୍ଚାୟତ ଦାୟିତ୍ୱ

ଉପ ନିର୍ବାଚନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ପଞ୍ଚାୟତବାସୀ

**ରାୟଗଡ, ୩୦।୧୧ (ସଂଚାର ବ୍ୟୁରୋ):** ସରପଞ୍ଚ ନିଜ ପଦବୀରୁ ଇସ୍ତଫା ଦେବା ପରେ ବର୍ଷେ ତିନି ମାସ ହେଲାଣି ନାଏବ୍ ସରପଞ୍ଚ ହାତରେ ରହିଛି ଗ୍ରାମ ପଞ୍ଚାୟତ ଦାୟିତ୍ୱ। ଦୀର୍ଘ ୧୩ ମାସରୁ ଉର୍ଦ୍ଧ ହେଲାଣି ସରପଞ୍ଚ ବିହୀନ ପଞ୍ଚାୟତ ସାଜିଛି ରାୟଗଡ ଜିଲ୍ଲା ମୁନିଗୁଡା ବ୍ଲକ ସରଧାପୁର ଗ୍ରାମ ପଞ୍ଚାୟତ।ଗ୍ରାମ ପଞ୍ଚାୟତ ନିୟମ ଅନୁଯାୟୀ ଜଣେ ସରପଞ୍ଚ ଦାୟିତ୍ୱ ଛାଡ଼ିବା ପରେ ନାୟବ ସରପଞ୍ଚ ୬ ମାସ ଦାୟିତ୍ୱ ନିର୍ବାହ କରିବା ବର୍ଣ୍ଣିତ ରହିଛି। ହେଲେ ପଞ୍ଚାୟତରେ ଉକ୍ତ ନିୟମକୁ ଉଲ୍ଲଂଘନ କରାଯାଇ ଥିବା ଅଭିଯୋଗ ହେଉଛି।




ମୁନିଗୁଡା ବ୍ଲକ ସରଧାପୁର ପଞ୍ଚାୟତ ପୂର୍ବ ସରପଞ୍ଚ ରୂପାଲି ସିଡିଆ ସ୍ୱଇଚ୍ଛାରେ ନିଜ ପଦବୀରୁ ଇସ୍ତଫା ଦେବା ପରେ ଉକ୍ତ ପଞ୍ଚାୟତର ନାୟବ ସରପଞ୍ଚ ଅଭି ବାଗ ଗତ ୨୦୨୩ ମସିହା ଅଗଷ୍ଟ ମାସ ରେ ଦାୟିତ୍ୱ ଗ୍ରହଣ କରିଥିଲେ। ହେଲେ ପରିତାପର ବିଷୟ ନାୟବ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିବା ଆଜକୁ ୧୩ ମାସ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଉପ ନିର୍ବାଚନ କରାଯାଉ ନାହିଁ। ଯାହାକୁ ନେଇ ୬ ମାସ ବଦଳରେ ୧୩ ମାସ ହେଲାଣି ନାୟବ ସରପଞ୍ଚ ଶ୍ରୀ ବାଗ ନିଜର ଶାସନ ଚାଲାଇ ଆସୁଛନ୍ତି । ଶ୍ରୀ ବାଗ ଦାୟିତ୍ୱ ନେବା ଦିନ ଠାରୁ ଦୀର୍ଘ ଦିନ ପଞ୍ଚାୟତ କାର୍ଯ୍ୟାଳୟ ବନ୍ଦ ରହିବା, ଗ୍ରାମ ସଭା, ପଲ୍ଲୀ ସଭାରେ ଅନୁପସ୍ଥିତ ରହିବା, ମନମୁଖୀ କାର୍ଯ୍ୟ କରିବା ସହ ବିଭିନ୍ନ ପ୍ରକାର ସରପଞ୍ଚଙ୍କ ଦସ୍ତଖତ ପାଇଁ ହାତ ଗୁଞ୍ଜା ନେଉଥିବା ସରଧାପୁର ପଞ୍ଚାୟତବାସୀ ଲିଖିତ ଅଭିଯୋଗ କରିବା ସହ ମୁନିଗୁଡା ବ୍ଲକ ପରିସରରେ ଗତ ସୋମବାର ଦିନ ଅନୁଷ୍ଠିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାରୁଲ ପଟୱାରିଙ୍କୁ ଭେଟି ଉକ୍ତ ସମସ୍ୟା ବିଷୟରେ ଜଣାଇଥିଲେ। ଅଭିଯୋଗ ଶୁଣିବା ପରେ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ।

ଉକ୍ତ ଘଟଣାକୁ ନେଇ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ଯୋଗା ଯୋଗ କରିବାରୁ ଉକ୍ତ ପଞ୍ଚାୟତରେ ଉପ ନିର୍ବାଚନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଉଥିବା ସୂଚନା ଦେଇଛନ୍ତି। ତେବେ ୧୩ ମାସ ହେଲା ଉପ ନିର୍ବାଚନ ନହେବା ପ୍ରଶାସନିକ ଅଧିକାରୀ ମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ସନ୍ଦେହ ପ୍ରକାଶ ପାଇଥିବା ବେଳେ ସରଧାପୁର ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ପାଇଁ ଉପ ନିର୍ବାଚନ କେବେ ହେବ ଦେଖିବାକୁ ବାକି ରହିଲା।

'ମଣ୍ଡେଇ-୨୦୨୪' ଉପଲକ୍ଷେ

## ମେହେନ୍ଦି ପ୍ରତିଯୋଗିତା

**ନବରଙ୍ଗପୁର, ୩୦।୧୧ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ମଣ୍ଡେଇ ମହୋତ୍ସବ -୨୦୨୪ ପାଳନ ଉପଲକ୍ଷେ ଜିଲ୍ଲା ସ୍ତରୀୟ ମେହେନ୍ଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।ମେହେନ୍ଦି କଳାକାରମାନେ ନିଜର ମେହେନ୍ଦି ଚିତ୍ରକଳାକୁ ପ୍ରଦର୍ଶନ କରିଛନ୍ତି। ଜିଲ୍ଲାର ପୌରପାଳିକା,ବିଭିନ୍ନ ସ୍କୁଲ୍,କଲେଜ ରୁ ବହୁ ସଂଖ୍ୟାରେ ମହିଳା ପ୍ରତିଯୋଗୀମାନେ ନିଜର ଆବଶ୍ୟକୀୟ ସାମଗ୍ରୀରେ ମେହେନ୍ଦି ପ୍ରତିଯୋଗିତାରେ ଭାଗ ନେଇଥିଲେ।ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ପ୍ରଥମ



ଦ୍ୱିତୀୟ ଓ ତୃତୀୟ ସ୍ଥାନ ଭାବେ ମହିଳା ମହାବିଦ୍ୟାଳୟ ର ମଞ୍ଜୁଳା ଭତ୍ରା, ମଡର୍ଣ ଡିଗ୍ରୀ କଲେଜ ର ଏନ୍ ସୋନିଆ,ମହିଳା ସ୍ନାତକ ମହାବିଦ୍ୟାଳୟର ଉର୍ମିଳା ମାଝୀ ଉତ୍ତୀର୍ଣ୍ଣ ହେଲେ।ବିଚାରପତି ରୂପେ ଡେପୁଟି କଲେକ୍ଟର ଟି ମନସ୍ମିତା,ନବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟାପିକା ଡ ସଂଯୁକ୍ତା ପଣ୍ଡା ଓ ତର୍ଣ୍ଣମ ଆରା ପ୍ରମୁଖ ଯୋଗ ଦେଇଥିଲେ।ଏହି ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମଣ୍ଡେଇ ପଡିଆ ରେ ପୁରସ୍କୃତ କରାଯିବ।ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ମାଳେଶ୍ୱରି ସାହୁ ଏବଂ ଅଧ୍ୟାପକ ମାନେ ସହଯୋଗ କରିଥିଲେ।ପ୍ରତିଯୋଗିତା ଆୟୋଜନରେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାଶିଆ ହରିଜନ,ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଆତ୍ମାରାମ ସାହୁ , ନୀଳକଣ୍ଠ ନାଏକ ଉପସ୍ଥିତ ଥିଲେ।

## ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ବାଲେଶ୍ୱର, ୩୦।୧୧ (ସଂଚାର ବ୍ୟୁରୋ):** ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ପୋକ୍ସ କୋର୍ଟ ଜଜ ରଞ୍ଜନ କୁମାର ସୁତାର ଆସାମୀ କାର୍ତ୍ତିକ ଦଳେଇଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଆସାମୀକୁ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ସୂଚନା ଥାଉ କି, ବସ୍ତା ଥାନା ଅଞ୍ଚଳରେ ୨୦୨୪ ମେ ୩ ତାରିଖରେ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାର ୧୨ ଜଣ ସାକ୍ଷୀ ଓ ୨୧ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ଏହି ରାୟ ଶୁଣାଇଛନ୍ତି ବାଲେଶ୍ୱର ଜିଲ୍ଲା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ । ଏଥିସହ ନାବାଳିକାଙ୍କୁ ୪ ଲକ୍ଷ୍ୟ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର କୋର୍ଟ । ଏହି ମାମଲାରେ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିଲେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା।

## ପାନୀୟଜଳ ଯୋଗାଣ ନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

**କଣାସ, ୩୦।୧୧ (ସଂଚାର ବ୍ୟୁରୋ):** କଣାସ ବ୍ଲକ ବକୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପାନୀୟଜଳ ଯୋଗାଣ ଦାବିକୁ ନେଇ କେତେକ ଗ୍ରାମବାସୀ ଗଣଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଖବରନେବାରେ ଜଣାପଡ଼ିଛି ବକୁ ପଞ୍ଚାୟତର ପଟ୍ଟଯୋଶୀପୁର ଠାରେ ନିର୍ମିତ ହୋଇଥିବା ବସୁନ୍ଧା ଯୋଜନା (ଜଳଯୋଗାଣ ବ୍ୟବସ୍ଥା)ରେ ପାନୀୟଜଳ ଯୋଗାଦେବାକୁ ବ୍ୟବସ୍ଥା ହୋଇଥିବା ବେଳେ ବର୍ତ୍ତମାନ ସୁଧା ମଇଁନ୍ଦିପୁର, ଝାମ୍ପରପୁର,



ପଟ୍ଟଯୋଶୀପୁର ଗ୍ରାମରେ ପାନୀୟ ଜଳ ସଠିକ୍ ଭାବରେ ପହଞ୍ଚିପାରି ନ ନାହିଁ। ଦୀର୍ଘ ୬ମାସ ହେବା ପାନୀୟ ଜଳ ଯୋଗାଣ ଠପ ହୋଇଯାଇଛି। ଉକ୍ତ ଗ୍ରାମବାସୀମାନେ ବାଧ୍ୟହୋଇ ପୋଖରୀର ବିସୁଦ୍ଧ ପାଣିକୁ ପିଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀମାନେ ପଞ୍ଚାୟତର ସରପଞ୍ଚ, ପିଡି, ବିଡିଓ କଣାସ, ପାନୀୟଜଳ ପ୍ରକଳ୍ପ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରିନଥିବାରୁ ପାନୀୟଜଳ ତୁରନ୍ତ ଯୋଗାଦେବା ପାଇଁ ଦାବିକରି ମଇଁନ୍ଦିପୁର, ପଟଯୋଶୀପୁର ଗ୍ରାମବାସୀମାନେ ବକୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗଣଧାରଣାରେ ବସିରହିଛନ୍ତି। ଗ୍ରାମବାସୀମାନେ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ ସରପଞ୍ଚ ଓ ପିଡିଙ୍କୁ ଅଟକ ରଖିଛନ୍ତି। ଏ ସମ୍ପର୍କରେ କଣାସ ବିଡିଓ ନାରାୟଣ ସାହୁଙ୍କୁ ପଚାରିବାରୁ ସେକୁହନ୍ତି ଏ ବିଷୟରେ କୌଣସି ଖବର ମୋ ପାଖରେ ନାହିଁ।

କ୍ୱାର୍ଟର୍ସ ନିର୍ମାଣରେ ନିୟମ ଉଲ୍ଲଙ୍ଘନ

# ବାଜିରେ ଲାଗିଛି ଶ୍ରମିକଙ୍କ ଜୀବନ

ଶ୍ରମ ଅଧିକାରୀଙ୍କ ଯାଞ୍ଚ, ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ

**କାକଟପୁର/ଅସ୍ତରଙ୍ଗ, ୩୦।୧୧ (ସଂଚାର ବ୍ୟୁରୋ):** ପେଟ ପାଇଁ ଶ୍ରମିକ ତାର ଜୀବନକୁ ବାଜି ଲଗାଇ କାମ କରୁଛି। କୌଣସି ଶ୍ରମଜୀବିଙ୍କୁ ଅସୁରକ୍ଷିତ ଭାବେ କାମ କରାଇବା ଶ୍ରମ ଆଇନି ବିରୋଧ। ଏହା ସତ୍ୱେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନୂତନ ଥାନା ପରିସରରେ ନିର୍ମାଣ ହେଉଥିବା ଥାନାବାବୁଙ୍କ ରହଣି ପାଇଁ ନିର୍ମିତ ଷ୍ଟାଫ କ୍ୱାଟର କାର୍ଯ୍ୟ ଚାଲୁଥିବା ବେଳେ କାମ କରୁଥିବା ଶ୍ରମିକ ନିଜ ଜୀବନକୁ ବାଜିରେ ଲଗାଇଛନ୍ତି।



ସଂଚାର ମହାପ୍ରଭାବ

ସରକାରୀ କ୍ୱାଟର କାମ ହେଉଥିଲେ ମଧ୍ୟ କାମ ହାତେଇବା ଠିକାଦାରଙ୍କ ବେପରୁଆ ନିତୀ ଯୋଗୁଁ ୪୦ଫୁଟ ଉଚ୍ଚରେ ଶ୍ରମିକ ବିନା ସୁରକ୍ଷା ସମାଗ୍ରୀ ପରିଧାନରେ କାମ କରାଯାଉଥିବା ଦେଖିବାକୁ ମିଳିଛି। ଯାହାକି ପାଦେ ପାଦେ ବିପଦ ରହିଛି। ଶ୍ରମିକମାନଙ୍କୁ ସୁରକ୍ଷା ବେଲ୍ଟ, ହେଲମେଟ ଓ ଗ୍ଲୋବ ଆଦି ସମାଗ୍ରୀ ଯୋଗାଇ ଦିଆଯାଉନାହିଁ। ଶ୍ରମିକ ମାନେ ବାଉଁଶ ଉପରେ ୪୦ଫୁଟ ରୁ ଉର୍ଦ୍ଧ ଉପରେ ଝୁଲି ଝୁଲି ରହି ବିପଦ ସଂକୁଳ ଅବସ୍ଥାରେ କାମ କରୁଛନ୍ତି। ଯାହାକୁ ନେଇ ସଂଚାର ରେ ଗତ ୨୧ତାରିଖରେ ଖବର ପ୍ରସାରଣ ପରେ ଉଚ୍ଚପଦସ୍ତ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶ୍ରମବିଭାଗର ୩ ଜଣିଆ ତଦନ୍ତ କାରୀ ଟିମ୍ ଶନିବାର ଅପରାହ୍ନ ସମୟରେ ନିର୍ମାଣ ଜାରିରହିଥିବା ପୁଲିସ କ୍ୱାଟର ପାଖରେ ପହଂଚିଥିଲେ। ତଦନ୍ତକାରୀ ଅଧିକାରୀଙ୍କୁ ଦେଖି କାମ ବୁଝାବୁଝି କରୁଥିବା ବ୍ୟକ୍ତି ବିଶେଷ ଘଟଣା ସ୍ଥଳରୁ ପଳାଇ ଯାଇଥିଲେ। ୩ ଜଣିଆ ତଦନ୍ତ କାରୀ ଟିମ୍ ମଧ୍ୟରେ ପୁରୀ ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ ପ୍ରିୟଦର୍ଶୀଙ୍କ ସହ ଶ୍ରମବିଭାଗ କର୍ମଚାରୀ ଦେବବ୍ରତ ପଲାଇ, ଶୈଳେନ୍ଦ୍ର ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟରତ ଥିବା ଶ୍ରମିକମାନଙ୍କ ସହ ଆଲୋଚନା କରିଥିଲେ।

ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରୁ ଉକ୍ତ ଠିକାଦାରଙ୍କୁ ଚିଠି ମାଧ୍ୟମରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଠିକାଦାର ସମସ୍ତ ରେକର୍ଡ, ରେଜିଷ୍ଟର, ସହାୟକ ଦଲିଲ ଏବଂ ସମ୍ପୃକ୍ତ ଶ୍ରମ ଲାଇସେନ୍ସ ସହିତ ବିଭାଗୀୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରେ ୧୦ଦିନ ମଧ୍ୟରେ ଉପସ୍ଥାପନ ହେବାକୁ ନୋଟିସ ମାଧ୍ୟମରେ କୁହାଯାଇଛି ବୋଲି ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟର ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

# ବିଜେଡି ରଙ୍ଗ ବଦଳାଇବାରେ ଓସ୍ତାଦ

- ଏମ୍ଏମ୍ଡିଆର୍ ଆଇନ କାର୍ଯ୍ୟକାରୀ ହେବା ପରେ ଓଡ଼ିଶା ସର୍ବାଧିକ ଲାଭାନ୍ୱିତ
- ଲାଭ ପାଇଲା ବିଜେଡି
- ଶାସନରୁ ଯିବା ପରେ ଆଖି କାନ ବନ୍ଦ କରିଦେଇଛନ୍ତି
- ଗଣତନ୍ତ୍ରକୁ ରକ୍ତାକ୍ତ କରିଥିବା ବିଜେଡି ମୁହଁରେ ଗଣତନ୍ତ୍ରର ପରିଭାଷା ଶୋଭା ପାଉନି



**ଭୁବନେଶ୍ୱର,୩୦।୧୧ (ସଂଚାର ବ୍ୟୁରୋ):** ଆମ ରଙ୍ଗ କେବେହେଲେ ବଦଳି ନାହିଁ। କିନ୍ତୁ ରଙ୍ଗ ବଦଳାଇବାରେ ଓସ୍ତାଦ ହେଉଛନ୍ତି ବିଜେଡି। ରଙ୍ଗ ବଦଳାଇ ବିଜେଡି ୧୯୯୮ରେ ଆମ ସହ ମେଣ୍ଟ କରିଥିଲା। ନିଜ ଆବଶ୍ୟକତା ପୂର୍ତ୍ତି ହୋଇଯିବା ଓ ନିଜ ସ୍ୱାର୍ଥ ଦୃଷ୍ଟିକୋଣରୁ ବିଜେଡି ୨୦୦୯ରେ ବିଜେପି ସହ ସମ୍ପର୍କ ଛିନ୍ନ କରିଥିଲା ଏବଂ କଂଗ୍ରେସ ସହ ସାଲିସ କରି ସମ୍ପର୍କ ସ୍ଥାପନ କରିଥିଲା। ବର୍ତ୍ତମାନ ବି କଂଗ୍ରେସ ସହ ନିବିଡ ସମ୍ପର୍କ ରହିଛି। ବିଧାନସଭା ଭିତରେ ଓ ବାହାରେ ସାଲିସ ଜାରି ରଖିଛି। ଦୁଇ ଦଳର ଭାଷା ମଧ୍ୟ ସମାନ ରହିଛି ବୋଲି ବିଜେପିର ବରିଷ୍ଠ ନେତା ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଶ୍ରୀ ପୂଜାରୀ କହିଛନ୍ତି, ଚାପରେ ପଡ଼ି ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ନିଜ ଇଚ୍ଛା ବିରୁଦ୍ଧରେ ଅନେକ କଥା କହିଥାନ୍ତି। ଆଜି ମଧ୍ୟ ଶ୍ରୀ ଆଚାର୍ଯ୍ୟ ମୁହଁରୁ ମିଛ କୁହାଇବାର ପ୍ରୟାସ କରିଛି ବିଜେଡି। ୨୦୧୬ ପୂର୍ବରୁ ଖଣିଜ ସମ୍ପଦର ସମସ୍ତ ଲାଭ କେନ୍ଦ୍ର ନେଉଥିଲା। ଖଣିଦଖଲ ରାଜ୍ୟମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୋଦି ସରକାର ୨୦୧୬ ରେ ଏମ୍ଏମ୍ଡିଆର୍ ଆଇନରେ ସଂଶୋଧନ ଆଣି ପ୍ରଧାନମନ୍ତ୍ରୀ ଖଣିଜ ପଦାର୍ଥ କ୍ଷେତ୍ର କଲ୍ୟାଣ ଯୋଜନା ପ୍ରଚଳନ କଲେ। ଏହା ଦ୍ୱାରା ଖଣି ସମ୍ପତି ଲାଭାଂଶର ସର୍ବନିମ୍ନ ୨ ପ୍ରତିଶତ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ପାଣ୍ଠି ଗଠନ ହେଲା। ପରବର୍ତ୍ତୀ ସମୟରେ କଂପାନୀ ଆଇନରେ ସଂଶୋଧନ ଆଣି ସିଏସଆର ପାଣ୍ଠି ଜରିଆରେ ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣ ଟଙ୍କା କେନ୍ଦ୍ର ଆସିଛି। ଓଡ଼ିଶା ସର୍ବାଧିକ ଲାଭାନ୍ୱିତ ହେଲା। ଏହି ଆଇନ ବଳରେ ବିଜେଡି ସରକାରରେ ମଧ୍ୟ ପର୍ଯ୍ୟାପ୍ତ ଟଙ୍କା ଆସିଛି। ବିଜେଡି ଲାଭାନ୍ୱିତ ହେଲା, କିନ୍ତୁ ଓଡ଼ିଶାବାସୀ ଲାଭାନ୍ୱିତ ହେଲେ ନାହିଁ। ବିଜେଡି ଶାସନରେ ଓଡ଼ିଶାର ଏସଏଚଜି ମହିଳାମାନଙ୍କୁ ସୁଧମୁକ୍ତ ଋଣ ଦିଆଯାଉଥିଲା। ସୁଭଦ୍ରା ଯୋଜନାରେ ସିଧାସଳଖ ବାର୍ଷିକ ୧୦ ହଜାର ଟଙ୍କା ୨୧ ବର୍ଷରୁ ୬୦ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କୁ ପ୍ରଦାନ କରାଗଲା। ସେହିପରି ସୋଚେଇ ଠାରେ ଧାନ କ୍ୱିଂଟାଲ ପିଛା ୧୦୦ ଟଙ୍କାର ବୋନସ ଘୋଷଣା କେବଳ ପ୍ରତିଶ୍ରୁତିରେ ରହିଗଲା। ନବୀନ ବାବୁଙ୍କ କାର୍ଯ୍ୟକାଳ ସରିଗଲା, କିନ୍ତୁ ଓଡ଼ିଶାର ଚାଷୀଙ୍କୁ ଟଙ୍କାଟିଏ ମିଳିଲା ନାହିଁ। ମୋହନ ମାଝୀ ନେତୃତ୍ୱ ବିଜେପି ସରକାର ଏମଏସପି ଉପରେ ୮୦୦ ଟଙ୍କା ଇନପୁଟ ସବସିଡି ଦେଲେ। ଶାସନରୁ ବିଦା ହେବା ପରେ ବିଜେଡି ନିଜ ଆଖି ଓ କାନ ବନ୍ଦ କରିଦେଇଛି। ତେଣୁ ବିକାଶ ଦେଖାଯାଉନାହିଁ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ସେ କହିଛନ୍ତି, ବିଜେଡି ସରକାରରେ ଦାବିଠାରୁ ଅଧିକ ଅର୍ଥ କେନ୍ଦ୍ରରୁ ମୋଦି ସରକାର ଦେଇଛନ୍ତି। କିନ୍ତୁ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ତତ୍କାଳୀନ ବିଜେଡି ସରକାର ଦଳୀୟ ଓ ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିଲେ। ଗଣତନ୍ତ୍ରକୁ ରକ୍ତାକ୍ତ କରିଥିବା ବିଜେଡି ମୁହଁରେ ଗଣତନ୍ତ୍ରର ପରିଭାଷା ଶୋଭା ପାଉନାହିଁ। ସୁସ୍ଥ ଗଣତନ୍ତ୍ରର ପରିଭାଷା ପ୍ରଥମେ ନିଜେ ଶିଖି ବିଜେଡି ପାଳନ କରିବା ଆବଶ୍ୟକ।

## 'ଜଗା ତୁ ଯାଦୁଗର'କୁ ଇଣ୍ଡିଆନ୍ ମ୍ୟୁଜିକ୍ ଆୱାର୍ଡ



**ଭୁବନେଶ୍ୱର,୩୦।୧୧ (ସଂଚାର ବ୍ୟୁରୋ):** ଓଡ଼ିଆ ଭଜନକୁ ମିଳିଛି ଜାତୀୟ ସ୍ତରର ସ୍ୱୀକୃତି। କୋଟି ଓଡ଼ିଆଙ୍କ ମଉଡମଣି ଶ୍ରୀଜଗନ୍ନାଥଙ୍କୁ ନେଇ ରଚିତ ଓଡ଼ିଆ ଆଧ୍ୟାତ୍ମିକ ଭଜନ 'ଜଗା ତୁ ଯାଦୁଗର'କୁ ମିଳିଛି ଇଣ୍ଡିଆନ୍ ମ୍ୟୁଜିକ୍ ଆୱାର୍ଡ-୨୦୨୪। ହଙ୍ଗାମା ଆର୍ଟିଷ୍ଟ ଆଲାଉନ୍ସ ପକ୍ଷରୁ ମାୟାନଗରୀ ମୁମ୍ବାଇରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଗ୍ରାଣ୍ଡ ଫିନାଲେରେ ଏହି ସମ୍ମାନ ଗ୍ରହଣ କରିଛନ୍ତି ଜଗା ତୁ ଯାଦୁଗରରେ କଣ୍ଠଶିଳ୍ପୀ ଅଭିଜିତ୍ ମିଶ୍ର। ଜାତୀୟ ସ୍ତରରେ ଓଡ଼ିଆ ଭଜନକୁ ସ୍ୱୀକୃତି ମିଳିବା ଓଡ଼ିଶା ପାଇଁ ଗର୍ବ ଏବଂ ଗୌରବର ବିଷୟ ହୋଇଥିବା ବେଳେ ଏହା ସମସ୍ତ ଜଗନ୍ନାଥପ୍ରେମୀଙ୍କ ପାଇଁ ଏହା ଏକ ଖୁସିର ଖବର। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୟରେ ମୁକ୍ତିଲାଭ କରିଥିଲା ଏହି ଭକ୍ତିଭାବ ଭରା ଭଜନ। ଭଜନକୁ ଗୀତିକାର ରାମକୃଷ୍ଣ ବାରିକ ଲେଖିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଏବଂ କଣ୍ଠଦାନ ଅଭିଜିତ୍ ମିଶ୍ର କରିଥିଲେ। 'ଜଗା ତୁ ଯାଦୁଗର' କିଛି ଦିନ ତଳେ ଇଣ୍ଡିଆନ୍ ମ୍ୟୁଜିକ୍ ଆୱାର୍ଡ ପାଇଁ ଚୟନ ହୋଇଥିବା ବେଳେ ଶୁକ୍ରବାର ରାତିରେ ମୁମ୍ବାଇରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏ ସମ୍ମାନ ସବୁ ମହାପ୍ରଭୁଙ୍କର ବୋଲି ଗୀତର ଲେଖକ ରାମକୃଷ୍ଣ ଏବଂ ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ କହିଛନ୍ତି।

## ହସ୍ପିଟାଲରେ ମିଛ ପିଲା ଚୋରି !

**ନୟାଗଡ଼,୩୦।୧୧ (ସଂଚାର ବ୍ୟୁରୋ):** ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜାତ ପିଲା ଚୋରି ନେଇ ଜଣେ ମହିଳା ଅଭିଯୋଗ କରିଥିଲେ। ହେଲେ ଏହାକୁ ମେଡିକାଲ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ଜେନା ଖଣ୍ଡନ କରିଛନ୍ତି, ମେଡ଼ିକାଲ୍‌ରେ ଲାଗିଥିବା ସିସିଟିଭି ତଥ୍ୟ ଅନୁସାରେ ଛୁଆ ଚୋରି ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ମହିଳାଙ୍କ ଅଭିଯୋଗର କୌଣସି ସତ୍ୟତା ନାହିଁ ଏସ୍‌ଡିପିଓ ମଧ୍ୟ କହିଛନ୍ତି ଯେ, ସିସିଟିଭି ଫୁଟେଜରୁ ଜଣାପଡୁଛି ଏଠାରେ ଡେଲିଭରି ହୋଇନି। ଜଣେ ମହିଳା କାନ୍ଦିକାନ୍ଦି ତାଙ୍କ ନବଜାତ ସନ୍ତାନର ଫଟୋ ଦେଖାଇ କାନ୍ଦିକାନ୍ଦି ଚୋରି ହୋଇଥିବା କହିଛନ୍ତି। ତଦନ୍ତ ପରେ ଜଣାପଡ଼ିଛି, ମହିଳାଙ୍କ ଅଭିଯୋଗରେ ସତ୍ୟତା ନାହିଁ। ଆଜି ଦିନ ତମାମ ନୟାଗଡ଼ରେ ହଇଚଇ ସୃଷ୍ଟି କରିଥିବା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ମେଡିକାଲ୍ ଅଧୀକ୍ଷକ। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଗୋଡ଼ଭଙ୍ଗା ଗାଁର ବିଜୟ କୁମାର ପରିଡ଼ାଙ୍କ ପତ୍ନୀ ସୁଧୀସ୍ମିତା ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପୁଅ ଜନ୍ମ ଦେଇଥିଲେ। ପରବର୍ତ୍ତୀ ସମୟରେ ଶିଶୁ ପୁତ୍ର ଚୋରି ହୋଇଥିବା ଅଭିଯୋଗ କରିଥିଲେ। ସୁଧୀସ୍ମିତାଙ୍କ ଅଭିଯୋଗ ପରେ ମେଡ଼ିକାଲ୍‌ରେ ଆଲୋଡନ ଛାଇ ଯାଇଥିଲା। ଏସ୍‌ଡିପି ସୁବର୍ଣ୍ଣନ ଗଙ୍ଗୋଇ ମେଡିକାଲ୍‌ରେ ପହଞ୍ଚି ସେଠାରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ପିଲା ଜନ୍ମ ହୋଇଥିବା ନେଇ କୌଣସି ପ୍ରମାଣ ମିଳି ନ ଥିଲା। ଅଭିଯୋଗ ଆଣିଥିବା ସୁଧୀସ୍ମିତା ମେଡିକାଲ୍‌ରେ ଆଡ୍‌ମିଟ୍ ହୋଇ ନ ଥିବା ଜଣାପଡ଼ିଥିଲା। ତେବେ ପ୍ରଶ୍ନ ଉଠୁଛି, ଜଣେ ଯଦି ମେଡିକାଲ୍‌ରେ ଆଡ୍‌ମିଟ୍ ହୋଇନାହାନ୍ତି, ତାହାହେଲେ ଓଟିରେ ପ୍ରସବ କଲେ କେମିତି?



ରାଜସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ଜେନା କହିଛନ୍ତି, ମେଡିକାଲ୍‌ରେ ଲାଗିଥିବା ସିସି ତଥ୍ୟ ଅନୁସାରେ ମହିଳାଙ୍କ ଅଭିଯୋଗର କୌଣସି ସତ୍ୟତା ନାହିଁ। ସଂପୃକ୍ତ ମହିଳା ପୂର୍ବାହ୍ନ ୯.୩୧ରେ ମେଡିକାଲ୍‌ରେ ପ୍ରବେଶ କରିଥିଲେ। ମେଡିକାଲ୍ ଲବିରେ ୨୦ ମିନିଟ୍ ବସି ୯.୫୧ରେ ସିଡିରେ ପ୍ରଥମ ମହଲାକୁ ଯାଇଥିଲେ। ସେଠାରେ ଲେବର ରୁମ୍ ଆଗରେ ପ୍ରାୟ ୨୦ରୁ ୨୫ ମିନିଟ୍ ଧରି ବସି ଥିଲେ। ପରେ ଗ୍ରାଉଣ୍ଡ ଫ୍ଲୋରକୁ ଫେରି ଆସିଥିଲେ। ତା'ପରେ ବାଥ୍ ରୁମ୍ ଭିତରକୁ ଯାଇଥିଲେ। ପ୍ରାୟ ୧୦.୨୫ରେ ବାଥ୍ ରୁମରୁ ବାହାରି ଛୁଆ ଚୋରି ହୋଇଥିବା ଅଭିଯୋଗ କରିଥିଲେ। ମହିଳା ଜଣକ ଲେବର ରୁମ୍‌ରେ ପଶି ନାହାନ୍ତି। ସେ ଓପିଡି ଟିକଟ ନେଇନାହାନ୍ତି କି କୌଣସି ଡାକ୍ତରଙ୍କ ପରାମର୍ଶ ନେଇନାହାନ୍ତି। ଏ ସବୁ ତଥ୍ୟ ସିସିଟିଭିରେ କଏଦ ହୋଇଛି ଓ ଏନେଇ ଆମେ ଥାନାରେ ଏଫ୍‌ଆଇଆର୍ ଦେବୁ ବୋଲି ସେ କହିଛନ୍ତି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଅସ୍ମିତା ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର,୩୦।୧୧ (ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ ଓଡ଼ିଆ ଅସ୍ମିତା ଶିବିର ୨୦୨୪ ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନ ସମାରୋହରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରିଡ଼ା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି



ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟକ ଭାବେ ଯୋଗଦେଇ ଓଡ଼ିଶାର ସଂସ୍କୃତି, ପରମ୍ପରା, କଳା, ସାହିତ୍ୟ ଓ ସୃଜନଶୀଳତାକୁ ନେଇ ନିଜର ଅସ୍ମିତାକୁ ପ୍ରତିପାଦିତ କରିବା ଆଜିର ଯୁବ ସମାଜ ପାଇଁ ଏକ ଆହ୍ୱାନ ବୋଲି କହିଥିଲେ। ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ଆମେ ଓଡ଼ିଆ ଭାଷା ପ୍ରତି ଆତ୍ମୀୟତା ବୃଦ୍ଧି କରିବା ସହ ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାର ପ୍ରୟୋଗକୁ ଗୁରୁତ୍ୱ ଦେବା ଉଚିତ। ସଂପ୍ରତି ଓଡ଼ିଶାରେ ପ୍ରଚଳିତ ଜାତୀୟ ଶିକ୍ଷା ନୀତି ଅନୁସାରେ ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି। ଯାହାଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଅସ୍ମିତା ସହ ସୃଜନଶୀଳତାର ଅଭ୍ୟୁଦୟ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ତଥା ସିନେତାରକା ଅକାଶ ଦାଶନାୟକ ତାଙ୍କ ବକ୍ତବ୍ୟରେ ଓଡ଼ିଆ ଜାତିର ମହାନ ଐତିହ୍ୟ ସମ୍ପର୍କରେ ଆଜିର ଯୁବ ସମାଜ ଅଧିକରୁ ଅଧିକ ଜାଣିବା ସହ ଆଗାମୀ ଦିନରେ ନିଜର ସାମାଜିକ କର୍ତ୍ତବ୍ୟ ସହ ଆମ ସଂସ୍କୃତିର ସାମୂହିକ ପ୍ରଚାର ଓ ପ୍ରସାର ନିମନ୍ତେ ଆଗଭର ହେବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ସେବା ଯୋଜନା ମାଧ୍ୟମରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଏହି ତିନିଦିନିଆ ଶିବିର ସେମାନଙ୍କ ମଧ୍ୟରେ ଓଡ଼ିଶାର ସାଂସ୍କୃତିକ ବିଭବ ସମ୍ପର୍କରେ ଆବଶ୍ୟକୀୟ ଜ୍ଞାନର ଉଦ୍ରେକ କରିବା ସହ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ପ୍ରତିପାଦିତ କରିବା ପାଇଁ ଏକ ପ୍ରକୃଷ୍ଟ ସୁଯୋଗ ବୋଲି ମତ ଦେଇଥିଲେ। ଓଡ଼ିଶା ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ତାଙ୍କ ବକ୍ତବ୍ୟରେ ଏହି ଯୁବ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକ ସଂଗ୍ରାମ କେଶରୀ ଷଡଙ୍ଗୀ ଏହିଭଳି ଏକ ଅଭିନବ ଶିବିର ଓଡ଼ିଶାର ଯୁବଶକ୍ତିର ସାଂସ୍କୃତିକ ଓ ସାମାଜିକ ପ୍ରତିଭାକୁ ବିକାଶ ପଥରେ ଆଗେଇ ନେବା ସହ ଆଗାମୀ ଦିନରେ ଆମ ଯୁବ ପ୍ରତିଭାଙ୍କ ଦକ୍ଷତାକୁ ପ୍ରତିପାଦିତ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ବିଶିଷ୍ଟ ଯୁବ କଣ୍ଠଶିଳ୍ପୀ ସୁଶ୍ରୀ ବର୍ଣ୍ଣାଲୀ ହୋତା ନିଜ ସଫଳତା ସମ୍ପର୍କରେ ସୂଚନା ଦେବା ସହ ଓଡ଼ିଶାର ଯୁବଶକ୍ତି ଆଗାମୀ ଦିନରେ ସାଂସ୍କୃତିକ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ମତଦେଇଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ବିଗତ ୨୫ ବର୍ଷରେ ପ୍ରଥମଥର ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏହିଭଳି ଏକ ଐତିହାସିକ ତଥା ରାଜ୍ୟସ୍ତରୀୟ ଯୁବମହୋତ୍ସବ ଆୟୋଜନ ଜରିଆରେ ସାରା ଓଡ଼ିଶାକୁ ଏକ ନୂତନ ସାଂସ୍କୃତିକ ବାର୍ତ୍ତା ନିଶ୍ଚିତ ପ୍ରେରଣ କରିବା ସହ ଆମ ଯୁବ ପ୍ରତିଭାଙ୍କ ସଫଳତାକୁ ବିଶ୍ୱଦରବାରରେ ପହଞ୍ଚାଇବ ବୋଲି ମତବ୍ୟକ୍ତ କରିଥିଲେ। କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଡ. ସଂଦୀପ କୁମାର ରାଉତ ଓ ଜ୍ଞାନ ରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ।

## ଚାରି ମାସରେ ୧୨ହଜାର କିଲୋ ପ୍ଲାଷ୍ଟିକ ଜବତ

**ଭୁବନେଶ୍ୱର, ୩୦।୧୧:** ଓଡ଼ିଶାରେ ଗତ ଚାରିମାସ ମଧ୍ୟରେ ୧୨ହଜାର କିଲୋ ଏକକ ବ୍ୟବହୃତ ପ୍ଲାଷ୍ଟିକ ଜବତ ହେଲାଣି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ଏହି ସୂଚନାକୁ ରାଜ୍ୟସଭାରେ ଉଲ୍ଲେଖ କରିଛନ୍ତି କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କିର୍ତ୍ତୀ ବର୍ଦ୍ଧନ ସିଂହ। ବିଜେଡି ସାଂସଦ ଦେବାଶିଷ ସାମନ୍ତ ରାୟଙ୍କ ଏକ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାର୍ଷିକ ରିପୋର୍ଟ ଅନୁଯାୟୀ କଟକ, ଭୁବନେଶ୍ୱର ସମେତ ରାଜ୍ୟରୁ ବାର୍ଷିକ ୫୧, ୨୬୯ ମେଟ୍ରିକ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ବାହାରୁଥିବାବେଳେ ଏଥିରୁ ୪୮, ୫୪୫ ମେଟ୍ରିକ ଟନ୍ ପ୍ରକ୍ରିୟାକରଣ ହୋଇଛି। ପ୍ଲାଷ୍ଟିକ ବର୍ଜ୍ୟର ପ୍ରକ୍ରିୟାକରଣ ପାଇଁ ଓଡ଼ିଶା ସରକାର ବ୍ୟାପକ କାର୍ଯ୍ୟ ଯୋଜନା ହାତକୁ ନେଇଥିବା କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ବିଶେଷକରି ଏକକ ବ୍ୟବହୃତ ପ୍ଲାଷ୍ଟିକ ନିଷିଦ୍ଧ ସହିତ ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି। ମୁଖ୍ୟ ଶାସନ ସଚିବ ଏକ ଟାସ୍କଫୋର୍ସର ଅଧ୍ୟକ୍ଷ ଥିବାବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ସଂକ୍ରାନ୍ତରେ ନିୟମିତ ସମୀକ୍ଷା କରୁଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହିତ ବିଭିନ୍ନ ପୌରସଂସ୍ଥା ଏକକ ବ୍ୟବହୃତ ପ୍ଲାଷ୍ଟିକ ନିଷେଧ ପାଇଁ ମିଳିତ ଚଢାଉ ଜାରି ରଖିଚନ୍ତି। ଏଭଳି ପ୍ଲାଷ୍ଟିକକୁ ଜବତ କରିବା ସହିତ ଜୋରିମାନା ଲଗାଯାଉଛି। ଚଳିତ ବର୍ଷ ମାର୍ଚ୍ଚରୁ ଜୁନ୍ ମାସ ମଧ୍ୟରେ ୧୨, ୫୯୬ କିଲୋ ଏକକ ବ୍ୟବହୃତ ପ୍ଲାଷ୍ଟିକ ଜବତ ହୋଇଥିବାବେଳେ ଜୋରିମାନା ବାବଦରେ ୧୨, ୮୪, ୫୪୬ ଟଙ୍କା ଆଦାୟ ହୋଇଛି। କେନ୍ଦ୍ରମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ସ୍ୱଚ୍ଛ ଭାରତ ମିଶନ୨.୦ ର ମାର୍ଗଦର୍ଶିକା ଆଧାରରେ କଠିନ ବର୍ଜ୍ୟ ପରିଚାଳନା ପାଇଁ ଓଡ଼ିଶାକୁ ୨୦୯ କୋଟି ୮ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ୧୨ଟି ପ୍ଲାଷ୍ଟିକ ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଏବଂ ୨୦ଟି ସହ ପ୍ରକ୍ରିୟାକରଣ କେନ୍ଦ୍ର ନିଜକୁ ପଞ୍ଜିକୃତ କରିଛନ୍ତି। ରାଜ୍ୟ ସରକାର ଏବଂ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ଲାଷ୍ଟିକର ଅପକାରିତା ବିଷୟରେ ସଚେତନ କରାଯାଉଛି। ବିଶେଷକରି ପ୍ଲାଷ୍ଟିକ ମୁକ୍ତ ପିକନିକ୍ ସ୍ଥାନ ଉପରେ ଗୁରୁତ୍ୱ ଦିଆଯାଉଛି। ଦାରିଙ୍ଗିବାଡି, ଚନ୍ଦ୍ରଭାଗା ବେଳାଭୂମିକୁ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ ପାଇଁ ପାଇଲଟ ପ୍ରକଳ୍ପ ଭାବେ ନିଆଯାଇଛି। ଏଥି ସହିତ ଭୁବନେଶ୍ୱରରେ ୬ଟି ସ୍ୱୟଂଚାଳିତ କପଡ଼ା ବ୍ୟାଗ ଭେଣ୍ଡିଂ ମେସିନ ସ୍ଥାପନ ହୋଇଥିବାବେଳେ ପୁରୀ ଜିଲ୍ଲା ପ୍ରଶାସନ ସହ ମିଶି ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ ଅଭିଯାନ ଚଳାଇଛି। ଖଣି ସହିତ ୧୬୨ଟି ଶିଳ୍ପସଂସ୍ଥା ନିଜ ପରିସୀମାକୁ ପ୍ଲାଷ୍ଟିକମୁକ୍ତ କରିବା ସହିତ ସେମାନଙ୍କ ନିକଟସ୍ଥ ସହରରେ କପଡ଼ା ବ୍ୟାଗ୍ ଭେଣ୍ଡିଂ ମେସିନ୍ ବସାଇଥିବା କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି। (ତଥ୍ୟ)

## ପଶ୍ଚିମବଙ୍ଗକୁ ଆଳୁ ମାଗିବୁନି: ମନ୍ତ୍ରୀ

**ଭୁବନେଶ୍ୱର,୩୦।୧୧ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗକୁ ଆଉ ଆଳୁ ମାଗିବେନି ରାଜ୍ୟ ସରକାର। ପଶ୍ଚିମବଙ୍ଗ ଯଦି ନିଜ ଆଡୁ ଆଳୁ ପଠାଏ ତେବେ ରାଜ୍ୟ ସରକାର ରଖିବେ। ଓଡ଼ିଶା ନିଜ ଆଡୁ ଆଳୁ ମାଗିବନି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଶନିବାର ସ୍ପଷ୍ଟ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଆମେ ମାଗି ଖିଆ ନୁହଁ, ପଶ୍ଚିମବଙ୍ଗରେ କେବଳ ଆଳୁ ନାହିଁ। ଉତ୍ତର ପ୍ରଦେଶରୁ ଆଳୁ ଆସିଛି । ବଜାରରେ ପର୍ଯ୍ୟାପ୍ତ ପରିମାଣର ଆଳୁ ରହିଛି ଓ କିଲୋ ୩୦ ଟଙ୍କାରେ ବିକ୍ରି ହେଉଛି। ଉତ୍ତର ପ୍ରଦେଶରେ ୨୨ ଟଙ୍କାରେ ଆଳୁ ମିଳୁଛି, ଭଡ଼ା ୪ ଟଙ୍କା ପଡୁଛି। ଯୋଗାଣ ମନ୍ତ୍ରୀ କହିଛନ୍ତି, ତେବେ କେଉଁଠି ଯଦି ଚଢ଼ା ଦରରେ ବିକ୍ରି ହୁଏ ଚଢ଼ାଉ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଆଳୁ, ପିଆଜ, ମାଛ ଉତ୍ପାଦନ ବୃଦ୍ଧି ପାଇଁ ଯୋଜନା କରାଯାଉଛି। ବାଲେଶ୍ୱର ଦେଇ ପଶ୍ଚିମବଙ୍ଗ ମାଛ ଯାଉଛି। ଆମେ ଚାହିଁଲେ ଦୁଇ ମିନଟ୍‌ରେ ବନ୍ଦ ହୋଇଯିବ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗରୁ ଆଳୁ ଆସିବା ବନ୍ଦ ହବା ପରେ ଦାମ୍ ବୃଦ୍ଧି ପାଇଛି। ରାଜ୍ୟର ଅନେକ ସ୍ଥାନରେ ଆଳୁ କେଜି ୪୦ଟଙ୍କାରେ ପହଞ୍ଚିଛି। ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଥିବା ବେଳେ ଅଚାନକ ଆଳୁ ଦର ବୃଦ୍ଧି ସାଧାରଣ ଖାଉଟିଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ଭଳି ହୋଇଛି। ଆଳୁ କେଜି ୩୦ ଟଙ୍କାରେ ବିକ୍ରି ହେଉଥିବା ନେଇ ମନ୍ତ୍ରୀଙ୍କ ମନ୍ତବ୍ୟ ବିସ୍ମୟ ସୃଷ୍ଟି କରିଛି।

## ରଣ କ୍ଷେତ୍ରରେ ପରିଣତ ବ୍ଲୁ ଫ୍ଲାଗ୍ ବିଚ୍

**ପୁରୀ,୩୦।୧୧ (ସଂଚାର ବ୍ୟୁରୋ):** ଆଉ ୩ ଦିନ ଅପେକ୍ଷା, ବ୍ଲୁ ଫ୍ଲାଗ ବିଚ୍‌ରେ ପରାକ୍ରମ ଦେଖାଇବ ନୌସେନା। ନୌସେନା ଦିବସ ଉତ୍ସବକୁ ସ୍ମରଣୀୟ କରାଇବା ପାଇଁ ହୋଇଛି ବ୍ୟାପକ ପ୍ରସ୍ତୁତି। ଡିସେମ୍ବର ୪ରେ ବ୍ଲୁ ଫ୍ଲାଗ ବିଚ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ନୌସେନା ଯୁଦ୍ଧ କଳା କୌଶଳ ପ୍ରଦର୍ଶନ କରିବ। ଏହାପୂର୍ବରୁ



ଉପକୂଳରେ ନୌସେନା ଯବାନମାନେ ଯୁଦ୍ଧାଭ୍ୟାସ ଜାରି ରଖିଥିବାବେଳେ ବ୍ଲୁ ଫ୍ଲାଗ ବିଚ ଏବେ ଯୁଦ୍ଧର ରଣକ୍ଷେତ୍ର ପରି ମନେ ହେଉଛି। ବେଳାଭୂମିରେ ଜିପ୍‌ରେ ଯୁଦ୍ଧ କୌଶଳ, ଲ୍ୟାଣ୍ଡମାଇନ ବିସ୍ଫୋରଣ, ହେଲିକପ୍ଟରର ଦୁଃସାହସିକ ଉଡାଣ କୌଶଳ ପ୍ରଦର୍ଶନ, ଫ୍ଲାଗ ମାର୍ଚ୍ଚ, ସମୁଦ୍ର ଭିତରୁ ଉଦ୍ଧାର, ଟ୍ୟାଙ୍କଗୁଡିକର ଯୁଦ୍ଧ କୌଶଳ, କମାଣ୍ଡଙ୍କ ବନ୍ଧୁକ ଚାଳନା, ଜାହାଜରେ ଯୁଦ୍ଧ ହେଲିକପ୍ଟର ଅବତରଣ ଏବଂ ଉଡ଼ାଣ, ହେଲିକପ୍ଟରରୁ ଗୋଳା ବର୍ଷଣ, ଜେଟ୍ ବିମାନର ରଣ କୌଶଳ ଏବଂ ଗୋଳା ବର୍ଷଣ, ଆଣ୍ଟି ଏୟାର ଡିଫେନ୍ସ କୌଶଳ, ଯବାନଙ୍କ ଫାୟାର ଗନ୍ ଡ୍ରିଲ୍ ପ୍ରଭୃତି ଗୋଟିଏ ପରେ ଗୋଟିଏ ଦୁଃସାହସିକ ଯୁଦ୍ଧ କୌଶଳ ଅଭ୍ୟାସ ଦର୍ଶକଙ୍କୁ ବେଶ୍ ଉତ୍ସାହିତ କରିଛି । ଭାରତୀୟ ନୌସେନା ଶତ୍ରୁ ସେନାକୁ ପରାସ୍ତ କରିବାରେ ସମ୍ପୂର୍ଣ୍ଣ ସମର୍ଥ ବୋଲି ଦେଶବାସୀଙ୍କୁ ଏହି ଯୁଦ୍ଧ କୌଶଳ ଜରିଆରେ ବାର୍ତ୍ତା ଦେଇଛି ନୌସେନା। ଦୁଇ ତାରିଖରେ ନୌସେନା ପକ୍ଷରୁ ଯୁଦ୍ଧ କଳା କୌଶଳ ନେଇ ଡେମୋ ସୋ' ରହିଛି ଓ ୪ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ମୁଖରେ ଯବାନମାନେ ଆକାଶ, ଜଳ ଏବଂ ସ୍ଥଳ ପଥରେ ରଣ କୌଶଳ ପ୍ରଦର୍ଶନ କରିବେ। ଅନ୍ୟପଟେ ନୌସେନା ଦିବସକୁ ସଫଳତାର ସହ ସମାପନ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ମଧ୍ୟ କରାଯାଉଛି। ବାଙ୍କି ମୁହାଣ ଠାରୁ ସମୁଦ୍ର କୂଳ ଥାନା ହରିହର ଛକ ପର୍ଯ୍ୟନ୍ତ ନୋ ମ୍ୟାନ୍ସ ଲ୍ୟାଣ୍ଡ ହେବ। ପର୍ଯ୍ୟଟକଙ୍କର ଯେଭଳି କୌଣସି ଅସୁବିଧା ନହୁଏ ସେନେଇ ହୋଟେଲ ମାଲିକଙ୍କ ସହ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ ଆଲୋଚନା କରିଛନ୍ତି। ଆସନ୍ତା ୧ରୁ ୫ ତାରିଖ ଯାଏଁ ବଡ଼ଦାଣ୍ଡରେ କୌଣସି ଉଠା ଦୋକାନୀଙ୍କୁ ବସିବା ପାଇଁ ଅନୁମତି ମିଳିବ ନାହିଁ। ବଡ଼ଦାଣ୍ଡ ସମେତ ପୁରୀ ବେଳାଭୂମିରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସମୁଦ୍ର ଭିତରକୁ ପ୍ରବେଶ ନେଇ ମଧ୍ୟ ପର୍ଯ୍ୟଟକଙ୍କ ଉପରେ କଟକଣା ଜାରି କରାଯିବ। ପୁରୀ ସହର ସମେତ ବିଭିନ୍ନ ପ୍ରବେଶ ପଥରେ ସିସିଟିଭି କ୍ୟାମେରା ଲଗାଯାଇଛି।

## ଶ୍ରୀମନ୍ଦିରରେ ଦେବ ଦୀପାବଳି



**ପୁରୀ, ୩୦।୧୧(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ଅନନ୍ୟ ପରମ୍ପରାରେ ସ୍ୱୟଂ ଶ୍ରୀଜଗନ୍ନାଥ ମହାପ୍ରଭୁ ନିତ୍ୟ ମାନବୀୟ ଲୀଳା କରୁଛନ୍ତି। ନିଜର ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ , ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ଏହି ୩ ଦିନ ଦୀପଦାନ କରିଥାନ୍ତି। ପିତୃପୁରୁଷଙ୍କ ମଧ୍ୟରେ ଅଦିତି-କଚ୍ଛପ, ଦଶରଥ-କୋଶଲ୍ୟା-କୈକୟୀ-ସୁମିତ୍ରା, ନନ୍ଦ-ଯଶୋଦା, ବସୁଦେବ-ଦେବକୀ ଓ ରାଜା ଇନ୍ଦ୍ରଦ୍ୟୁମ୍ନ- ରାଣୀ ଗୁଣ୍ଡିଚାଙ୍କ ଉଦେଶ୍ୟରେ ଦୀପଦାନ କରାଯାଇଥାଏ। ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ଦିନ ଅଦିତି ଓ କଶ୍ୟପଙ୍କ ଉଦ୍ଦେଶ୍ୟରେ, ଅମାବସ୍ୟା ଦିନ ରାଜା ଦଶରଥ, କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ, ପ୍ରତିପଦା ଦିନ ବସୁଦେବ, ଦେବକୀ, ନନ୍ଦ, ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା ଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ଉତ୍ସର୍ଗ କରନ୍ତି ମହାପ୍ରଭୁ। ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ୱୟଂ ଶ୍ରାଦ୍ଧବେଶରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ତର୍ପଣାଦି କରୁଥିବାରୁ ଏହା ଦେବ ଦୀପାବଳି ଓ ଶ୍ରାଦ୍ଧବେଶ ନାମରେ ପ୍ରସିଦ୍ଧ। ପ୍ରଥମ ଦିନରୁ ଦୀପାବଳି ଉତ୍ସବ ଆରମ୍ଭ ହୋଇ ତୃତୀୟ ଓ ଶେଷ ଦିନରେ ଶେଷ ଦୀପାବଳି ଉତ୍ସବ ପାଳନ କରାଯାଏ । ୩ ଦିନ ଧରି ମହାପ୍ରଭୁ ତାଙ୍କ ପିତୃ ପିତାମହ ଆଦିଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଉତ୍ସର୍ଗ କରନ୍ତି।

## ଟ୍ରକ୍ ଧକ୍କାରେ ଦମ୍ପତି ସମେତ ୪ ମୃତ

**ବାରିପଦା,୩୦।୧୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବାରିପଦାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଗୋଟଇଏ ଟ୍ରକ ଦୁଇ ସ୍ଥାନରେ ଧକ୍କା ଦେବାରୁ ୪ ଜଣଙ୍କର



ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ଆତମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶନିବାର ସକାଳେ ଚିରିଂ ଥାନା ଅଞ୍ଚଳର ବଡଡାଳିମା ଛକରେ ପ୍ରଥମେ ଗୋଟିଏ ଟ୍ରକ୍ ୩ ଜଣଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଥିଲେ। ପୁଣି ଉକ୍ତ ଟ୍ରକ ସେଠାରୁ ଖସି ଯାଇ ବହଳଦା ଥାନା ବାଗଡେଗାଠାରେ ଏକ ଅଟୋକୁ ପିଟିଥିଲା। ଅଟୋରେ ଥିବା ଏକ ଦମ୍ପତିଙ୍କ ସହିତ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ଅଟୋରେ ଥିବା ଅନ୍ୟ ଜଣେ ବ୍ୟକ୍ତି ଆହତ ହୋଇଥିଲେ। ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଟ୍ରକଟି ରାସ୍ତା ତଳକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ଟ୍ରକରେ ଥିବା ଜଣେ ବ୍ୟକ୍ତିଙ୍କୁ କାବୁ କରିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛି। ପୋଲିସ ମୃତଦେହକୁ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି।

## ହାତୀକୁ ମାରିଲା ହାତୀ



**କେନ୍ଦୁଝର, ୩୦।୧୧(ସଂଚାର ବ୍ୟୁରୋ):** ଦନ୍ତା ହାତୀ ଗୋଡ଼ାଇ ଗୋଡ଼ାଇ ଭୁଷି ମାରିଦେଲା। ଏପରି ଘଟଣା କେନ୍ଦୁଝର ଜିଲ୍ଲା ତେଲକୋଇ ବନାଞ୍ଚଳରେ ଘଟିଛି। ଦନ୍ତା ହାତୀ ଆକ୍ରମଣରେ ଗୋଟିଏ ମାଖନା ହାତୀର ପ୍ରାଣ ଯାଇଛି। ଗତ କିଛି ଦିନ ହେଲା ତେଲକୋଇ ବନାଞ୍ଚଳ କନ୍ତଲେଇ ଦଢ଼ିଆ ସାହି ଓ ଆଖପାଖ ଅଞ୍ଚଳରେ ଦୁଇଟି ହାତୀ ପଲ ଉତ୍ପାତ କରୁଛନ୍ତି। ଗୋଟିଏ ପଲରେ ୪୦ଟି ହାତୀ ଥିବା ବେଳେ ଅନ୍ୟ ପଲରେ ୧୫ଟି ହାତୀ ଅଛନ୍ତି। ସଞ୍ଜ ନଇଁବା ପରେ ହାତୀ ପଲ ଗ୍ରାମ୍ୟ ଜଙ୍ଗଲରୁ ଆସି କ୍ଷେତରୁ ଧାନ ଖାଉଛନ୍ତି ଓ ଦଳି ଚକଟି ନଷ୍ଟ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଶୁକ୍ରବାର ରାତିରେ ଦୁଇ ହାତୀ ପଲ ଏକାଠି ହୋଇ ଧାନ ଫସଲ ଖାଉଥିଲେ। ଫସଲ ଖାଉଥିବା ବେଳେ ଦନ୍ତା ହାବୁଡ଼ରେ ପଡ଼ିଥିଲା ଏକ ମାଖନା ମାଖନା ହାତୀ(ଅଣ୍ଡିରା ବା ମାଈ ନୁହେଁ)। ଦନ୍ତା ହାତୀଟି ତାକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ମାଖନା ହାତୀର ପେଟରେ ଦାନ୍ତ ଭୁଷି ଦେଇଥିଲା। ଗାଁ ଲୋକେ କହିଛନ୍ତି, ଶୁକ୍ରବାର ରାତିରେ ହାତୀଙ୍କ ଗର୍ଜନ ଶୁଣିବାକୁ ମିଳିଥିଲା। ଆଜି ସକାଳେ ଗାଁ ଲୋକେ ହାତୀ ମୃତ୍ୟୁ ନେଇ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଗାଁରେ ପହଞ୍ଚି ହାତୀର ମୃତଦେହ ବ୍ୟବଚ୍ଛେଦ କରି ପୋତି ଦେଇଛି। ଏବେ ହାତୀ ପଲ ଆଖପାଖ ଜଙ୍ଗଲରେ ରହିଛି।

## ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ 'ମୋ ବସ୍'

**ଭୁବନେଶ୍ୱର, ୩୦।୧୧ :** ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଅପ୍ରେଲ ୨୦୨୩ରୁ ତୋଷାଳି ଭବନଠାରେ କାର୍ଯ୍ୟ କରିଆସୁଅଛି। ଏହି ରୁଟ୍‌ରେ କୌଣସି ସାର୍ବଜନୀନ ବାହନର ଚଳାଚଳ ନଥିବାରୁ କାର୍ଯ୍ୟାଳୟକୁ ଆସୁଥିବା ଭିନ୍ନକ୍ଷମ ବ୍ୟକ୍ତିମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ 'ଦୃଷ୍ଟିରେ ରଖି ଭିନ୍ନକ୍ଷମ ଆୟୋଗ କ୍ରୁଟ୍, ଭୁବନେଶ୍ୱରର ପରିଚାଳନ ନିର୍ଦ୍ଦେଶକ ଓ ସାଧାରଣ ସଂପାଦକଙ୍କୁ ପତ୍ର ଲେଖି ତୋଷାଳି ଭବନ ଦେଇ 'ମୋ ବସ୍' ଚଳାଚଳ ପାଇଁ ଅନୁରୋଧ କରିଥିଲେ। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅସୁବିଧା ପ୍ରତି ଦୃଷ୍ଟି ଦେଇ କ୍ରୁଟ୍ର ସଂପାଦକ ଏହି ରୁଟରେ 'ମୋ ବସ୍' ଚଳାଚଳ ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ଏଣିକି ଏହି ବାଟ ଦେଇ (ରୁଟ୍-୩୧) 'ମୋ ବସ୍' ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ରୁ ବାହାରି ପ୍ରତିଦିନ ସକାଳ ୬ଟା ୩୦ ମିନିଟ୍ରୁ ସଂଧ୍ୟା ୩ଟା ୫୫ ମିନିଟ୍ ପର୍ଯ୍ୟନ୍ତ ପ୍ରାୟ ଅଧ ଘଣ୍ଟାଏ ଅନ୍ତରରେ ବାହାରି ୨୩ଟି ସ୍ଥାନରେ ରହି ହାଇଟେକ୍ ହସ୍ପିଟାଲ୍ ପର୍ଯ୍ୟନ୍ତ ଗମନାଗମନ କରୁଛି। ଏହି ବସ ସେବା ଉପଲବ୍ଧ ହେବା ଦ୍ୱାରା ତୋଷାଳି ଭବନରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗକାରୀ, କର୍ମଚାରୀ ଓ ଜନସାଧାରଣ ଉପକୃତ ହେବେ। ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଏହି ବସସେବା ପାଇଁ କ୍ରୁଟ୍ କର୍ତ୍ତୃପକ୍ଷଙ୍କୁ ସାଧୁବା' ଜଣାଇଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ମହିନ୍ଦ୍ରା ଲଞ୍ଚ କରିଛି ଏକ୍ସଇଭି ୯ଇ

ମୁମ୍ବାଇ, ୩୦।୧୧: ମହିନ୍ଦ୍ରା ନିକଟରେ ଭାରତୀୟ ବଜାରରେ ନୂଆ ଇଲେକ୍ଟ୍ରିକ୍ କାର୍ ଏକ୍ସଇଭି ୯ଇ ଲଞ୍ଚ କରିଛି। ଇଲେକ୍ଟ୍ରିକ୍ କାର, ପେଟ୍ରୋଲ ଏବଂ ଡିଜେଲରେ ଚାଲୁଥିବା ଗାଡିଠାରୁ ଏହା ଭିନ୍ନ ହୋଇଥାଏ। ମହିନ୍ଦ୍ରା ର ଏହି କାର ନୂଆ ଆର୍କିଟେକ୍ଚର ଏବଂ ସ୍ପେସିଫିକେସନ୍ ସହିତ ଆସଛି। ଏହି କାରରେ ଏପରି ଫିଚର୍ସ ସାମିଲ ଅଛି, ଯହା ପ୍ରାୟତଃ ଲକ୍‌ଜୁରି ଗାଡିରେ ଦେଖିବାକୁ ମିଳିଥାଏ। ଏହି ଇଭି, ଇଙ୍ଗଲୋ ପ୍ଲାଟଫର୍ମ ଉପରେ ବେସ୍ଡ ବଡ ଗାଡି ହୋଇଛି, ଯାହା ଏକ ପ୍ରିମିୟମ ଇଭି ଭାବରେ ଡିଜାଇନ୍ ହୋଇଛି। ମହିନ୍ଦ୍ରା ଏକ୍ସଇଭି ୯ଇ ଦୁଇଟି ବ୍ୟାଟେରୀ ପ୍ୟାକ୍ ଅପ୍ସନ ସହିତ ଆସିଥାଏ। ଏହି ଗାଡି ୫୯କେଡବ୍ଲ୍ୟୁଏଚ ଏବଂ ୭୯କେଡବ୍ଲ୍ୟୁଏଚର ବ୍ୟାଟେରୀ ପ୍ୟାକ୍ ୬୫୬ କିଲୋମିଟରର ରେଞ୍ଜ ଦେବ। ଏହି କାରରେ ଲାଗିଥିବା ମୋଟର ୨୮୪ବିଏଚପି ପାୱାର ଦେବ। ଏହି ଇଭି ୬.୮ ସେକେଣ୍ଡରେ ଠରୁ ୧୦୦ କିଲୋମିଟର ପର୍ଯ୍ୟନ୍ତ ଗତି କରିପାରେ। ଏହି କାରର ଡିଜାଇନ୍ ଏବଂ ସାଇଜ୍ ଭଲ ହୋଇଥିବା କାରଣରୁ ଲୋକମାନେ ବହୁତ ପସନ୍ଦ କରିବେ। ଏହି କାର୍ ସ୍ଲୋପିଙ୍ଗ୍-କୁପ୍ ଡିଜାଇନ୍ ସହିତ ଆସିଛି। ମହିନ୍ଦ୍ରା ଏକ୍ସଇଭି ୯ଇ ର ଇଣ୍ଟେରିୟର ବିଷୟରେ କହିବାକୁ ଗଲେ, ଏହି କାର୍ ଭିତରୁ ଏକ୍ସୟୁଭି ୭୦୦ ପରି ଦେଖାଯାଉଛି। ଏହି ଗାଡିରେ ନୂଆ ଷ୍ଟିଅରିଂ ହୁଇଲ୍ ଲଗାଯାଇଛି। ଏହି ଗାଡିରେ




୧୯-ଇଞ୍ଚର ଆଲୟ ହୁଇଲ୍ ଲାଗିଛି। ବ୍ଲାଙ୍କଡ୍ ଅଫ୍ ଗ୍ରୀଲ୍ ଏବଂ ଫ୍ଲସ୍ ଡୋର ହ୍ୟାଣ୍ଡେଲ୍ ମଧ୍ୟ ଏହି କାରରେ ବ୍ୟବହୃତ ହୋଇଛି। ଏହି କାରରେ ତିନୋଟି ସ୍କ୍ରିନ୍ ରହିଛି, ଯେଉଁଥିରେ ଏକ ଡିଜିଟାଲ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ସେଣ୍ଟ୍ରାଲ ଟଚସ୍କ୍ରିନ୍ ଏବଂ ପ୍ୟାସେଞ୍ଜର ଟଚସ୍କ୍ରିନ୍ ସାମିଲ ଅଛି। ଏହି ଗାଡିରେ ଦେଇଥିବା ପ୍ୟାସେଞ୍ଜର ଟଚସ୍କ୍ରିନ୍ ପ୍ରାୟତଃ ଲକଜୁରି କାରରେ ଦିଆଯାଇଥାଏ। ଯାହା ଗାଡିରେ ବସିଥିବା ଲୋକଙ୍କ ଏଣ୍ଟଟେରମେଣ୍ଟ ପାଇଁ ହୋଇଥାଏ। ମହିନ୍ଦ୍ରା ଏକ୍ସଇଭି ୯ଇ ହେଉଛି ଏକ ଫାଷ୍ଟ କାର୍। ଯାହା ଲୋୟର ରେଞ୍ଜର ମଧ୍ୟ ଏହି ଗାଡି ବହୁତ ସ୍ମୁଥ୍ ଏବଂ ଗୁଡ୍ ପରଫରମାନ୍ସ ପ୍ରଦାନ କରିଥାଏ। ଯଦି ଆପଣ ଏହି କାରକୁ ଫାଷ୍ଟ ମୋଡରେ ଚଲାନ୍ତି ତେବେ ଏହି କାର୍‌ର ପାୱାର ଆପଣଙ୍କୁ କୌଣସି ଆଡଭେଞ୍ଚର ପରି ଲାଗିବ। ଲଞ୍ଚ ସହିତ ଏହି କାର ସବୁଠାରୁ ଅଧିକ ସ୍ପିଡରେ ଯାଉଥିବା ଇଲେକ୍ଟ୍ରିକ୍ କାର୍ ପାଲଟିଛି। ଏହି ଗାଡିର ଷ୍ଟିୟରିଂ ହୁଇଲ ହାଲୁକା ରହିଛି, ଯାହାକୁ ଡ୍ରାଇଭ କରିବା ପାଇଁ ବହୁତ ସହଜ ହୋଇଥାଏ। ଏହି ଇଲେକ୍ଟ୍ରିକ୍ କାରରେ ୨୦୭ଏମଏମର ଗ୍ରାଉଣ୍ଡ କ୍ଲିୟରାନ୍ସ ଦିଆଯାଇଛି, ଯାହାଦ୍ୱାରା ଏହି ଗାଡିକୁ ଖରାପ ରାସ୍ତାରେ ମଧ୍ୟ ଚଲାଇପାରିବେ। ଏହି କାର ଡ୍ରାଇଭ କରିବା ଫଳରେ ପ୍ରାୟ ୫୦୦ କିଲୋମିଟର ରେଞ୍ଜ ଦେଇପାରେ।

ମହିନ୍ଦ୍ରାର ଏହି କାର୍‌ରେ ସେଫ୍ଟି ପାଇଁ ୭ ଟି ଏୟାରବ୍ୟାଗ୍ ରହିଛି। ଏହା ସହିତ ଏଡିଏଏସ ଲେବଲ ୨ ମଧ୍ୟ ଦିଆଯାଇଛି। ଗାଡିରେ ସେଲଫି କ୍ୟାମେରା ଏବଂ ଅଟୋ ପାର୍କ ଭଳି ଅନେକ ଫିଚର୍ସ ଅଛି। ମହିନ୍ଦ୍ରା ଏକ୍ସଇଭି ୯ଇ ର ପ୍ରାଇସ୍ ୨୧.୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ଏହି ଗାଡିର ୨୨ ଲକ୍ଷ ଟଙ୍କା ମଡେଲ ଭଲ ଇକ୍ୟୁପଡ୍ ନହେଁ। ମହିନ୍ଦ୍ରା ବର୍ତ୍ତମାନ ସୁଦ୍ଧା ଏହି କାରର ଟପ୍-ଏଣ୍ଡ ମଡେଲର ପ୍ରାଇସ୍ ପ୍ରକାଶ କରିନାହିଁ।

# ବ୍ଲାକ୍ ଫ୍ରାଇଡେ ସେଲ୍‌ରେ ଆକର୍ଷଣୀୟ ରିହାତି

ନୂଆଦିଲ୍ଲୀ,୩୦।୧୧: ଦେଶର ପ୍ରମୁଖ ଇ କମର୍ସ ପ୍ଲାଟ୍‌ଫର୍ମ ତଥା ଆମାଜନ ଇଣ୍ଡିଆର ବହୁ ପ୍ରତୀକ୍ଷିତ ଅଫର ଏବଂ ପ୍ରଥମ ବ୍ଲାକ୍ ଫ୍ରାଇଡେ ସେଲ୍ (ଇଭେଣ୍ଟ)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସେଲ୍ ୨୦୨୪ ଡିସେମ୍ବର ୨ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପ୍ଲାଟ୍‌ଫର୍ମର ପ୍ରଥମ ବ୍ଲାକ୍ ଫ୍ରାଇଡେ ସେଲ୍ (ଇଭେଣ୍ଟ)ରେ ଆପଲ୍, ସାମ୍‌ସଙ୍ଗ୍, ସୋନି, ନାଇକ୍, କାଲ୍‌ଭିନ୍ କ୍ଲେନ୍, ଆଡିଡାସ୍, ଟମି ହିଲଫାଇଗର, ପାନାସୋନିକ୍, ଜିନ୍ ପଲ୍, ଡାବର, ଏଲ୍‌ଜି, ଆଲଡୋ, ସ୍ୱାରୋଭସ୍କି ଏବଂ ଇଲେକ୍ଟ୍ରୋନିକ୍ସ ଉପକରଣ, ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ ବର୍ଗରେ ଆକର୍ଷଣୀୟ ରିହାତି (ଡିଲ୍) ଉପଲବ୍ଧ ରହିଛି। ସେହିପରି ଏଚ୍‌ଡିଏଫ୍‌ସି, ଇଣ୍ଡସଇଣ୍ଡ, ବିଓବି କାର୍ଡ ଏବଂ ଏଚ୍‌ଏସ୍‌ବିସି ବ୍ୟାଙ୍କର ଡେବିଟ ଆଣ୍ଡ କ୍ରେଡିଟ କାର୍ଡ ଏବଂ କ୍ରେଡିଟ ଇଏମ୍‌ଆଇ ଜରିଆରେ ଗ୍ରାହକମାନେ ତୁରନ୍ତ ୧୦% ରିହାତି ପାଇପାରିବେ। ଏପରିକି ବ୍ଲାକ୍ ଫ୍ରାଇଡେ ସେଲ୍ ପାଇଁ ପ୍ରାଇମ ମେମ୍ବରମାନେ ଆମାଜନ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ବ୍ୟବହାରକରି ସମସ୍ତ କ୍ରୟ ଉପରେ ଅସୀମିତ ୫% କ୍ୟାଶବ୍ୟାକ୍ ପାଇପାରିବେ ଏବଂ ଅଣ-ପ୍ରାଇମ୍ ସଦସ୍ୟଙ୍କୁ ୩% କ୍ୟାଶ୍‌ବ୍ୟାକ୍ ମିଳିବ। ପ୍ରାଇମ୍ ମେମ୍ବରମାନେ ପ୍ରାଇମ ଡେ ସମେତ ସ୍ୱତନ୍ତ୍ର ଶପିଂ ଇଭେଣ୍ଟର ପ୍ରାରମ୍ଭିକ ଆକ୍‌ସେସ୍ ମଧ୍ୟ ଉପଭୋଗ କରିଥାନ୍ତି। ଅପରପକ୍ଷରେ ମୋବାଇଲ, ଇଲେକ୍ଟ୍ରୋନିକ୍ସ ଓ ଆକ୍ସେସରିଜ୍ ଉପରେ ୪୦ରୁ ୭୫ % ରିହାତି ରହିଛି। ଯେଉଁଥିରେ ସାମ୍‌ସଙ୍ଗ୍ ଗାଲାକ୍ସି ବଡ୍ସ, ଆମାଜଫିଟ୍ ଆକ୍ଟିଭ୍ ୪୨ ମିମି ଆମୋଲେଡ୍ ସ୍ମାର୍ଟ ୱାଚ, ଆପଲ୍ ମ୍ୟାକ୍ ବୁକ୍ ଏୟାର ଲାପ୍‌ଟପ୍, ସାମ୍‌ସଙ୍ଗ୍ ଗାଲାକ୍ସି ଏସ୨୩ ଅଲ୍‌ଟ୍ରା ଭଳି ଆହୁରି ଅନେକ ସାମଗ୍ରୀ ସାମିଲ ରହିଛି। ଘର ପାଇଁ ଆବଶ୍ୟକ ଉପକରଣରେ ୬୫% ପର୍ଯ୍ୟନ୍ତ ରିହାତି ସହିତ ପାନାସୋନିକ୍ ୧.୫ ଟନ୍ ୩ ଷ୍ଟାର୍ ୱାଇ-ଫାଇ ଇନଭର୍ଟର ସ୍ମାର୍ଟ ସ୍ପ୍ଲିଟ୍ ଏସି, ଏଲଜି ୭ କିଲୋଗ୍ରାମ ସମ୍ପୂର୍ଣ୍ଣ ଅଟୋମେଟିକ୍ ଫ୍ରଂଟ ଲୋଡ୍ ୱାଶିଂ ମେଶିନ, ସାମ୍‌ସଙ୍ଗ୍ ୬୫୩ ଏଲ୍ କନଭର୍ଟିବଲ୍ ୫-ଇନ୍-୧ ଏଆଇ ଏନାବଲ୍ଡ ସ୍ମାର୍ଟ ରେଫ୍ରିଜରେଟର ସାମିଲ ରହିଛି।

# ରୁପା ଦର ୧,୦୦,୦୦୦ ପାର



ଭୁବନେଶ୍ୱର,୩୦।୧୧: କ୍ରମାଗତ ଭାବେ ରୁପା ଦର ଘରୋଇ ବଜାରରେ ବଢ଼ି ଚାଲିଛି। ଏପରିକି କିଛିଦିନର ସ୍ଥିରତା ପରେ ପୁଣି ଥରେ ରୁପା ଦର ୧,୦୦,୦୦୦ ଟଙ୍କା ପାର କରିଛି। ଶୁକ୍ରବାର ଭୁବନେଶ୍ୱରରେ ରୁପା କିଲୋଗ୍ରାମ ପିଛା ୧,୦୧,୦୦୦ ଟଙ୍କାରେ କାରବାର ହେଉଥିଲା ବେଳେ ସୁନା ଦର ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ ପିଛା ୭୮,୦୩୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଘରୋଇ ବଜାରରେ ସୁନା ଦର ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୧,୬୦୦ଟଙ୍କା ଏବଂ ୧୮ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୫୮,୫୮୦ଟଙ୍କାରେ ବିକ୍ରି ହେଉଥିଲାବେଳେ ପ୍ଲାଟିନମ୍ ଅଳଙ୍କାର ମୂଲ୍ୟ ପ୍ରାୟ ୩୩,୦୦୦ ଟଙ୍କାରେ ରହିଛି। ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ କାରଣରୁ ବୈଶ୍ୱିକସ୍ତରରେ ସୁନା ଦର ବୃଦ୍ଧି ପାଉଥିବାବେଳେ ଭାରତୀୟ ବଜାରରେ ସୁନାର ଦର କିଛି ପାରିମାଣରେ ହ୍ରାସ ପାଇଛି। ଏପରିକି ଆମେରିକୀୟ ଡାଲର (ୟୁଏସ୍ ଡଲାର)ର ମୂଲ୍ୟ ହ୍ରାସ ଯୋଗୁ ବିଶ୍ୱସ୍ତରରେ ସୁନାର ମୂଲ୍ୟ ବୃଦ୍ଧି ପାଇଛି। ସେହିପରି ଶୁକ୍ରବାର ବୈଶ୍ୱିକସ୍ତରରେ ସୁନା ଦର ପ୍ରତି ଆଉନ୍ସ ପିଛା ୦.୭% ବା ୨୬୬୦.୦୩ ଡଲାର ବଢ଼ିଥିଲାବେଳେ ଭାରତୀୟ ବଜାରରେ ସୁନା ମୂଲ୍ୟ ପ୍ରାୟ ୨% ହ୍ରାସ ପାଇଛି। ଶୁକ୍ରାବାର ନିଆଦିଲ୍ଲୀରେ ସୁନା ଦର ପ୍ରାୟ ୩୦୦ ଟଙ୍କା ହ୍ରାସ ଘଟି ୭୮,୦୦୦ ଟଙ୍କା ତଳେ ରହିଛି। ଏପରିକି ୨୪ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୭,୫୧୩ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ନୂଆଦିଲ୍ଲୀ ବଜାରରେ ସୁନା ଦର ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୧,୦୬୩ ଟଙ୍କା ଏବଂ ୧୮ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୫୮,୪୩୦ ଟଙ୍କାରେ ବିକ୍ରି ହେଉଥିଲାବେଳେ ପ୍ଲାଟିନମ୍ ଅଳଙ୍କାର ମୂଲ୍ୟ ୩୨, ୫୦୦ ଟଙ୍କାରେ ରହିଛି। ଏପରିକି ରୁପା କିଲୋଗ୍ରାମ ପିଛା ୯୨,୦୦୦ ଟଙ୍କାରେ କାରବାର ହେଉଛି। ସେହିପରି ଚେନ୍ନାଇ,ମୁମ୍ବାଇ ଏବଂ କୋଲକାତା ବଜାରରେ ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ ପିଛା ୭୭,୩୬୧ ଟଙ୍କା, ୭୭୩୬୭ ଟଙ୍କା ଏବଂ ୭୭ ୩୬୫ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡିକରେ ରୁପା କିଲୋଗ୍ରାମ ପିଛା ୧, ୦୦, ୬୦୦ ଟଙ୍କା, ୯୧,୮୦୦ ଟଙ୍କା ଏବଂ ୯୩,୩୦୦ ଟଙ୍କା ରହିଛି।

# ଜିଡିପି ଅଭିବୃଦ୍ଧି ୫.୪%କୁ ହ୍ରାସ

ନୂଆଦିଲ୍ଲୀ,୩୦।୧୧: ଭାରତର ଆର୍ଥିକ ଅଭିବୃଦ୍ଧି ଜୁଲାଇ-ସେପ୍ଟେମ୍ବରରେ ପାଖାପାଖି ୨ ବର୍ଷ ତଳକୁ ଖସି ୫.୪ ପ୍ରତିଶତ ହୋଇଛି। ଉତ୍ପାଦନ ଏବଂ ଖଣି ସେକ୍ଟରରେ ଖରାପ ପ୍ରଦର୍ଶନ ଯୋଗୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଜିଡିପି (ମୋଟ ଘରୋଇ ଉତ୍ପାଦ) ଅଭିବୃଦ୍ଧି ହ୍ରାସ ପାଇଛି। ଆଗାମୀ ୩ ବର୍ଷରେ ଭାରତର ଜିଡିପି ୫ ଟ୍ରିଲିୟନ ଡଲାର ଛୁଇଁବା ସହ ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବା ସହ ୨୦୩୦ ବେଳକୁ ୭ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଅଭିବୃଦ୍ଧି ହାର ୫.୪ ପ୍ରତିଶତକୁ ହ୍ରାସ ପାଇବା ଚିନ୍ତାଜନକ ହୋଇଛି। ତଥାପି ଭାରତ ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ରହିଥିବା ଶୁକ୍ରବାର ପ୍ରକାଶିତ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ତଥ୍ୟରୁ ଜଣାପଡ଼ିଛି। କାରଣ ଏହି ସମୟରେ ଚାଇନାର ଜିଡିପି ଅଭିବୃଦ୍ଧି ୪.୬% ରହିଛି।




୨୦୨୩-୨୪ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଭାରତର ଜିଡିପି ଅଭିବୃଦ୍ଧି ୮.୧ ପ୍ରତିଶତ ଥିଲା। ଏହା ପୂର୍ବରୁ ୨୦୨୨-୨୩ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ଅଭିବୃଦ୍ଧି ୪.୩ ପ୍ରତିଶତ ରହିଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ତଥ୍ୟ ଅନୁଯାୟୀ, କୃଷି ସେକ୍ଟର ଅଭିବୃଦ୍ଧି ଜିଭିଏ (ଗ୍ରସ୍ ଭାଲ୍ୟୁ ଆଡେଡ୍) ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ୩.୫ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ବର୍ଷେ ପୂର୍ବରୁ ୧.୭ ପ୍ରତିଶତ ରହିଥିଲା। ଅନ୍ୟପକ୍ଷରେ ଏହି ତ୍ରୈମାସିକରେ ଉତ୍ପାଦନ ସେକ୍ଟର ଜିଭିଏ ୨.୨ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ବର୍ଷେ ପୂର୍ବରୁ ୧୪.୩ ପ୍ରତିଶତକୁ ବୃଦ୍ଧି ପାଇଥିଲା। ସେହିପରି ଖଣି ଖନନ ଓ ଉତ୍ତୋଳନ ସେକ୍ଟର ଜିଭିଏ ବର୍ଷେ ପୂର୍ବରୁ ୧୧.୧ ପ୍ରତିଶତ ଥିବାବେଳେ ଚଳିତ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ତାହା ୦.୦୧ ପ୍ରତିଶତକୁ ହ୍ରାସ ପାଇଛି।

ଆର୍ଥିକ କାରବାର, ରିଅଲ ଇଷ୍ଟେଟ୍ ଏବଂ ପେସାଦାର ସେବା ଜିଭିଏ ୬.୭ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ପୂର୍ବବର୍ଷ ଏହି ସମୟରେ ୬.୨ ପ୍ରତିଶତ ଥିଲା। ବିଦ୍ୟୁତ୍, ଗ୍ୟାସ୍, ପାଣି ଯୋଗାଣ ଓ ଅନ୍ୟାନ୍ୟ ସେବା୩.୩ ପ୍ରତିଶତ ରହିଛି, ଯାହାକି ବର୍ଷେ ପୂର୍ବରୁ ୧୦.୫ ପ୍ରତିଶତ ରହିଥିଲା। ଦ୍ୱିତୀୟ ତ୍ରୈମାସିକରେ ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ହାର ୭.୭ ପ୍ରତିଶତକୁ ହ୍ରାସ ପାଇଛି, ଯାହା ବର୍ଷେ ପୂର୍ବରୁ ୧୩.୬ ପ୍ରତିଶତ ଥିଲା। ଏପ୍ରିଲ-ଜୁଲାଇ ତ୍ରୈମାସିକରେ ଦେଶର ଆର୍ଥିକ ଅଭିବୃଦ୍ଧି ୬.୭ ପ୍ରତିଶତ ରହିଥିଲା। ଦ୍ୱିତୀୟ ତ୍ରୈମାସିକରେ ପ୍ରକୃତ ଜିଡିପ ବା ସ୍ଥିର ମୂଲ୍ୟରେ ଜିଡିପି ୪୪.୧୦ ଲକ୍ଷ କୋଟି ଟଙ୍କା ରହିଥିବା ଆକଳନ କରାଯାଇଛି। ୨୦୨୩-୨୪ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ରିଅଲ ଜିଡିପି ୪୧.୮୬ ଲକ୍ଷ କୋଟି ଟଙ୍କା ରହିଥିଲା। ଏଥିରୁ ଅଭିବୃଦ୍ଧି ହାର ୫.୪ ପ୍ରତିଶତ ଆକଳନ କରାଯାଇଥିବା ଏନ୍‌ଏସ୍‌ଓ କହିଛି। ଅନ୍ୟପକ୍ଷରେ ନୋମିନାଲ ଜିଡିପି ବା ବର୍ତ୍ତମାନର ବଜାର ମୂଲ୍ୟରେ ଜିଡିପି ଦ୍ୱିତୀୟ ତ୍ରୈମାସିକରେ ୭୬.୬୦ ଲକ୍ଷ କୋଟି ଟଙ୍କା ରହିଛି, ଯାହାକି ଗତବର୍ଷ ଦ୍ୱିତୀୟ ତ୍ରୈମାସିକରେ ୭୦.୯୦ ଲକ୍ଷ କୋଟି ଟଙ୍କା ଥିଲା। ନୋମିନାଲ ଜିଡିପି ଅନୁଯାୟୀ ଅଭିବୃଦ୍ଧି ହାର ୮ ପ୍ରତିଶତ। ପ୍ରଥମ ଅର୍ଦ୍ଧବାର୍ଷିକ ଆଧାରରେ ଆକଳନ କଲେ ଏପ୍ରିଲ-ସେପ୍ଟେମ୍ବର ରିଅଲ ଜିଡିପି ୮୭.୭୪ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି, ଯାହାକି ପୂର୍ବବର୍ଷ ପ୍ରଥମ ଅର୍ଦ୍ଧବାର୍ଷିକରେ ୮୨.୭୭ ଲକ୍ଷ କୋଟି ଟଙ୍କା ଥିଲା। ତଦନୁଯାୟୀ ଦେଖିଲେ ଅଭିବୃଦ୍ଧି ୬ ପ୍ରତିଶତ ରହିଛି। ନୋମିନାଲ ଜିଡିପି ବା ବର୍ତ୍ତମାନର ବଜାର ମୂଲ୍ୟ ଅନୁଯାୟୀ ପ୍ରଥମ ଅର୍ଦ୍ଧବାର୍ଷିକର ଜିଡିପି ୧୫୩.୯୧ ଲକ୍ଷ କୋଟି ଟଙ୍କା, ଯାହାକି ପୂର୍ବବର୍ଷ ଏହି ସମୟରେ ୧୪୧.୪୦ ଲକ୍ଷ କୋଟି ଟଙ୍କା ଥିଲା। ଅର୍ଥାତ୍ ଅଭିବୃଦ୍ଧି ହାର ୮.୯ ପ୍ରତିଶତ ବୋଲି ରିପୋର୍ଟରେ କୁହାଯାଇଛି।

## ବେଦାନ୍ତ ଲିମିଟେଡ୍‌କୁ ପ୍ଲାଟିନମ୍ ପୁରସ୍କାର

ନୂଆଦିଲ୍ଲୀ,୩୦।୧୧: ବେଦାନ୍ତ ଲିମିଟେଡ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଦ୍ୱାରା ଆୟୋଜିତ ୬ଷ୍ଠ ଆଇସିସି ଜାତୀୟ ବୃତ୍ତିଗତ ସ୍ୱାସ୍ଥ୍ୟ 'ଇସ୍ପାତ ଏବଂ ଖଣି କ୍ଷେତ୍ର' ସମ୍ମାନ ବର୍ଗରେ କମ୍ପାନୀକୁ ପ୍ଲାଟିନମ୍ ପୁରସ୍କାର ଦିଆଯାଇଛି। ଏହି ପ୍ରଶଂସା କମ୍ପାନୀର କର୍ମକ୍ଷେତ୍ରରେ ଥିବା ସୁରକ୍ଷା ବ୍ୟବସ୍ଥା ଓ 'ଜିରୋ ହର୍ମ'କୁ ସୁନିଶ୍ଚିତ କରିବା ସହିତ କମ୍ପାନୀର ନିରନ୍ତର ଉତ୍ସର୍ଗୀକୃତତାକୁ ସମ୍ମାନ ଜଣାଇଛି। ଉଲ୍ଲେଖଯୋଗ୍ୟ, ଭାରତର ସ୍ମେଲଟର ଗ୍ରେଡ୍ ଆଲୁମିନା ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ପ୍ରମୁଖ ୟୁନିଟ୍ ବେଦାନ୍ତ ଲାଞ୍ଜିଗଡ଼କୁ ୬ଷ୍ଠ ଆଇସିସି ଜାତୀୟ ବୃତ୍ତିଗତ ସ୍ୱାସ୍ଥ୍ୟ 'ଇସ୍ପାତ ଏବଂ ଖଣି କ୍ଷେତ୍ର' ସମ୍ମାନ ବର୍ଗରେ ପ୍ଲାଟିନମ୍ ପୁରସ୍କାର ଦିଆଯାଇଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆଇସିସିର ଜାତୀୟ ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ପୁରସ୍କାରରେ ଆମେ ପ୍ଲାଟିନମ୍ ପୁରସ୍କାର ପାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଆମ ରିଫାଇନେରି ଶ୍ରମିକମାନଙ୍କ ସୁରକ୍ଷାକୁ ପ୍ରୋତ୍ସାହିତ କରିବାରେ ଆମର ନିରନ୍ତର ଉଦ୍ୟମକୁ ସ୍ୱୀକୃତି ଦେଇଛି। କର୍ମକ୍ଷେତ୍ରରେ ନିରାପତ୍ତାର କଠୋର ମାନ ନିଶ୍ଚିତ କରିବାକୁ ଆମର ସଂକଳ୍ପକୁ ମଧ୍ୟ ଦୃଢ଼ କରିଛି। କର୍ମକ୍ଷେତ୍ରରେ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା କ୍ଷେତ୍ରରେ ଉନ୍ନତ ଅଭ୍ୟାସ ପାଇଁ ବେଦାନ୍ତ ଲାଞ୍ଜିଗଡ଼ ଅନେକ ପ୍ରଶଂସା ପାଇଛି। ଏଥିମଧ୍ୟରେ ୯ମ ଆପେକ୍ସ ଇଣ୍ଡିଆ ଏକ୍ସଲେନ୍ସ ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପୁରସ୍କାର ୨୦୨୪ ଏବଂ ଟ୍ରାନ୍ସଫରମାନ୍ସ ଫୋରମ୍ ପୁରସ୍କାର ଅନ୍ତର୍ଭୁକ୍ତ ରହିଛି। ପୁରସ୍କାରର ଉଦ୍ଦେଶ୍ୟ ହେଉଛି, ବ୍ୟବସାୟକୁ ଉନ୍ନତ ତଥା ନିରାପଦ ପରିବେଶ ପାଇଁ ଉତ୍ସାହିତ କରିବା ସହିତ ବେଦାନ୍ତ ଲାଞ୍ଜିଗଡ଼ ଅନେକ ଅଭ୍ୟାସ ପ୍ରୟୋଗ କରିବାରେ ମଧ୍ୟ ଆଗରେ ରହିଛି। ସେଥିମଧ୍ୟରେ 'କର୍ମଚାରୀ ଏବଂ ବ୍ୟବସାୟ ସହଭାଗୀମାନଙ୍କୁ ସୁରକ୍ଷା ନୀତିର ସକ୍ରିୟ ଯୋଗାଯୋଗ ଓ ନିରାପଦ କାର୍ଯ୍ୟ ପ୍ରଣାଳୀ ଏବଂ ନିରାପତ୍ତା ପରିଚାଳନା ପ୍ରଣାଳୀର କଠୋର କାର୍ଯ୍ୟକାରିତା ପ୍ରମୁଖ ସାମିଲ ରହିଛି।

# ଭାରତରେ ତିଆରି ହେବ ବୁଲେଟ୍ ଟ୍ରେନ୍



## ଘଣ୍ଟା ପ୍ରତି ବେଗ ୨୮୦ କିମି

**ନୂଆଦିଲ୍ଲୀ, ୩୦।୧୧:** ଭାରତର ବୁଲେଟ ଟ୍ରେନ୍ ପ୍ରକଳ୍ପକୁ ନେଇ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ଭାରତ ଆଉ ଜାପାନ ଠାରୁ ବୁଲେଟନ ଟ୍ରେନ କିଣିବ ନାହିଁ ବରଂ ନିଜେ ନିର୍ମାଣ କରିବ। ଜାପାନର ଶିଙ୍କାସେନ ଠାରୁ ବୁଲେଟ ଟ୍ରେନ କିଣିବା ନେଇ ଭାରତ ସରକାର ଯୋଜନା କରିଥିଲେ। ହେଲେ ଏବେ ଆମ ଦେଶର ବୁଲେଟନ୍ ଟ୍ରେନ୍ ଉତ୍ପାଦନ ହେବ। ଯାହାର ଘଣ୍ଟା ପ୍ରତି ବେଗ ୨୮୦ କିମି ରହିବ। ବୁଧବାର ସଂସଦରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଆଶ୍ୱିନୀ ବୈଷ୍ଣବ। ବିଜେପି ସାଂସଦ ସୁଧୀର ଗୁପ୍ତା ଓ ଅନନ୍ତ ନାୟକଙ୍କ ପ୍ରଶ୍ନରେ ଉତ୍ତର ଦେଇ ରେଳମନ୍ତ୍ରୀ ମେଡ୍ ଇନ୍ ଇଣ୍ଡିଆ ବୁଲେଟ୍ ଟ୍ରେନ୍ ସମ୍ପର୍କରେ ଲିଖିତ ସୂଚନା ଦେଇଥିଲେ। ଏନେଇ ଚେନ୍ନାଇର ଭାରତୀୟ ରେଳବାଇ ଇଣ୍ଟିଗ୍ରାଲ୍ କୋଚ୍ କାରଖାନା (ଆଇସିଏଫ୍) ଦୁଇଟି ଟ୍ରେନ୍ ସେଟ୍ ତିଆରି କରିବା ପାଇଁ ସରକାରୀ କମ୍ପାନୀ ବିଏମ୍‌ଏଲ୍‌କୁ ୮୬୭ କୋଟି ଟଙ୍କାର କଣ୍ଟ୍ରାକ୍ଟ ଦେଇଛି। ପ୍ରତ୍ୟେକ ଟ୍ରେନ ସେଟ୍‌ରେ ୮ଟି କୋଚ୍ ରହିବ ଏବଂ ଘଣ୍ଟା ପ୍ରତି ବେଗ ୨୮୦ କିମି ରହିବ ବୋଲି ଅର୍ଡର ହୋଇଛି। ଏହି ଟ୍ରେନଗୁଡିକ ବେଙ୍ଗାଲୁରୁରେ ଥିବା ବିଇଏମ୍‌ଏଲ୍ ଫ୍ୟାକ୍ଟ୍ରିରେ ତିଆରି ହେବ। ୨୦୨୬ ଶେଷ ସୁଦ୍ଧା ଇଣ୍ଡିଆ ମେଡ୍ ବୁଲେଟ୍ ଟ୍ରେନ୍ ରେଳବାଇକୁ ହସ୍ତାନ୍ତର ହେବ। ଜାପାନାରୁ ବୁଲେଟ ଟ୍ରେନ୍ ଆଣିବା ଭାରତକୁ ମହଙ୍ଗା ପଡ଼ିବା ସହିତ ଉଚିତ ସମୟରେ ଡେଲିଭରି ଦେବାରେ ସମସ୍ୟା ଉପୁଜିଛି। ଏଥିପାଇଁ ଭାରତ ହିଁ ବୁଲେଟ୍ ଟ୍ରେନ୍‌କୁ ଡିଜାଇନ୍ କରିବା ସମ୍ପୂର୍ଣ୍ଣ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି ବୋଲି ରେଳମନ୍ତ୍ରୀ କହିଛନ୍ତି। ମେଡ୍ ଇନ୍ ଇଣ୍ଡିଆ ବୁଲେଟ ଟ୍ରେନ୍ ୨୦୨୬ ସୁଦ୍ଧା ପ୍ରଥମେ ଗୁଜରାଟର ସୁରତରୁ ବିଲିମୋରା ପର୍ଯ୍ୟନ୍ତ ଚାଲିବ। ଟ୍ରେନ୍ ନିର୍ମାଣ ପାଇଁ ମୋଟ ୮୬୬.୮୭ କୋଟି ଟଙ୍କା କଣ୍ଟ୍ରାକ୍ଟ ଦିଆଯାଇଥିବା ବେଳେ ଏଥିରେ ଡିଜାଇନ, ଗୋଟିଏ ଥର ବିକାଶ ଖର୍ଚ୍ଚ (ୱାନ ଟାଇମ ଡେଭଲପମେଣ୍ଟ କଷ୍ଟ), ପୁନରାବୃତ୍ତି ନଥିବା ଦେୟ(ନନ ରିକ୍ୟୁରିଂ ଚାର୍ଜେସ୍),ପାର୍ଟ ଗୁଡ଼ିକରେ ନିବେଶ ଆଦିରେ ଖର୍ଚ୍ଚ କରାଯିବ। ପ୍ରତ୍ୟେକ କୋଚର ମୂଲ୍ୟ ୨୭.୮୬ କୋଟି ଟଙ୍କା ରହିଥିବା ବେଳେ ସମ୍ପୂର୍ଣ୍ଣ ଟ୍ରେନ୍ ଏୟାରକଣ୍ଡିସନ ବ୍ୟବସ୍ଥା ରହିବ। ସିଟ୍‌ଗୁଡ଼ିକ ବୁଲିବ ଓ ଅପ୍ ଡାଉନ କରିହେବ, ଓ ଅନ୍ୟାନ୍ୟ ସମସ୍ତ ସୁବିଧା ରହିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

## ବଜାରରେ ଲାଭାର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୩୦।୧୧: ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍ ବା ଲାଭାର ନୂତନ ଉତ୍ପାଦ ତଥା ୟୁଭା ସିରିଜର ଅତ୍ୟାଧୁନିକ ମଡେଲ 'ୟୁଭା-୪'ର ଅନାବରଣ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ୬,୯୯୯ ଟଙ୍କାର ଆକର୍ଷଣୀୟ ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ୟୁଭା-୪ ପାୱାର ପରଫର୍ମାନ୍ସ, ସୁନ୍ଦର ଡିଜାଇନ ଏବଂ ଏକ ଲଗ୍ ଫ୍ରି ଅନୁଭୂତି ପ୍ରଦାନ କରୁଛି। ନୂଆ ୟୁଭା ୪, ୪+୬୪ଜିବି ଏବଂ ୪+୧୨୮ଜିବି ଭଳି ଦୁଇଟି ଭାରିଆଣ୍ଟ ଲାଭାର ରିଟେଲ ଆଉଟଲେଟଗୁଡ଼ିକରେ ଉପଲବ୍ଧ ରହିଛି। ଲାଭା ଲାଇନ ଅପ୍‌ରେ ଏହି ସଦ୍ୟତମ ସଂଯୋଗ ୟୁଏନ୍‌ଆଇଏସ୍‌ଓସି ଟି୬୦୬ ଚିପ୍ ସେଟ୍ ଦ୍ୱାରା ପରିଚାଳିତ ଏବଂ ଏହା ତିନୋଟି ଆକର୍ଷଣୀୟ ରଙ୍ଗ ଯଥା ଗ୍ଲସି ହ୍ୱାଇଟ୍, ଗ୍ଲସି ପର୍ପଲ୍ ଏବଂ ଗ୍ଲସି ବ୍ଲାକ୍‌ରେ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ପ୍ରଡକ୍ଟ ମୁଖ୍ୟ ସୁମିତ ସିଂହ କହିଛନ୍ତି, ୟୁଭା ସିରିଜ୍ ଆମର ସବୁଠାରୁ ଗତିଶୀଳ ଏବଂ ଅଭିଳଷିତ ସ୍ମାର୍ଟଫୋନ୍ ଭାବେ ଉଭା ହୋଇଛି, ଯାହା ଆମ ଗ୍ରାହକଙ୍କ ପାଇଁ ଏଣ୍ଟ୍ରି-ଲେଭଲ ସ୍ମାର୍ଟଫୋନ୍ ଅନୁଭୂତିକୁ ଉନ୍ନତ କରିବା ପାଇଁ ଡିଜାଇନ ହୋଇଛି। ଏପରିକି ନୂଆ ୟୁଭା୪, ନୂତନ ଯୁଗର ଡିଜାଇନ ଧାରଣା ଏବଂ ଉନ୍ନତ ମୂଲ୍ୟ ସହ ଏକ ନିରବଚ୍ଛିନ୍ନ ଉପଭୋକ୍ତା ଯାତ୍ରା ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

### ଖାଦ୍ୟ ଦରବୃଦ୍ଧି ଲୁଚାଇବାକୁ ମସୁଧା

# ବାଦ ପଡ଼ିପାରେ ଆଳୁ, ପିଆଜ, ଟମାଟୋ

ନୂଆଦିଲ୍ଲୀ, ୩୦।୧୧: ଖୁଚୁରା ବଜାରରେ ଦରଦାମ୍ ସ୍ଥିତି କିଭଳି ପରିବର୍ତ୍ତନ ହେଉଛି ତାହା ଜଣାଇବା ଲାଗି ପ୍ରତି ମାସ ଖୁଚୁରା ମୁଦ୍ରାସ୍ଫୀତି ଘୋଷଣା କରାଯାଉଛି ଯାହା ଏବେ ୬ ପ୍ରତିଶତରୁ ଅଧିକ ରହିଥିବାରୁ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହାର ମୁକାବିଲା ଲାଗି ସମ୍ପୂର୍ଣ୍ଣ ହିସାବ ପଦ୍ଧତିକୁ ଓଲଟପାଲଟ କରିବା ଉପରେ ସରକାର ବିଚାର କରୁଛନ୍ତି। ବିଶେଷ କରି ଖାଦ୍ୟ ସାମଗ୍ରୀ ସଂଖ୍ୟାକୁ କମ୍ କରି ହିସାବରେ ତାହାର ଗୁରୁତ୍ୱ କମାଇବାକୁ ମସୁଧା ଚାଲିଛି। ଭାରତୀୟ ପରିବାରଗୁଡ଼ିକ ନିଜ ମାସିକ ଆୟର ସିଂହ ଭାଗ ରାଶିକୁ ଖାଦ୍ୟ ସାମଗ୍ରୀ କିଣିବାରେ ବ୍ୟବହାର କରୁଥିବାରୁ ଖୁଚୁରା ମୁଦ୍ରାସ୍ଫୀତି ହିସାବରେ ତାହାର ସର୍ବାଧିକ ଗୁରୁତ୍ୱ ରହିଛି। ଏହି ହିସାବ ଲାଗି ୧୨୦ରୁ ଅଧିକ ପ୍ରକାର ଖାଦ୍ୟ ସାମଗ୍ରୀ ଦରରେ ହେଉଥିବା ବୃଦ୍ଧି କିମ୍ବା ହ୍ରାସ ବିଚାରକୁ ନିଆଯାଉଛି। ତେବେ ସେହି ତାଲିକାରେ ଆଳୁ, ପିଆଜ ଓ ଟମାଟୋ ଭଳି କିଛି ଜିନିଷ ରହିଛି ଯାହାର ମୂଲ୍ୟ ବର୍ଷତମାମ ଅସ୍ଥିର ରହୁଛି। ତେଣୁ ସେଗୁଡ଼ିକୁ ହିସାବ ପ୍ରକ୍ରିୟାରୁ ବାହାର କରି ଖୁଚୁରା ବଜାରରେ ଦରଦାମ୍‌ର ଏକ ପ୍ରକୃତ ଚିତ୍ର ପ୍ରଦାନ କରିବା ଲାଗି ସରକାର ଚାହୁଁଛନ୍ତି। କେବଳ ସେତିକି ନୁହେଁ, ବର୍ତ୍ତମାନ ୨୦୧୨ ମୂଲ୍ୟ ଆଧାରରେ ଏହି ହିସାବ ହେଉଛି। ସେହି ଆଧାର ବର୍ଷକୁ ୨୦୨୪ କରିବା ଲାଗି ମଧ୍ୟ ସରକାର ଯୋଜନା ରଖିଛନ୍ତି। କିଛି ଦିନ ପୂର୍ବେ କେନ୍ଦ୍ର ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଏ ସମ୍ପର୍କରେ ଆଲୋଚନା କରି ଖୁଚୁରା ମୁଦ୍ରାସ୍ଫୀତିରେ ଖାଦ୍ୟ ସାମଗ୍ରୀର ରହିଥିବା ଗୁରୁତ୍ୱ ତ୍ରୁଟିପୂର୍ଣ୍ଣ ବୋଲି କହିଥିଲେ। ତାଙ୍କ ମନ୍ତବ୍ୟ ଓ ସରକାରଙ୍କ ଆଭିମୁଖ୍ୟକୁ କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ କଡ଼ା ସମାଲୋଚନା କରିଥିଲେ। ଖାଦ୍ୟ ଦରରେ ରହୁଥିବା ଅସ୍ଥିରତା ଭଳି ମୂଳ ସମସ୍ୟାକୁ ଦୂର କରିବା ଉପରେ ଧ୍ୟାନ ଦେବା ବଦଳରେ ସରକାର ତଥ୍ୟରେ ହେରଫେର କରିବା ଲାଗି ଉଦ୍ୟମ କରିବା ହାସ୍ୟାସ୍ପଦ କଥା ବୋଲି ସେ କହିଥିଲେ।

କଇଁଛ ସୁରକ୍ଷା ଏମିତି...

# ଖୁଲମଖୁଲା ଚାଲିଛି ଟ୍ରଲରଙ୍କ ରାଜୁତି

**କାକଟପୁର/ଅସ୍ତରଙ୍ଗ,୩୦।୧୧(ସଂଚାର ବ୍ୟୁରୋ):** ବିରଳ ଅଲିଭି ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବ୍ୟାପକ ପ୍ରଚାର କରାଯାଉଥିଲେ ବି କାର୍ଯ୍ୟ କ୍ଷେତ୍ରରେ କିନ୍ତୁ ସ୍ଥିତି ସମ୍ପୂର୍ଣ୍ଣ ଓଲଟାଦେଖିବାକୁ ମିଳୁଛି। ମତ୍ସ୍ୟବିଭାଗ ପାଖରେ ଆବଶ୍ୟକ ଟ୍ରଲର ନଥିବା ବେଳେ ବନବିଭାଗ ତରଫରୁ ପାଟ୍ରୋଲିଂ ଜାରି ରହିଛି। ଏଭଳି ସ୍ଥିତିରେ ପାଟ୍ରୋଲିଂ କୋହଳ ଓ ମନମାନୀ ହେତୁ ଶହ ଶହ ଟ୍ରଲର ବେଆଇନି ଭାବେ ନିଷିଦ୍ଧାଞ୍ଚଳ ରେ ଯାତାୟାତ ଓ ମାଛମାରୁଥିବା ଦେଖା ଯାଇଛି। ଗୋଟିଏ ପଟେ ବନବିଭାଗ ଜଗିଲେ, ଆରପଟ ଦେଓ୍ୱୀ ମୁହାଁଣ ଠାରୁ କେଲୁଣୀ ମୁହାଁଣ ପର୍ଯ୍ୟନ୍ତ ଅନେକାଂଶ ରେ ମୁକୁଳା। ଏହା ଶହ ଅଲିଭି ରିଡ଼ଲେ କଇଁଛଙ୍କ ଏକ୍ରୁଡ଼ିଶାଳ ମଧ୍ୟ ମୁକୁଳା ପଡିଛି। ୪୦ରୁ ୫୦ପ୍ରତିଶତ ଅଲିଭି ରିଡଲେ ଦେଓ୍ୱୀ ନଦୀ ଦ୍ୱୀପ ନିକଟରେ ସମାଗମ ହୋଇଥାନ୍ତି। ନଭେମ୍ବର ୧ରୁ ମେ ୩୧ ଯାଏଁ ଦୀର୍ଘ ୭ମାସ ଧରି ଦେବୀ ମୁହାଁଣ ଠାରୁ କେଲୁଣୀ ପର୍ଯ୍ୟନ୍ତ ଟ୍ରଲର ଚଳାଚଳ ଓ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଏହି ସମୟରେ ଅତିଥି



କଇଁଛଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସବୁ ସ୍ତରରେ ଗୁରୁତ୍ୱାରୋପ କରାଯାଉଥିବା ବେଳେ ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ବିଭାଗୀୟ ସ୍ତରରେ ତ୍ରୁଟି ଥିବାରୁ ଅତିଥି କଇଁଛଙ୍କୁ ଏକ ପ୍ରକାର ବିପଦ ମୁହଁକୁ ଛାଡିଦିଆଯାଇଛି। ନଭେମ୍ବର ୧ରୁ କଟକଣା ଜାରି ହୋଇଥିବା ବେଳେ ନଭେମ୍ବର ୨୯ତାରିଖ ସୁଦ୍ଧା ନିଷିଦ୍ଧାଞ୍ଚଳ ରୁ ମାତ୍ର ୪ଟି ଟ୍ରଲର କୁ ଅସ୍ତରଙ୍ଗ ବନବିଭାଗ ଜବତ କରିଛି। କିନ୍ତୁ ନିଷିଦ୍ଧାଞ୍ଚଳ ରେ ଶତାଧିକ ଟ୍ରଲର ମାଛ ଧରୁଥିବା କିମ୍ବା ଯାତାୟାତ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ୪ଟି ଟ୍ରଲର ଧରାଯାଇଛି। ଜ୍ୱଳନ୍ତ ଉଦାହରଣ ପୀରଜାହାନିଆ ସମୁଦ୍ରକୂଳ ଠାରୁ ଅଳ୍ପ କିଛି ଦୂରରେ ପ୍ରତ୍ୟେକ ଦିନ ମାଳ ମାଳ ଟ୍ରଲର ଫିସିଙ୍ଗ କରୁଛନ୍ତି। ନାଁ ଧରି ପାରୁଛି ବନବିଭାଗ ନାଁ ମତ୍ସ୍ୟବିଭାଗ। କୂଳରୁ ୨୦କିଲୋମିଟର ଗଭୀର ସମୁଦ୍ର ଯାଏଁ ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ରହିଛି। ଗୋଟିଏ ପଟେ କିଛି ବନବିଭାଗ କର୍ମଚାରୀ ଜଗିଲେ ଆର ପଟ ସମ୍ପୂର୍ଣ୍ଣ ମୁକୁଳା ପଡୁଛି। ଗୋଟିଏ ପଟରୁ ଆରପଟକୁ ଯାଇ ବେଆଇନି ଟ୍ରଲର ଧରିବା ନିମନ୍ତେ ପ୍ରାୟ ୫ଘଣ୍ଟାରୁ ଅଧିକ ସମୟ ଲାଗିବ। ବନବିଭାଗ ପାଖରେ ସେମିତି କିଛି ବଡ଼ଧରଣର ହାଇସ୍ପିଡି ବୋଟ ମଧ୍ୟ ନାହିଁ। ପ୍ରଶାସନ ଏହା ପ୍ରତି ଦୃଷ୍ଟିଗୋଚର ଦେଇ ମତ୍ସ୍ୟବିଭାଗ ଓ ବନବିଭାଗ କୁ ପର୍ଯ୍ୟାପ୍ତ ପରିମାଣର ପାଟ୍ରୋଲିଂ ବୋଟ ଦେବା ଶହ କର୍ମଚାରୀ ଯୋଗାଇବାକୁ ଦାବି ହୋଇଛି। ଏହା ସହ ଗଳାବାଟ ଦେଇ ଖସିଯାଉଥିବା ନିଷିଦ୍ଧାଞ୍ଚଳରେ ଫିସିଂ କରୁଥିବା ଟ୍ରଲର ମାଲିକ ଙ୍କ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିହାତି ହେବା ଆବଶ୍ୟକ ବୋଲି ଦାବୀ ହୋଇଛି। ନଚେତ ଅଲିଭି ରିଡ଼ଲେ କଇଁଛ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସୁରକ୍ଷା ନାଁରେ ପ୍ରହସନ କୁ ପଦାରେ ପକାଇଦେଇଛି।

# ଅଦିନିଆ ବର୍ଷା, ଚିନ୍ତାରେ ଚାଷୀ



**ଭେଡେନ,୩୦।୧୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅଂଚଳ ରେ ବର୍ତ୍ତମାନ ଧାନ ଫସଲ ଅମଳ ଜୋର ସୋର ରେ ଚାଲୁଥିବା ବେଳେ ଅଦିନିଆ ବର୍ଷା ଚାଷୀଙ୍କ ଚିନ୍ତା ବଢ଼େଇଦେଇଛି । ଶୁକ୍ରବାର ରାତି ରୁ ଆରମ୍ଭ ହୋଇ ଶନିବାର ଦିନ ସାରା ଏହି ଲଗାଣ ବର୍ଷା ଲାଗି ରହିଥିଲା । ଫଳରେ ଖେତ ଖଳା ରେ ଅମଳ ତଥା କଟା ହୋଇ ଥିବା ପାଚିଲା ଧାନ ସବୁ ଭିଜି ଯାଇଛି । ଚଳିତ ଧାନ ବିକ୍ରି ସମୟ ରେ ଚାଷୀ ମାନଙ୍କୁ କେବଳ ଏଫ୍ଏକିୟୁ ମାନ ର ଧାନ ମଣ୍ଡି କୁ ଆଣିବାକୁ କୁହାଯାଇଛି । ଯେଉଁ ଧାନ ରେ ଆଦ୍ରତା ମାତ୍ରା ୧୭ ରୁ କମ ରହିଥିବ । ତେବେ ଏହି ବର୍ଷା ଫଳରେ ଧାନ ଶୁଖି ପାରିବ ନାହିଁ । ତେଣୁ ଆଦ୍ରତା ମାତ୍ରା ଅଧିକ ରହିବା ନିଶ୍ଚିତ । ଏପରି ପରିସ୍ଥିତି ରେ ବିନା କଟଣି ଛଟଣି ରେ ମଣ୍ଡି ରେ ଚାଷୀ କିପରି ଧାନ ବିକିବ ସେ ନେଇ ମୁଣ୍ଡ ରେ ହାତ ଦେଇ ବସିଛି । ତେବେ ପ୍ରଶାସନ ପକ୍ଷରୁ ଏପରି ପରିସ୍ଥିତି ରେ ଚାଷୀ ମାନଙ୍କୁ କୌଣସି ପରାମର୍ଶ ଦେଉ ନ ଥିବାରୁ ଚାଷୀ ଚିନ୍ତା ରେ ଅଛି ।

# ହେମଗିରି ତହସିଲଦାର ନିଲମ୍ବିତ

**ସୁନ୍ଦରଗଡ଼,୩୦।୧୧(ସଂଚାର ବ୍ୟୁରୋ):** ତହସିଲଦାରଙ୍କୁ ମହଙ୍ଗା ପଡ଼ିଲା ଲୋକଙ୍କୁ ଦୁର୍ବ୍ୟବହାର ଏବଂ କାର୍ଯ୍ୟରେ ଅବହେଳା। ନିଲମ୍ବିତ ହେଲେ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ତହସିଲଦାର ଲାବଣ୍ୟନ୍ଦୁ ମହାନ୍ତି। ନିୟମିତ ଭାବେ ଅଫିସକୁ ନ ଆସିବା, ତହସିଲକୁ ଆସୁଥିବା ଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ପାଇଁ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସୂଚନାନୁଯାୟୀ, ହେମଗିରି ତହସିଲଦାର ନିୟମିତ ଭାବେ ଅଫିସକୁ ନଆସିବା, ତହସିଲକୁ ଆସୁଥିବା ଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳ ଏବଂ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାପରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଏହାର ତଦନ୍ତ କରି ରାଜ୍ୟ ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟ ଆଧାରରେ ରାଜ୍ୟ ସରକାରଙ୍କର ଅତିରିକ୍ତ ମୁଖ୍ୟ ସଚିବ ତହସିଲଦାରଙ୍କୁ ନିଲମ୍ବିତ କରିଛନ୍ତି। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଚିଠି ନମ୍ବର ଆରଡିଏମ୍-ଡିପି-ପିଏମ୍ ୦୦୪୧-୨୦୨୪-୪୧୮୫୧/ ୨୯ ନଭେମ୍ବର ରେ ନିଲମ୍ବିତ କରାଯାଇଛି। ହେମଗିର ବ୍ଲକରେ ବର୍ତ୍ତମାନ କୋଇଲା ଖଣି ଖୋଲା ଚାଲିଥିବା ବେଳେ ଜମିଜମା ସମ୍ପର୍କରେ ବିଭିନ୍ନ କାମ ପାଇଁ ପ୍ରତିଦିନ ଲୋକେ ତହସିଲ ଅଫିସକୁ ଆସୁଛନ୍ତି। ହେଲେ ତହସିଲଦାର ଅଫିସରେ ନରହିବା ଏବଂ ଲୋକଙ୍କୁ ଗାଳିଗୁଲଜ କରିବା ଭଳି କାମ କରୁଥିବା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇ ଥିଲା।

# ଆଳିପିଙ୍ଗଳ ପୋଲ ପାଲଟିଛି ମରଣଯନ୍ତା

**ଜଗତସିଂହପୁର,୩୦।୧୧(ସଂଚାର ବ୍ୟୁର):** ଜଗତସିଂହପୁର ସଦରର ଦେବୀ ନଦୀ ଉପରେ ଥିବା ଆଳିପିଙ୍ଗଳ ପୋଲ ଏବେ ପାଲଟିଛି ମରଣଯନ୍ତା। ରକ୍ଷଣବେକ୍ଷଣ ଅଭାବରୁ ପୋଲ ସାରା ଗର୍ତ୍ତ ସୃଷ୍ଟି ହୋଇ ପଥଚାରୀଙ୍କ ଯାତାୟତ ପାଇଁ ବିପଦ ସୃଷ୍ଟି କରିଛି । ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ଘଟି ଅନେକ ଗୁରୁତର ହେଉଥିବାବେଳେ ପୋଲର ଉଭୟ ପାଶ୍ୱର୍ ବ୍ୟାରିକେଡ଼ ଭାଙ୍ଗି ନଷ୍ଟ ହୋଇଯାଇଥିବାରୁ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟି ଲୋକେ ନଦୀ ଗର୍ଭକୁ ଖସି ଧନଜୀବନ ହାନି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ପୋଲ ଉପରେ ଦୈନିକ ତିନୋଟି ବାଲିଘାଟରୁ ଶତାଧିକ ୩୦/୪୦ ଟନରୁ ଉର୍ଦ୍ଧ୍ୱ ବାଲି ବୋଝେଇ ଟ୍ରକ ଯାତାୟତ ଯୋଗୁଁ ପୋଲଟି ଦୁର୍ବଳ ହୋଇପଡିଥିବାର ଅଭିଯୋଗ ହେଉଛି। ଏ ସମ୍ପର୍କରେ ବାରମ୍ବାର ଖବର ପ୍ରକାଶନ ପରେ ମଧ୍ୟ ସଂପୃକ୍ତ ବିଭାଗର ଚେତା ପଶୁନି। ଅଞ୍ଚଳବାସୀଙ୍କ ଅଭିଯୋଗ ଓ ଆବଶ୍ୟକତାକୁ ଅନୁଭବ କରି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଭାଗୀୟ ମନ୍ତ୍ରୀଙ୍କୁ ପତ୍ର ଲେଖି ବ୍ରିଜର ବାସ୍ତବତା ସମ୍ପର୍କରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଛନ୍ତି। ଲୋକଙ୍କ ସୁରକ୍ଷା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପୁରୁଣା ବ୍ରିଜର ଉଭୟ ପାଶ୍ୱର୍ରେ ବ୍ୟାରିକେଡ଼ ନିର୍ମାଣ ସହ ଏହାର ପାର୍ଶ୍ୱରେ ସଠିକ ଭାବେ ନିର୍ମାଣ ହେଉନଥିବା ଅନ୍ୟଏକ ବ୍ରିଜ କାର୍ଯ୍ୟର ବୈଦ୍ଧତା ଓ ଗୁଣାବତ୍ତାକୁ ଯାଞ୍ଚ କରାଜିବା ପାଇଁ ବିଧାୟକ ଦାସ ଦାବି କରିଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିପାରିନଥିବା ଠିକାଦାରଙ୍କ ଟେଣ୍ଡରକୁ ବାତିଲ କରି ନୂଆ ଟେଣ୍ଡର କରାଯିବା ପାଇଁ ବିଧାୟକ ଶ୍ରୀ ଦାସ ପତ୍ରରେ ସୂଚିତ କରିଛନ୍ତି। ଏହି ପୋଲ ଉପରେ ଦୈନିକ ଲକ୍ଷାଧିକ ଲୋକଙ୍କ ଯିବା ଆସିବା ହୋଇଥାଏ। ଜଗତସିଂହପୁର ରୁ ପୁରୀ ଓ ଭୁବନେଶ୍ୱର ଯିବା ପାଇଁ ଏହି ରାସ୍ତା ଉପରେ ଲୋକମାନେ ନିର୍ଭର କରିଥାନ୍ତି। ମାତ୍ର ଏହି ପୁରୁଣା ପୋଲଟି ଏବେ ଦୁର୍ବଳ ହୋଇପଡିଥିବା ବେଳେ ପୋଲ ଉପରେ ବଡ଼ ବଡ଼ ଖାଲ ସହିତ ଦିନ ରାତି ବାଲିବୋଝେଇ ହାଇଓ୍ୱା ଯିବା ଆସିବା କରୁଥିବାରୁ ବାରମ୍ବାର ଦୁର୍ଘଟଣା ହେଉଥିବା ଅଭିଯୋଗ ହେଉଛି। ଦୀର୍ଘ ଦିନ ତଳୁ ଏହି ପୋଲର ସ୍ଥିତିକୁ ନେଇ ଏକ ନୂତନ ପୋଲ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା, ମାତ୍ର ଏହି କାମ ଆରମ୍ଭରୁ ହିଁ ଅଧା ଗଡ଼ା ହୋଇ ପଡିରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପୋଲ ଉପରେ ବାଲି ବୋଝେଇ ହାଇଓ୍ୱା ଯିବା ଆସିବା ର ନିର୍ଦ୍ଦିଷ୍ଟ ସମୟ ଲାଗୁ କରା ଯାଉଥିଲେ ମଧ୍ୟ ବାଲି ମାଫିଆ ଏହାକୁ ବେଖାତିର କରୁଛନ୍ତି। ଫଳରେ ସାଧାରଣ ଲୋକଙ୍କ ଜୀବନ ପ୍ରତି ଏହି ପୋଲ ଏବେ ବିପଦ ସୃଷ୍ଟି କରିଛି। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।



# ଜାନୁଆରୀ ୩ରୁ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା



**ବରଗଡ଼,୩୦।୧୧(ସଂଚାର ବ୍ୟୁର):** ଆସନ୍ତା ଜାନୁଆରୀ ୩ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ହେବ ୭୭ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ହେବ । ଏଥିପାଇଁ ଆସନ୍ତା ଡିସେମ୍ବର ୪ ତାରିଖରେ ୭୭ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ପାଇଁ ହେବ ଶୁଭ ସ୍ତମ୍ଭ ସ୍ଥାପନ । ଶୁଭ ଲଗ୍ନ ଅନୁସାରେ ସନ୍ଧ୍ୟାରେ ହେବ ଶୁଭ ସ୍ତମ୍ଭ ସ୍ଥାପନ। ବରଗଡ଼ ମାଁ ସମଲେଶ୍ୱରୀଙ୍କ ମନ୍ଦିରରୁ ବାହାରିବ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା । ସେହିପରି ଚଳିତ ବର୍ଷ ଧନୁଯାତ୍ରା ମହୋତ୍ସବକୁ ଅଧିକ ଆକର୍ଷଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ୭୭ତମ ଧନୁଯାତ୍ରା ମହୋତ୍ସବ ପାଇଁ ଆଜି ଜିଲ୍ଲା କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଧନୁଯାତ୍ରା ମହୋତ୍ସବ ପ୍ରଚାର ପ୍ରସାର କମିଟିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଧନୁଯାତ୍ରା ମହୋତ୍ସବକୁ ଅଧିକ ଆକର୍ଷଣ କରିବା ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରଚାର ପ୍ରସାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସେହିପରି ଧନୁଯାତ୍ରା ମହୋତ୍ସବ ପୂର୍ବରୁ ପ୍ରଚାର ପ୍ରସାର କମିଟି ତରଫରୁ ରଙ୍ଗୋଲି, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରିବା ସହିତ ଉଦଘାଟନ ଦିବସରେ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ବାହାରିବ। ଆସନ୍ତାକାଲି ବିଜୁ ପଟ୍ଟନାୟକ ଟାଉନ ହଲଠାରେ ୭୭ତମ ଧନୁଯାତ୍ରା ମହୋତ୍ସବ ପାଇଁ ୪ଜଣ କଳାକାରଙ୍କୁ ନେଇ ଅଡିସନ ଟେଷ୍ଟ କରାଯିବ । ଏଥିପାଇଁ ବାହାର ଜିଲ୍ଲାରୁ ୨ଜଣ ଓ ବରଗଡ଼ ଜିଲ୍ଲାରୁ ଜଣେ ଜର୍ଜଙ୍କୁ ନିଯୁକ୍ତି ଦିଆଯାଇଛି ।

# ବାଘଛାଲ ଜବତ ଘଟଣା: ୨ଙ୍କୁ କୋର୍ଟ ଚାଲାଣ କଲା ବନ ବିଭାଗ




**ଜି.ଉଦୟଗିରି,୩୦।୧୧(ସଂଚାର ବ୍ୟୁର):** କଲରାପତରିଆ ବାଘ ଛାଲ ବିକ୍ରି ବେଳେ ମାଡ଼ି ବସିଲା ବନ ବିଭାଗ। ଦୁଇଜଣ ଶିକାରୀଙ୍କୁ ଗିରଫ କରିଥିବା ବେଳେ ଦେଶୀ ବନ୍ଧୁକ ସମେତ ବହୁ ମାରଣାସ୍ତ୍ର ଜବତ କରିଛି। କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବନାଞ୍ଚଳକୁ ଏହି ସଫଳତା ମିଳିଛି। ଜି.ଉଦୟଗିରି ବନାଞ୍ଚଳର ପୁକୁଲିଙ୍ଗିଆ ଗାଁର ଭବାନୀ ଶଙ୍କର ପ୍ରଧାନ ଓ ପ୍ରମୋଦ ପ୍ରଧାନ କଲରାପତରିଆ ବାଘ ଛାଲ ବିକ୍ରି ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ଅଚାନକ ଚଢ଼ଉ କରି ପ୍ରଥମେ ଭାବନୀ ଶଙ୍କର ପ୍ରଧାନଙ୍କୁ କାବୁ କରିଥିଲା। ତାଙ୍କ ବୟାନ୍ ଆଧାରରେ ପ୍ରମୋଦଙ୍କୁ ବନ ବିଭାଗ ମାଡ଼ି ବସିଥିଲା। ସେମାନଙ୍କଠାରୁ କଲରାପତରିଆ ବାଘ ଛାଲ ସହ ଗୋଟିଏ ଦେଶୀ ବନ୍ଧୁକ, ଛୁରୀ ଓ ଅନ୍ୟାନ୍ୟ ସରଞ୍ଜାମ ଜବତ କରିଥିଲା। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ଆଉ ଯେଉଁମାନଙ୍କର ସମ୍ପୃକ୍ତି ରହିଛି, ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଡିଏଫ୍ଓ ପ୍ରଶାନ୍ତ ପଟେଲ କହିଛନ୍ତି। ସୂଚନାରୁ ପ୍ରକାଶ, ଜି.ଉଦୟଗିରି ବନାଞ୍ଚଳରେ କଲରାପତରିଆ ବାଘଙ୍କ ପଦ ଚିହ୍ନ ରହିଛି। ସେମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। ଏହା ସତ୍ତ୍ୱେ ଅସାମାଜିକ ଲୋକମାନେ ବାଘକୁ ଶିକାର କରୁଛନ୍ତି। ଆଉ ବାଘ ଛାଲକୁ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ଏପରି ଅଭିଯୋଗ ବାରମ୍ବାର ହେଉଥିଲା। ହେଲେ ପ୍ରମାଣ ଅଭାବରୁ ଶିକାରୀଙ୍କୁ କାବୁ କରିପାରୁନଥିଲା ବନ ବିଭାଗ। ତେବେ ଆଜି ବାଘ ଛାଲି ଡିଲ ବେଳେ ମାଡ଼ି ବସିଛି ବନ ବିଭାଗ।

# ଏସ୍ ଏସ୍ ଭିଏମ୍ର ବାର୍ଷିକ କ୍ରୀଡା



**ଯୋଡା,୩୦।୧୧(ସଂଚାର ବ୍ୟୁର):** ଯୋଡ଼ା ବ୍ଲକ୍ ବିଲେଇପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଏସ୍ଏସ୍ଭିଏମ୍) ରେ ଶିକ୍ଷା ବିକାଶ ସମିତିର ଯୋଜନା ଅନୁଯାୟୀ ଚଳିତ ଶିକ୍ଷା ବର୍ଷର ଚତୁର୍ବିଂଶତମ ବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଗତ ୨୭/୧୧/୨୦୨୪ ରିଖ ଅନୁଷ୍ଠିତ ହୋଇଥିବା ପ୍ରାତଃ ପର୍ଯ୍ୟାୟ(ଶିଶୁ ବାଟିକା) ବିଭାଗର ବାର୍ଷିକ କ୍ରୀଡ଼ାର ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥୁ ରୂପେ ଶ୍ରୀଯୁକ୍ତ ନରହରି ନାଏକ ଏବଂ ସମାରୋପ ଉତ୍ସବରେ ନିକଟସ୍ଥ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶ୍ରୀଯୁକ୍ତ ଅଭିମନ୍ୟୁ ପ୍ରଧାନ ଓ ବିଲେଇପଦା ଯୁଜି ଏମ୍ଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ କେଶକ ସା ଯୋଗ ଦେଇଥିଲେ ।

# ଗୋରୁ ବ୍ୟବସାୟୀଙ୍କ ଉପରେ ମାଡ଼ିଗଲା ଗାଡ଼ି

**ବଣାଇ,୩୦।୧୧(ସଂଚାର ବ୍ୟୁର):** ଗୋରୁ ବ୍ୟବସାୟୀଙ୍କ ଉପରେ ମାଡ଼ିଗଲା ଅଜଣା ଗାଡ଼ି। ଦୁର୍ଘଟଣାରେ ଗୋରୁ ବ୍ୟବସାୟୀଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଟି ବଳଦଙ୍କ ମୃତ୍ୟୁ ଘଟିଛି।। ସୁନ୍ଦରଗଡ଼ ଜିଲ୍ଲା ବଣାଇ ଥାନା ଅନ୍ତର୍ଗତ ଧରଣୀଧର ପାଲି ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ କନ୍ତସରା ଗାଁର ସଂକାଳି ପାତ୍ର ଆଜି ଭୋରରୁ ସଂକାଳି ଦୁଇଟି ବଳଦ ନେଇ ଗମଲେଇ ହାଟକୁ ଯାଉଥିଲେ। ଧରପାଲି ନିକଟରେ ଏକ ଅଜଣା ଗାଡ଼ି ଗୋରୁ ବ୍ୟବସାୟଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଗୋରୁ ବ୍ୟବସାୟୀଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକ ପରିବାରକୁ କ୍ଷତି ପୂରଣ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି।



# ହାଇଓ୍ୱା ଧକ୍କାରେ ବୟସ୍କ ଗୁରୁତର



**ନୟାଗଡ଼,୩୦।୧୧(ସଂଚାର ବ୍ୟୁର):** ହାଇଓ୍ୱା ଧକ୍କାରେ ବୟସ୍କ ବ୍ୟକ୍ତି ଗୁରୁତର । ବୟସ୍କ ବ୍ୟକ୍ତି ଜଣଙ୍କ ଘର ପାଣିକୋଇଲା ଗାଁର କାହ୍ନୁ ଚରଣ ବୋଲି ଜଣାପଡିଛି । ତେବେ ହାଇଓ୍ୱାକୁ ଧରିବା ପାଇଁ ଚାପ୍ପା ଉତ୍ତେଜନା ଦେଖା ଦେବା ସହ ପାଣିପୋଇଲା ଛକ ଠାରେ ରାସ୍ତା ରୋକ ଯାଇଥିବା ଜଣାପଡିଛି । ସୂଚନାନୁସାରେ, ନୟାଗଡ଼ ସଦର ଥାନା ଅନ୍ତର୍ଗତ ପାଣିପୋଇଲା ଗ୍ରାମର ୫୦ବର୍ଷିୟ ବ୍ୟକ୍ତି କାହ୍ନୁ ଚରଣ ଘରୁ ବାହାରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ହାଇଓ୍ୱା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଛି। ତେବେ ଘଟଣା ସ୍ଥଳରେ କାହ୍ନୁ ଚରଣଙ୍କ ଗୁରୁତର ହୋଇଥିବା ବେଳେ ପରିବାର ଲୋକ କାହ୍ନୁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ । ତେବେ ପରିବାର ଲୋକ ହାଇଓ୍ୱାକୁ ଧରିବା ପାଇଁ ଦାବି କରି ପାଣିପୋଇଲା ଛକ ଠାରେ ରାସ୍ତା କରିଛନ୍ତି ପରିବାର ଲୋକ । ଖବର ପାଇ ସଦର ଥାନା ଆଇଆଇସି ବିଜୟା ସାହୁ ଓ ନୟାଗଡ଼ ଏସଡିପିଓ ସୁଦର୍ଶନ ଗାଙ୍ଗୋଇ ଘଟଣାସ୍ଥଳରେ ପହଞ୍ଚି ପ୍ରତିଶୃତି ଦେବା ପରେ ରାସ୍ତା ରୋକ ହଟିଥିବା ସୂଚନା ମିଳିଛି ।

# ବନ୍ଦ ପଡ଼ିଛି ଗ୍ରାମୀଣ ଶିଳ୍ପ ଉଦ୍ୟାନ

**ରାଉରକେଲା,୩୦।୧୧(ସଂଚାର ବ୍ୟୁର):** ସ୍ଥାନୀୟ ଅଞ୍ଚଳର ଚାଷୀ ଓ ମହିଳାଙ୍କୁ ରୋଜଗାରକ୍ଷମ କରିବାକୁ କୁଆରମୁଣ୍ଡାରେ ପ୍ରତିଷ୍ଠା ହୋଇଛି ଗ୍ରାମୀଣ ଶିଳ୍ପ ଉଦ୍ୟାନ। ଏଥିରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠିରୁ ୨ କୋଟି ୭୦ ଲକ୍ଷ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ଏଥିସହ ଅନ୍ୟାନ୍ୟ ପାଣ୍ଠିରୁ ଅନ୍ୟ କାମ ପାଇଁ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ୨୦୨୨ରୁ ଶେଷ ହୋଇଥିବା ପ୍ରକଳ୍ପ ଏଯାଏଁ କାର୍ଯ୍ୟକ୍ଷମ ହେଉନି। ଚାଷୀ ଓ ମହିଳାଙ୍କ ଦାବି ପରେ କୁଆରମୁଣ୍ଡା ବିଡିଓ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଏ ସଂପର୍କରେ ଅବଗତ କରାଇଛନ୍ତି। ଏହାପରେ ଶିଳ୍ପ ଉଦ୍ୟାନ ଖୋଲିବାକୁ ଜିଲ୍ଲାପାଳ ପାନପୋଷ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ କେବେ ଗ୍ରାମୀଣ ଶିଳ୍ପ ଉଦ୍ୟାନ ଖୋଲିବ କାହାରି ପାଖରେ ଉତ୍ତର ନାହିଁ। ଫଳରେ ବନ୍ଦ ପଡ଼ିଥିବା ଗ୍ରାମୀଣ ଶିଳ୍ପ ଉଦ୍ୟାନ ଏବେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳ ପାଲଟିଛି। ଦୁଇବର୍ଷ ଧରି ଗ୍ରାମୀଣ ଶିଳ୍ପ ଉଦ୍ୟାନ ବନ୍ଦ ପଡ଼ିଥିବାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଉଚ୍ଚ ଅଧିକାରୀ ହସ୍ତକ୍ଷେପ ନ କଲେ ଗ୍ରାମୀଣ ଶିଳ୍ପ ଉଦ୍ୟାନ ଚରାଭୂଇଁ ପାଲଟିଯିବାର ସମ୍ଭାବନା ରହିଛି। ସ୍ଥାନୀୟ ଚାଷୀ ସେମାନଙ୍କ ଉତ୍ପାଦିତ ପନିବରିବା ଓ ଅନ୍ୟାନ୍ୟ ଜିନିଷ ବିକିବାକୁ ସୁବିଧା କରିବା ସମେତ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଗତ ସରକାର ସମୟରେ ଡିଏମ୍ଏଫ୍ ପାଣ୍ଠିରୁ ୨ କୋଟି ୭୦ ଲକ୍ଷ ଟଙ୍କା ଖର୍ଚ୍ଚକରି ଗ୍ରାମୀଣ ଶିଳ୍ପ ଉଦ୍ୟାନ ପ୍ରତିଷ୍ଠା କରାଯାଇଥିଲା। ପ୍ରକଳ୍ପ କାମ ଗତ ୨୦୨୨ ସୁଦ୍ଧା ଶେଷ ହୋଇଥିଲା। ସ୍ଥାନୀୟ ଚାଷୀ ସେମାନଙ୍କ ଉତ୍ପାଦିତ ପନିବରିବା ଓ ଅନ୍ୟାନ୍ୟ ଜିନିଷ ବିକିବାକୁ ସୁବିଧା କରିବା ସମେତ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଗତ ସରକାର ସମୟରେ ଡିଏମ୍ଏଫ୍ ପାଣ୍ଠିରୁ ୨ କୋଟି ୭୦ ଲକ୍ଷ ଟଙ୍କା ଖର୍ଚ୍ଚକରି ଗ୍ରାମୀଣ ଶିଳ୍ପ ଉଦ୍ୟାନ ପ୍ରତିଷ୍ଠା କରାଯାଇଥିଲା। ପ୍ରକଳ୍ପ କାମ ଗତ ୨୦୨୨ ସୁଦ୍ଧା ଶେଷ ହୋଇଥିଲା। ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିସରରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ବିକିବାକୁ ପିଣ୍ଡି ନିର୍ମାଣ କରାଯାଇଛି। ଏହାଛଡ଼ା ଦୁଇଟି ବୃହତ ଗୋଦାମଘର ନିର୍ମାଣ ହୋଇଛି। ଗୋଟିଏ ଗୋଦାମଗୃହକୁ କୁଆରମୁଣ୍ଡା ଲ୍ୟାମ୍ପସ୍‌କୁ ଧାନ ରଖିବାକୁ ଦିଆଯାଇଛି।




# ଦୁଇଟି ଆଦେଶନାମାକୁ ନେଇ ଦ୍ୱନ୍ଦ୍ୱ

**କେସିଙ୍ଗା,୩୦।୧୧(ସଂଚାର ବ୍ୟୁର):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧିନସ୍ଥ ବାଲସି ପଞ୍ଚାୟତର ସରପଞ୍ଚ ଭାରତୀ ସୁନାଙ୍କ ବିରୋଧରେ ବିଭିନ୍ନ ଦୁର୍ନୀତି ଅଭିଯୋଗ ଆଣି ୧୧ ଜଣ ଓ୍ୱାର୍ଡମେମ୍ବର ଜିଲା ପ୍ରଶାସନ ନିକଟରେ ଅନାସ୍ଥା ପ୍ରସ୍ତାବ ପାଇଁ ଦାବି କରିଥିଲେ। ଏହି କ୍ରମରେ ଜିଲା ପ୍ରଶାସନ ଶ୍ରୀମତୀ ସୁନାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ପାଇଁ ନଭେମ୍ବର ୨୮ ଧାର୍ଯ୍ୟ କରିଥିଲା। ଏହା ପୂର୍ବରୁ ସରପଞ୍ଚ ଶ୍ରୀମତୀ ସୁନା ମାନ୍ୟବର ଓଡ଼ିଶା ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାୟର କରିଥିଲେ। ରିଟ୍ ପିଟିଶନ- ଡବ୍ଲ୍ୟୁପି (ସି) ନଂ ୨୯୨୮୯ ଅଫ ୨୦୨୪କୁ ଖାରଜ କରି ଗତ ତା. ୨୬. ୧୧. ୨୦୨୪ରେ ଅନାସ୍ଥା ପ୍ରସ୍ତାବ ଗୃହୀତ ପାଇଁ ଆଦେଶନାମା ଦେଇଥିଲେ। ଏହାକୁ ଆଧାର କରି ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ସାରି ଅନାସ୍ଥା ପ୍ରସ୍ତାବ ପାଇଁ ଧାର୍ଯ୍ୟ ତାରିଖରେ ନର୍ଲା ତହସିଲଦାର ବଳଦେବ ବେହେରାଙ୍କୁ ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗତ ୨୮ ନଭେମ୍ବର ମାସରେ ନର୍ଲା ତହସିଲଦାର ବାଲସି ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହି ଅନାସ୍ଥା ପ୍ରସ୍ତାବ ଗୃହୀତ ପାଇଁ ଭୋଟିଂ କରିଥିଲେ। ଏହି ଅନାସ୍ଥା ପ୍ରସ୍ତାବ ଗୃହୀତ ପାଇଁ ୧୧ ଜଣ ଓ୍ୱାର୍ଡମେମ୍ବର ସରପଞ୍ଚଙ୍କ ବିପକ୍ଷରେ ଭୋଟ୍ ଦେଇଥିବା ନେଇ ଘୋଷଣା ହେବା ପରେ ବିଳମ୍ବରେ ମାନ୍ୟବର ହାଇକୋର୍ଟରୁ ୨୮ ତାରିଖରେ ଏକ ରିଭ୍ୟୁ ପିଟିଶନକୁ ବିଚାର କରି ଆସନ୍ତା ଡିସେମ୍ବର ୭ରେ ଶୁଣାଣି କରିବା ପାଇଁ ଆଦେଶନାମା ଜାରି କରିଥିବାରୁ ଜନସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ତେବେ ସରପଞ୍ଚଙ୍କ ବିରୋଧ ୧୨ଜଣ ଓ୍ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ଯେଉଁ ୧୧ଟି ଭୋଟ୍ ଦେଇଛନ୍ତି, ତାହା କେତେଦୂର କାର୍ଯ୍ୟ କରିହେବ ତାହାକୁ ନେଇ ଅଞ୍ଚଳବାସିନ୍ଦାଙ୍କ ମନରେ ଦ୍ୱନ୍ଦ୍ୱ ଉପୁଜୁଥିବାର ଦେଖାଯାଉଛି।

# ପୋଖରୀଗୁଡ଼ା ଗାଁରେ ଶୋଷ ମେଣ୍ଟାଇ ପାରୁନି ବସୁଧା ଯୋଜନା



**କଳାହାଣ୍ଡି,୩୦।୧୧(ସଂଚାର ବ୍ୟୁର):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୋଖରୀଗୁଡା ଗାଁରେ ଦୀର୍ଘଦିନରୁ ପାନୀୟ ଜଳ ସମସ୍ୟା ରହିଥିବା ବେଳେ ଗ୍ରାମବାସୀ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଗାଁରେ ୧୨୮ ପରିବାର ବସବାସ କରୁଥିବା ବେଳେ ଯେଉଁସବୁ ନଳକୂପ ରହିଛି ସେଥିରୁ ଆବଶ୍ୟକ ପରିମାଣରେ ପାଣି ବାହାରୁ ନଥିବା ଅଭିଯୋଗ ହେଉଛି। ମହିଳାମାନେ ପାଣି ପାଇଁ ସକାଳୁ ଲମ୍ବା ଧାଡି ବାନ୍ଧିଥାନ୍ତି। ନଳକୂପ ପାଣିକୁ ଭରସା ନକରି ବର୍ଷର ୧୨ ମାସ ଗାଁ ନିକଟସ୍ଥ ନଦୀର ଦୂଷିତ ପାଣିକୁ ପାନୀୟ ଜଳ ଭାବେ ନିର୍ଭର କରୁଥିବା ଗ୍ରାମବାସୀ କହିଛନ୍ତିକ୍ତ ବସୁଧା ଯୋଜନା ମାଧ୍ୟମରେ ଗ୍ରାମର ସବୁ ଦିନିଆ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ସରକାର ଲକ୍ଷ୍ୟାଧିକ ଟଙ୍କା ଖର୍ଚ୍ଚ କରି ଗାଁ ମୁଣ୍ଡରେ ବସୁଧା ପାଣି ଟାଙ୍କି ନିର୍ମାଣ କରାଯାଇଛି।କିନ୍ତୁ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ଯାଏଁ ବିଶୁଦ୍ଧ ପାଣି ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ। ଠିକାଦାର ଓ ଓ ବିଭାଗୀୟ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ଗାଁରେ ବସୁଧା ଯୋଜନା ଫେଲ ମାରିଥିବା ଲୋକେ କହିଛନ୍ତି। ଗାଁରେ ପାନୀୟ ଜଳ ମୁଖ୍ୟ ସମସ୍ୟା ହୋଇ ରହିଛି ଯାହା ଦ୍ୱାରା ଗୁଡିପଡା, ଟିକ୍ରାପଡା ଓ ଭଙ୍ଗାଗୁଡା ୩ଟି ପଡ଼ାରେ ବସୁଧା ପାନୀୟ ଜଳ ପ୍ରକଳ୍ପ ପଥଭ୍ରଷ୍ଟ ହୋଇଛି। ଗ୍ରାମବାସୀ ଏ ସଂପର୍କରେ ବାରମ୍ବାର ପ୍ରଶାସନକୁ ଗୁହାରି କରିଆସୁଥିଲେ ହେଁ କୌଣସି ସ୍ଥାୟୀ ସମାଧାନ ନ ହେବା ବିଡ଼ମ୍ବନାର ବିଷୟ। ନହେବା ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ମନ୍ମଥ ମୁର୍ମୁଙ୍କୁ ଯୋଗାଯୋଗ କରିଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ତମ୍ବୁ ଲଗାଇବା ଉପରେ କଟକଣା

**ପଟ୍ଟାଙ୍ଗି,୩୦।୧୧(ସଂଚାର ବ୍ୟୁର):** କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତରେ ରହିଛି ଦେଓମାଳି ପର୍ଯ୍ୟଟନ ସ୍ଥଳ। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ରହିବାର ଏବଂ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ତମ୍ବୁର ବ୍ୟବସ୍ଥା କରାଯାଇଛି। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ପୂର୍ବରୁ ଗଣମାଧ୍ୟମ ଜରିଆରେ ଅବଗତ କରାଯାଇଛି। ହେଲେ ପର୍ଯ୍ୟଟକମାନେ ଏହାକୁ ଅଣଦେଖା କରି ନିଜେ କିମ୍ବା ଘରୋଇ ତମ୍ବୁ ଧରି ପର୍ଯ୍ୟଟନ ସ୍ଥଳକୁ ଆସୁଛନ୍ତି। ଫଳରେ ପ୍ରଶାସନର ନିୟମକୁ ଖୋଲାଖୋଲି ଉଲଂଘନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏକ କଟକଣା ଜାରି କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ପ୍ରଶାସନ ପକ୍ଷରୁ ତମ୍ବୁର ବ୍ୟବସ୍ଥା କରାଯାଇଥିବା ପୁଣି ଅବଗତ କରାଯାଇଛି। ଏପରିକି ପର୍ଯ୍ୟଟନସ୍ଥଳକୁ ତମ୍ବୁ ନ ଆଣିବା ପାଇଁ କଟକଣା ଜାରି କରାଯାଇଛି। ନିୟମ ଉଲଘଂନ କଲେ ଜରିମାନା ଦେବାକୁ ପଡିବ ବୋଲି ଏକ ନୋଟିସ ନଂ.୯୦୯୪/୨୪ ଅନୁଯାଇ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଜାରି କରାଯାଇଥିବା ଉପଜିଲାପାଳ ବେଣୁଧର ଶବର କହିଛନ୍ତି।

